R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୩୨
ତିଥି: ଦ୍ୱାଦଶୀ
୧୪ ଫେବୃଆରୀ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 132
14 February 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ବାଂଲାଦେଶ ନିର୍ବାଚନରେ ବିଏନ୍‌ପିର ବିପୁଳ ବିଜୟ

# ତାରିକ ରହମନ୍ ହେବେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩ ।୨ : ବାଂଲାଦେଶ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି । ୨୯୯ ଆସନରୁ ବିଏନ୍‌ପିକୁ ୨୧୨ ଆସନ ମିଳିବାର ସମ୍ଭାବନା ଦେଖାଦେଇଛି । ପ୍ରଥମଥର ପାଇଁ ବାଂଲାଦେଶରେ ଏକ ସ୍ଥିର ସରକାର ଲାଗି ବଡ ଜନମତ ଆସିଛି । ତେବେ ଜମାତ୍-ଇ-ଇସ୍‌ଲାମିକ୍ ଦଳକୁ ଝଟ୍‌କା ଲାଗିଛି । ଏହି ଦଳ ମାତ୍ର ୬୮ଟି ଆସନରେ ବିଜୟ ଲାଭ କରିଛି । ଦୀର୍ଘ ୨୦ ବର୍ଷର ଅପେକ୍ଷାରେ ପୂର୍ଣ୍ଣଛେଦ



ପକାଇ ବିଏନ୍‌ପି ଦେଶରେ ପରବର୍ତ୍ତୀ ସରକାର ଗଠନ କରିବାକୁ ଯାଉଛି । ତାରିକ ରହମନ୍ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି ।

ତାରିକ ରହମନ୍ ୧୭ ବର୍ଷ ଧରି ନିର୍ବାସନ ଦଣ୍ଡ ଭୋଗୁଥିଲେ । ସେକ୍ ହାସିନାଙ୍କ ସରକାର ସମୟରେ ତାଙ୍କୁ ଲଣ୍ଡନରେ ରହିବାକୁ ପଡୁଥିଲା । ୨୦୨୪ ଅଗଷ୍ଟରେ ବିକ୍ଷୋଭ ଯୋଗୁ ହାସିନା ଦେଶ ଛାଡ଼ିବା ପରେ ସେ ବାଂଲାଦେଶ ଫେରିଥିଲେ । ୨୦୦୮ ରୁ ୨୦୨୫ ଯାଏ ତାଙ୍କୁ ନିର୍ବାସନ ଦଣ୍ଡ ଭୋଗିବାକୁ ମିଳିଥିଲା । (୯ ପୃଷ୍ଠାରେ)

**ରହମନ୍‌ଙ୍କ ସହ କଥା ହୋଇ ମୋଦୀଙ୍କ ଶୁଭେଚ୍ଛା**

# କଂଗ୍ରେସ ନେତା କାହ୍ନୁ ଲେଙ୍କାଙ୍କ ପରଲୋକ

ଭୁବନେଶ୍ୱର, ୧୩ ।୨ (ସବ୍ୟୁ) : ବରିଷ୍ଠ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କର ପରଲୋକ ଘଟିଛି । ଶୁକ୍ରବାର

### ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୮୭ ବର୍ଷ ବୟସରେ ସ୍ୱର୍ଗତ ଲେଙ୍କାଙ୍କ ହୃଦଘାତରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ବ୍ୟକ୍ତ କରିଛନ୍ତି । କାହ୍ନୁ ଚରଣ ଲେଙ୍କାଙ୍କ



ପାର୍ଥିବ ଶରୀରକୁ ପ୍ରଥମେ ବିଧାନସଭା, ପରେ କଂଗ୍ରେସ ଭବନ ଏବଂ ତାପରେ ପୈତୃକ ଗାଁ ଅରଡ ନିଆଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ବଡ଼ ପୁଅ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି ।

ସ୍ୱର୍ଗତ ଲେଙ୍କା ଜଣେ ଜନପ୍ରିୟ ନେତା ଭାବେ ସ୍ୱତନ୍ତ୍ର ପରିଚୟ ଥିବାବେଳେ ସେ କଟକ ଚୌଦ୍ୱାର ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୧୯୭୧ରୁ ୧୯୭୩, ୧୯୭୪ରୁ ୧୯୭୭, ୧୯୮୦ରୁ ୧୯୮୫ ଏବଂ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ୪ ଥର (୯ ପୃଷ୍ଠାରେ)

# ପୁଣି କୃଷକ ଆନ୍ଦୋଳନ ଲାଗି ସଜବାଜ

ନୂଆଦିଲ୍ଲୀ, ୧୩ ।୨ : ଭାରତ ଓ ଆମେରିକା ବାଣିଜ୍ୟିକ ଚୁକ୍ତିକୁ ନେଇ ପୁଣି ଏକ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବାକୁ ଯାଉଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ବିଭିନ୍ନ ଚାଷୀ ସଂଗଠନର ନେତାଙ୍କ ସହ

### ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ବିରୋଧ
### ରାହୁଲଙ୍କୁ ଭେଟିଲେ ବିଭିନ୍ନ ଚାଷୀ ସଂଗଠନ ନେତା

ଆଲୋଚନା କରିଛନ୍ତି ଓ ଦେଶବ୍ୟାପୀ ଆନ୍ଦୋଳନ ନେଇ ଆଲୋଚନା କରିଛନ୍ତି । ବିଶେଷକରି ଭାରତ ଓ ଆମେରିକା ବାଣିଜ୍ୟିକ ଚୁକ୍ତି ପାଇଁ ମକ୍କା, ସୋୟାବିନ୍, କପା, ଫଳ ଓ ବାଦାମ ଆଦି ଚାଷୀମାନେ ପ୍ରଭାବିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ରାହୁଲ ଆଜି ବିଭିନ୍ନ ଚାଷୀ ନେତାମାନଙ୍କୁ ସାକ୍ଷାତ କରିଛନ୍ତି । ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି ସମ୍ପର୍କରେ ସେ ସେମାନଙ୍କୁ ବୁଝାଇଛନ୍ତି । ରାହୁଲ କହିଛନ୍ତି ଯେ ବାଣିଜ୍ୟିକ ଚୁକ୍ତି କୃଷି ସାମଗ୍ରୀ ଉତ୍ପାଦନ ଲାଗି ଦ୍ୱାର ଖୋଲିବ । ଖୁବ୍‌ଶୀଘ୍ର ଅନ୍ୟ ଉତ୍ପାଦଗୁଡ଼ିକ ମଧ୍ୟ ଅନ୍ୟ ଦେଶରୁ ଆସିବ । ତେବେ ଜାତୀୟ ସ୍ତରରେ ଏହି ଚୁକ୍ତିକୁ ବିରୋଧ କରି ବଡ ଧରଣର ଆନ୍ଦୋଳନ କରିବାକୁ ରାହୁଲ ସେମାନଙ୍କୁ କହିଥିଲେ । ରାହୁଲଙ୍କୁ ଆଜି ଅଲ୍ ଇଣ୍ଡିଆ କିଷାନ କଂଗ୍ରେସ ମୁଖ୍ୟ ସୁଖପାଲ ଏସ୍ ଖରିଆ, ଭାରତୀୟ କିଷାନ ମଜଦୁର ୟୁନିୟନ୍‌ର ଅଶୋକ ବାଲହରା, ବିକେୟୁ କ୍ରାନ୍ତିକାରୀର ବଲ୍‌ଦେବ୍ ଏସ୍ ଜିରା, ପ୍ରୋଗ୍ରେସିଭ୍ ଫାର୍ମର ଫ୍ରଣ୍ଟର ଆର୍ ନନ୍ଦକୁମାର, ବିକେୟୁର ସହିଦ ଭଗତ୍‌ସିଂହ, କିଷାନ ମଜଦୁର ମୋର୍ଚ୍ଚାର ଗୁରୁମନୀତ୍ ଏସ୍ ମଙ୍ଗତ ପ୍ରମୁଖ ସାକ୍ଷାତ କରିଥିଲେ । ରାହୁଲ ଗାନ୍ଧୀ କହିଥିଲେ (୯ ପୃଷ୍ଠାରେ)

### ନବରଙ୍ଗପୁରରେ ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ୪ ବର୍ଷରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ୧ ଲକ୍ଷରୁ ଉର୍ଦ୍ଧ୍ୱ

ଭୁବନେଶ୍ୱର, ୧୩ ।୨ (ସବ୍ୟୁ) : ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ତେଣୁ ତାଙ୍କ ଦର୍ଶନ ପାଇଁ କୌଣସି ବାଧା ରହିବା ଉଚିତ ନୁହେଁ । ପ୍ରତିଟି ଓଡିଆ ଯେପରି ଜୀବନରେ ଅନ୍ତତଃ ଥରେ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ ପାଇବେ, ଏହି ଚିନ୍ତାଧାରା ରଖି ଆମ ସରକାର ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନାର ଶୁଭାରମ୍ଭ ଏବଂ



ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଯେଉଁ ଦିନ ପ୍ରତିଟି ଗରିବ ଲୋକ ବିନା କୌଣସି ବାଧାରେ ମହାପ୍ରଭୁଙ୍କ ଚକାନୟନ ସହ ଆଖି ମିଳାଇ ପାରିବ ଏବଂ ଶ୍ରଦ୍ଧାରେ ଲୁହ ଝରାଇବ, ସେହିଦିନ ହିଁ ମୋର ମୁଖ୍ୟମନ୍ତ୍ରୀ ପଦ ସାର୍ଥକ ହେବ ଏବଂ

### ନବରଙ୍ଗପୁରରେ ୪୪୬ କୋଟିର ୧୭୭ ପ୍ରକଳ୍ପ

ମୋ ପାଇଁ ସେହି ଭକ୍ତର ସନ୍ତୋଷ ହିଁ ହେବ ସର୍ବଶ୍ରେଷ୍ଠ ପୁରସ୍କାର । ସୂଚନାଯୋଗ୍ୟ ଯେ, (୯ ପୃଷ୍ଠାରେ)

## ମଣିପୁର ହିଂସା ମାମଲା ଶୁଣାଣି ହାଇକୋର୍ଟ ତତ୍ତ୍ୱାବଧାନରେ

ନୂଆଦିଲ୍ଲୀ, ୧୩ ।୨ : ମଣିପୁର ହିଂସାର ଶୁଣାଣି ଉଭୟ ମଣିପୁର ଓ ଗୌହାଟି ହାଇକୋର୍ଟର ତତ୍ତ୍ୱାବଧାନରେ କରିବା ପାଇଁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ଓ ମଣିପୁର ସରକାରଙ୍କୁ କହିଛନ୍ତି । ଏହାଛଡା ଜଷ୍ଟିସ୍ ଗୀତା ମିତଲ ପ୍ୟାନେଲ୍ କ୍ଷତିଗ୍ରସ୍ତମାନଙ୍କ ଥଇଥାନ ପାଇଁ ଯେଉଁ ସୁପାରିଶ କରିଛନ୍ତି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ କହିଛନ୍ତି ।

ସୁପ୍ରିମ୍‌କୋର୍ଟ ସିବିଆଇକୁ କହିଛନ୍ତି ଯେ ୨୦୨୩ ମଣିପୁର ଜାତିଆଣ ହିଂସାକୁ ନେଇ ଯେଉଁ ୧୧ ଏତଲାକୁ ନେଇ ତଦନ୍ତ ଚାଲିଛି ତା’ର ସ୍ଥିତାବସ୍ଥା ରିପୋର୍ଟ ଦୁଇ ସପ୍ତାହରେ ଦାଖଲ କର । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ( ୯ ପୃଷ୍ଠାରେ)

## ପରିବାରର ୪ ସଦସ୍ୟଙ୍କ ସମେତ ୬ ଜଣଙ୍କୁ ମାରିଲା ହାତୀ

ନୂଆଦିଲ୍ଲୀ, ୧୩ ।୨ : ଝାଡଖଣ୍ଡ ହଜାରୀବାଗ ଜିଲ୍ଲାରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଜଙ୍ଗଲୀ ହାତୀପଲ୍ଲଙ୍କ ହାବୁଡରେ ଗୋଟିଏ ପରିବାର ପଡିଯିବାରୁ ୪ ସଦସ୍ୟଙ୍କ ସମେତ ୬ ଜଣଙ୍କୁ ହାତୀ ଦଳି ମାରିଦେଇଛି । ବନ ଅଧିକାରୀଙ୍କ ସୂଚନା ଅନୁଯାୟୀ କିଛିଦିନ ଧରି ଅନେକ ଲୋକଙ୍କୁ ହାତୀ ଦଳ ଆକ୍ରମଣ କରୁଥିଲେ । ଗୁରୁବାର ରାତିରେ ଚର୍ହୁ ବ୍ଲକ୍‌ର ଗୋଣ୍ଡୱାରା ଗାଁରେ ପ୍ରବେଶ କରି ଶୁକ୍ରବାର ଭୋର୍ ସମୟରେ ୬ ଜଣଙ୍କୁ ଦଳି ଦେଇଛି । ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ସଦସ୍ୟ ଅଛନ୍ତି । ଗୋଟିଏ ପିଲା ମଧ୍ୟ ଗୁରୁତର ଆହତ ହୋଇଛି । ଚିକିତ୍ସା ପାଇଁ ହଜାରୀବାଗ୍ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କିଛିଦିନ ଧରି ବୋକାରୋ, ରାମଗଡ ଏବଂ ହଜାରୀବାଗ୍ ଜିଲ୍ଲାରେ ବୁଲୁଥିବା ହାତୀ ଦଳିଦେଇଥିଲା ଏବଂ ପୂର୍ବରୁ ବୋକାରୋରେ ବ୍ୟାପକ କ୍ଷତି ପହଞ୍ଚାଇଛି ।

**ଏସିଡ଼ ମାଡ଼ ମାମଲା**

# ଅଭିଯୁକ୍ତ ଚନ୍ଦନ ରଣାକୁ ମୃତ୍ୟୁ ଦଣ୍ଡାଦେଶ

ବାଲେଶ୍ୱର, ୧୩ ।୨ (ସବ୍ୟୁ) : ବହୁଚର୍ଚ୍ଚିତ ସହଦେବଖୁଣ୍ଟା ଥାନା ଅଧୀନ ଭୀମପୁରା ଅଞ୍ଚଳରେ ଜଣେ ମହିଳାଙ୍କୁ ଏସିଡ ଫିଙ୍ଗି ହତ୍ୟାକରିଥିବା ଅଭିଯୋଗରେ ଅଭିଯୁକ୍ତ ଚନ୍ଦନ ରଣାଙ୍କୁ ମୃତ୍ୟୁଦଣ୍ଡ ରାୟ ଶୁଣାଇଛନ୍ତି ଏସସିଏସଟି ଅଦାଲତର ସ୍ୱତନ୍ତ୍ର ବିଚାରପତି ଡକଫର ଅବଦୁଲ ସମିମ୍ ଅଖତର ।

ମିଳିଥିବା ସୂଚନାରୁ ପ୍ରକାଶ ୨୦୨୩ ମସିହା ଫେବୃୟାରୀ ମାସ ୨୦ ତାରିଖ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭିମପୁରା ଅଞ୍ଚଳରେ ରହୁଥିବା କାର୍ତ୍ତିକ ସିଂ ଙ୍କର ସାନଝିଅ ବନିତା, ବଡ଼ଝିଅ ବର୍ଷା ଓ ନାତି ନାତୁଣୀ ରହୁଥିଲେ । ବନିତାଙ୍କ ସହ ନୀଳଗିରି କାଣ୍ଡଗରଡି ଅଞ୍ଚଳର



ଚନ୍ଦନ ରଣାଙ୍କ ସହ ସମ୍ପର୍କ ହୋଇଥିଲା । ଚନ୍ଦନ ବିବାହିତ ଥାଇ ବନିତାଙ୍କ ସହ ଭୀମପୁରାରେ ରହୁଥିଲେ । କୌଣସି କାରଣରୁ ଦୁହିଙ୍କ ମଧ୍ୟରେ ( ୯ ପୃଷ୍ଠାରେ)

### ହଙ୍ଗାମା ଯୋଗୁଁ ଚାଲିପାରିଲାନି ପ୍ରଥମାର୍ଦ୍ଧ ଅଧିବେଶନ

# ମାର୍ଚ୍ଚ ୯ ଯାଏଁ ସଂସଦ ମୁଲତବୀ

ନୂଆଦିଲ୍ଲୀ, ୧୩ ।୨ : ସଂସଦର ବଜେଟ୍ ଅଧିବେଶନ ଆଜିଠୁ ମାର୍ଚ୍ଚ ୯ ଯାଏ ମୁଲତବୀ ହୋଇଛି । ଉଭୟ ଗୃହରେ ହଟ୍ଟଗୋଳ ଯୋଗୁ ପ୍ରାୟ ୧୨ ଦିନ ତଳେ ଆରମ୍ଭ ହୋଇଥିବା ସଂସଦ ଅଧିବେଶନ ଚାଲିପାରିନଥିଲା । ତେବେ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହୋଇ ମାର୍ଚ୍ଚ ୯ ଯାଏ ମୁଲତବୀ କରାଯାଇଛି ।

ବଜେଟ୍ ଅଧିବେଶନ ଆରମ୍ଭରୁ ସଂସଦର ଉଭୟ ଗୃହରେ ହଟ୍ଟଗୋଳ ଦେଖିବାକୁ ମିଳିଥିଲା । ବିଶେଷକରି ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି, ପୂର୍ବ ସେନାମୁଖ୍ୟ ଏମ୍ଏମ୍ ନରଭାଣେଙ୍କ



ଅପ୍ରକାଶିତ ପୁସ୍ତକକୁ ନେଇ ସଂସଦରେ ବେଶ୍ ଉଷ୍ମ ବାତାବରଣ ସୃଷ୍ଟି ହୋଇଥିଲା । ବଜେଟ୍ ଅଧିବେଶନରେ ଭାରତ ଓ ଆମେରିକା ବାଣିଜ୍ୟିକ ଚୁକ୍ତି ସମ୍ପର୍କରେ ଉଭୟ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ । ଏହି ମୁଲତବୀ ଅବଧି ମଧ୍ୟରେ ଷ୍ଟାଣ୍ଡିଂ କମିଟିଗୁଡ଼ିକ କେନ୍ଦ୍ର ବଜେଟ୍‌ରେ ବିଭିନ୍ନ ବିଭାଗକୁ ବ୍ୟୟବରାଦ ହୋଇଥିବା ଅର୍ଥ ସମ୍ପର୍କରେ ସମୀକ୍ଷା କରିବେ । ଆଜି ଲୋକସଭାରେ ପ୍ରଥମେ ଏକ ଘଣ୍ଟା ପାଇଁ ଗୃହକୁ ମୁଲତବୀ କରାଯାଇଥିଲା । ବିରୋଧୀ ଦଳ ସାଂସଦମାନେ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀଙ୍କ ଇସ୍ତଫା ଦାବି କରିଥିଲେ । ସେହିଭଳି ବିରୋଧୀ ସଦସ୍ୟମାନେ ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟିକ ଚୁକ୍ତିକୁ ବିରୋଧ କରିଥିଲେ । ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହକୁ ସମ୍ବୋଧିତ କରିଥିଲେ । ସେହିଭଳି ରାଜ୍ୟସଭାରେ ମଧ୍ୟ ହଟ୍ଟଗୋଳ ଯୋଗୁ ମାର୍ଚ୍ଚ ୯ ଯାଏ ଗୃହକୁ ମୁଲତବୀ କରାଯାଇଛି । ରାଜ୍ୟସଭାରେ ଶୂନ୍ୟକାଳ ପରେ ଗୃହକୁ ମଧ୍ୟାହ୍ନ ୧ଟା ଯାଏ ମୁଲତବୀ କରାଯାଇଥିଲା । ତେବେ ଫେବୃଆରୀ ୨ରୁ ଲୋକସଭାରେ ( ୯ ପୃଷ୍ଠାରେ)

# ରାୟଗଡ଼ା ସହରରେ ପୁଣି ମାଓ ବ୍ୟାନର

ରାୟଗଡା, ୧୩ ।୨ (ସବ୍ୟୁ): ରାୟଗଡ ସହର ଉପକଣ୍ଠରେ ମାଓବାଦୀଙ୍କ ବ୍ୟାନର ଲଗେଇ ପୁଣି ସ୍ଥିତି ଜାହିର କଲେ ମାଓବାଦୀ । ଏହି ବ୍ୟନରରେ ଆଉ ଦୁଇଜଣଙ୍କ ନାମ ଦେଖିବାକୁ ମିଳିଛି । ରାଜ୍ୟ ସମ୍ପାଦକ ମେଘ ଜାନି ଏବଂ କେବିକେ ଡିଭିଜନର ଡମ୍ବାଇ ଜାନି । ସହରର ଲୋକେ ପ୍ରାତଃ ଭ୍ରମଣ କରିବାକୁ ଯିବା ରାସ୍ତାରେ ଥିବା ଧୁମାଗୁଡା ଗ୍ରାମର ବସଷ୍ଟପ ଠାରୁ ତିନୋଟି ସ୍ଥାନରେ ବ୍ୟାନର ଲଗାଇ ନିଜର ଉପସ୍ଥିତ ଜାହିର କରିଛନ୍ତି । ଗୋଟିଏ ପଟେ ରାଜ୍ୟ କ୍ୟାଡର ନିଖିଲ ଏବଂ ଇନ୍ଦୁଙ୍କ ଆତ୍ମସମର୍ପଣ ।

ଅପରପକ୍ଷରେ ମାର୍ଚ୍ଚ ଶେଷ ସୁଦ୍ଧା ମାଓବାଦୀ ମୁକ୍ତ ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ ସହର ଖୁବ ପାଖ ଧୁମାଗୁଡାରେ ବ୍ୟାନର ଲାଗଯିବା ଅନେକ ବିଷୟ ଆଡକୁ ଚିନ୍ତା ପ୍ରକଟ କରିବାକୁ ବାଧ କରୁଛି । ନିଖିଲଙ୍କ ଆତ୍ମସମର୍ପଣ ପରେ ସେ ଆଦିବାସୀ ବିରୋଧୀ ବୋଲି ବ୍ୟାନରରେ ଉଲ୍ଲେଖ ରହିଛି । କେବଳ ନିଖିଲଙ୍କ କଥା ନୁହେଁ ସବ୍ୟସାଚୀ ପଣ୍ଡା ଏବଂ ଆଜାଦ ଏମାନେ ଆଦିବାସୀ ନଥିଲେ । ଆଦିବାସୀଙ୍କୁ ମାଓ ସଙ୍ଗଠନରେ ରଖି ଅତ୍ୟାଚାର କରୁଥିଲେ ବୋଲି ବ୍ୟାନରରେ ଲେଖାହୋଇଛି । ସେହିପରି ସମାନ ବ୍ୟାନର କଲ୍ୟାଣସିଂପୁର ବୁଡାଗୁଡା ପଞ୍ଚାୟତ କୁମ୍ଭାରଗୁଡା ଗ୍ରାମର ନିକଟସ୍ଥ ଗୋଟିଏ ଗଛରେ ଲାଗିଥିବା ଦେଖିବା ମିଳିଛି । ( ୯ ପୃଷ୍ଠାରେ)




## ପ୍ରୋଟିନ ଅଭାବର ଲକ୍ଷଣ

ଶରୀର ପାଇଁ ପ୍ରୋଟିନ୍ ବା ପୁଷ୍ଟିସାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ। ଆମର କୋଷ, ମାଂସପେଶୀ, ଚର୍ମ ଏବଂ କେଶ ସବୁକିଛି ପ୍ରୋଟିନ୍‌ରେ ତିଆରି ହୋଇଥାଏ। ତେଣୁ ଆମ ଶରୀରରେ ପ୍ରୋଟିନର ଆବଶ୍ୟକତା ଖୁବ ଅଧିକ । ତେବେ ପ୍ରୋଟିନ୍‌ର ଚାହିଦା ବ୍ୟକ୍ତିର ଓଜନ, ବୟସ ଏବଂ ଶାରୀରିକ ପରିଶ୍ରମ ଉପରେ ନିର୍ଭର କରେ। ଜଣେ ସାଧାରଣ ବୟସ୍କ ବ୍ୟକ୍ତିଙ୍କୁ ତାଙ୍କ ଶରୀରର ପ୍ରତି କିଲୋଗ୍ରାମ ଓଜନ ପାଇଁ ୦.୮ ରୁ ୧ ଗ୍ରାମ୍ ପ୍ରୋଟିନ୍ ଦରକାର। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ଓଜନ ୬୦ କିଲୋ, ତେବେ ଆପଣଙ୍କୁ ଦିନକୁ ପ୍ରାୟ ୪୮-୬୦ ଗ୍ରାମ୍ ପ୍ରୋଟିନ୍ ଆବଶ୍ୟକ। ତେବେ ସେହିଭଳି ଯେଉଁମାନେ ଭାରି ଶାରୀରିକ ପରିଶ୍ରମ କରନ୍ତି, ସେମାନଙ୍କୁ ପ୍ରତି କିଲୋ ଓଜନ ପାଇଁ ୧.୨ ରୁ ୨ ଗ୍ରାମ୍ ପର୍ଯ୍ୟନ୍ତ ପ୍ରୋଟିନ୍ ଦରକାର ହୋଇପାରେ। ବୟସ୍କ ବ୍ୟକ୍ତିଙ୍କୁ ମାଂସପେଶୀ କ୍ଷୟ ରୋକିବା ପାଇଁ ଏବଂ ଶିଶୁଙ୍କର ଶାରୀରିକ ବୃଦ୍ଧି ପାଇଁ ଅଧିକ ପ୍ରୋଟିନ୍ ଆବଶ୍ୟକ ହୁଏ। ତେଣୁ ଦୈନନ୍ଦିନ ଖାଦ୍ୟରେ ପ୍ରୋଟିନର ମାତ୍ରାରେ ଆମକୁ ସନ୍ତୁଳନ ରଖିବାର ଅଛି । ଆସନ୍ତୁ ଜାଣିବା କେଉଁଥିରୁ ଏହି ପ୍ରୋଟିନ ମିଳିବ ।

**ଶାକାହାରୀ**

- ଡାଲି ଓ ଶସ୍ୟଜାତୀୟ ଖାଦ୍ୟ ଯଥା ମୁଗ, ହରଡ଼, ବିରି ଏବଂ ଚଣା ଡାଲି ପ୍ରୋଟିନ୍‌ର ଭଲ ଉତ୍ସ।
- କ୍ଷୀରରୁ ପ୍ରସ୍ତୁତ ଦ୍ରବ୍ୟ ଯେପରି ପନିର, କ୍ଷୀର ଆଦିରେ ଉଚ୍ଚ ମାନର ପ୍ରୋଟିନ୍ ଥାଏ।
- ଶାକାହାରୀ ଖାଦ୍ୟ ମଧ୍ୟରେ ସୋୟାବିନ୍‌ରେ ସବୁଠାରୁ ଅଧିକ ପ୍ରୋଟିନ୍ ଥାଏ।
- ଏହାସହ ଚିନାବାଦାମ, କାଜୁ, ଆଲମଣ୍ଡ ଏବଂ ବିଭିନ୍ନ ପ୍ରକାରର ମଞ୍ଜିରେ ପ୍ରୋଟିନ୍ ଭରପୂର ରହିଥାଏ।

**ଆମିଷ-** ଅଣ୍ଡା ପ୍ରୋଟିନ୍‌ର ସବୁଠାରୁ ଶସ୍ତା ଏବଂ ଉତ୍ତମ ମାନର ଉତ୍ସ ଅଟେ। ଗୋଟିଏ ଅଣ୍ଡାରୁ ପ୍ରାୟ ୬ ଗ୍ରାମ୍ ପ୍ରୋଟିନ୍ ମିଳିଥାଏ ।

- କୁକୁଡ଼ା ମାଂସରେ କମ୍ ଚର୍ବି ଏବଂ ଅଧିକ ପ୍ରୋଟିନ୍ ଥାଏ। ତେଣୁ ଏହା ଖୁବ ଭଲ ବିକଳ୍ପ ହୋଇଥାଏ ପ୍ରୋଟିନ ପାଇଁ ।
- ମାଛରେ ପ୍ରୋଟିନ୍ ସହିତ ଓମେଗା-୩ ଫ୍ୟାଟି ଏସିଡ୍ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର। ତେଣୁ ଖାଦ୍ୟରେ ମାଛକୁ ସାମିଲ କରନ୍ତୁ ।

ପ୍ରୋଟିନ୍ ଅଭାବର ଲକ୍ଷଣ

- ପ୍ରୋଟିନ୍ ଅଭାବରେ ମାଂସପେଶୀ କ୍ଷୟ ହେବାକୁ ଲାଗେ, ଫଳରେ ଶୀଘ୍ର ଥକ୍କାପଣ ଅନୁଭବ ହୁଏ।
- କେଶ ଝଡ଼ିବା, କେଶ ପତଳା ହେବା ଏବଂ ଚର୍ମ ଶୁଷ୍କ ହୋଇ ଫାଟିବା ପ୍ରୋଟିନ୍ ଅଭାବର ମୁଖ୍ୟ ସଙ୍କେତ।
- ନଖ ବାରମ୍ବାର ଭାଙ୍ଗିଯିବା ବା ସେଥିରେ ଧଳା ଦାଗ ପଡ଼ିବା ପ୍ରୋଟିନ୍ କମ୍ ଥିବାର ସୂଚନା ଦିଏ।
- ପ୍ରୋଟିନ୍ ଅଭାବ ହେଲେ ରକ୍ତରେ ଥିବା ଆଲବୁମିନ୍‌ର ମାତ୍ରା କମିଯାଏ, ଯାହାଦ୍ୱାରା ପାଦ, ଗୋଡ଼ ଓ ହାତ ଫୁଲିଯାଏ। ତେବେ ସବୁ ଗୋଡ ଫୁଲିବା ପ୍ରୋଟିନ ଅଭାବର ଲକ୍ଷଣ ହୋଇନଥାଏ, ତେଣୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ବାରମ୍ବାର ଶୀଘ୍ର ସଂକ୍ରମିତ ହେବା ବା ଥଣ୍ଡା କାଶ ନଛାଡ଼ିବା ମଧ୍ୟ ପ୍ରୋଟିନ୍ ଅଭାବ ଯୋଗୁଁ ହୋଇପାରେ, କାରଣ ଶରୀରରେ ଆଣ୍ଟିବଡି ଗଠନ ପାଇଁ ପ୍ରୋଟିନ୍ ଦରକାର।
- ଯଦି ଆପଣଙ୍କୁ ବାରମ୍ବାର ମିଠା ବା ଲୁଣିଆ ଖାଦ୍ୟ ଖାଇବାକୁ ଇଚ୍ଛା ହେଉଛି, ତେବେ ଏହା ଆପଣଙ୍କ ଖାଦ୍ୟରେ ପ୍ରୋଟିନ୍ କମ୍ ଥିବାର ଏକ ସୂଚନା।
- ଉପରୋକ୍ତ କୌଣସି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି ।



## ସୋସିଆଲ କୋର୍ଟ



ଗୁଜବ କେବେ ବି ଖବର ହୋଇପାରିବ ନାହିଁ। ମୋ ନାଁରେ ଅନେକ ଗୁଜବ ହୋଇଥାଏ । ବେଳେବେଳେ ମୋତେ ବାହା କରିଦେଉଛନ୍ତି ଆଉ କେତେବେଳେ ମାଆ ବନେଇ ଦଉଛନ୍ତି ।

ମୃଣାଳ ଠାକୁର, ଅଭିନେତ୍ରୀ



ଦର୍ଶକ ସବୁବେଳେ ଫିଲ୍ମ ଦେଖନ୍ତି, ଭଲ ଫିଲ୍ମକୁ ଭଲ ଫିଡବ୍ୟାକ ମିଳେ । ବାକି ଅନେକ ସମୟରେ ଲୋକମାନେ ବିଭିନ୍ନ କଥା କହିବେ । ସେ ସବୁବେ ଧ୍ୟାନ ଦିଏ ନାହିଁ , କର୍ମ କରିଥାଏ ।

ସନି ଦେଓଲ, ଅଭିନେତା



ଲଭରେ ଅନେକ୍ସି ଆଗ ଆସିଥାଏ । ଜଣଙ୍କ ସହିତ ସମ୍ପର୍କରେ ରହି ଅନ୍ୟଜଣଙ୍କ ସହ କେବଳ ମେସେଜରେ ପ୍ରେମ ସମ୍ବନ୍ଧିତ କଥା ହେବା ବି ଚିଟିଂ ହୋଇଥାଏ । ଏହାକୁ ଇମୋସନାଲ ଚିଟିଂ କୁହାଯାଇଥାଏ ।

ସନାୟା କପୁର, ଅଭିନେତ୍ରୀ

## ସଡ଼କ ଗାଉଛି ଗୀତ

ମୁମ୍ବାଇର ଏକ ରାସ୍ତା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟୁଛି । ମୁମ୍ବାଇର କୋଷ୍ଟାଲ ରୋଡ ପାଲଟିଛି ଭାରତର ପ୍ରଥମ ମ୍ୟୁଜିକାଲ ରୋଡ। ଏହି ରାସ୍ତାରେ ଗାଡି ଯିବା ସମୟରେ ଏହି ରାସ୍ତାରୁ ଏ ଆର ରେହମାନଙ୍କ ଗୀତ ଜୟ ହୋ ଶୁଣିବାକୁ ମିଳୁଛି । ତେବେ ଏହା କୌଣସି ସ୍ପିକର ସିଷ୍ଟମ ନୁହେଁ ବରଂ ଇଞ୍ଜିନିୟରିଂ ଟେକନିକର କମାଲ । ରାସ୍ତାର ଗୋଟିଏ ଲେନରେ ଏହି ବ୍ୟବସ୍ଥା କରାଯାଇଛି । ଯେତେବେଳେ ରାସ୍ତାରେ ଗାଡି ଚାଲିଥାଏ ସେତେବେଳେ ଭାଇବ୍ରେସନ କାରଣରୁ ସଙ୍ଗୀତ ଉତ୍ପନ୍ନ ହୋଇଥାଏ । ଏଥିପାଇଁ ସ୍ଲମଡଗ ମିଲେନିଅରର ଓସ୍କାର ଜିତିଥିବା ଗୀତ ଜୟ ହୋ କୁ ଚୟନ କରାଯାଇଛି । ଏହି ଗୀତ ସାରା ବିଶ୍ୱରେ ଭାରତୀୟ ସଙ୍ଗୀତକୁ ଏକ ପରିଚୟ ଦେଇଥିଲା ତେଣୁ ଏହି ଗୀତକୁ ଚୟନ କରାଯାଇଥିବା ଜଣା ପଡିଛି । ଏହା ଦେଶର ପ୍ରଥମ ମ୍ୟୁଜିକାଲ ରୋଡ ପ୍ରୋଜେକ୍ଟ । ବିଶ୍ୱରେ ଚାରୋଟି ଦେଶ ରହିଛି ଯେଉଁଥିରେ ଏହି ଟେକନିକକୁ ଫଲୋ କରାଯାଇଛି ।



## ଆଣ୍ଟାର୍କଟିକାର ରକ୍ତ ଜଳପ୍ରପାତ !



ବିଶ୍ୱର ସବୁଠାରୁ ଶୀତଳ ସ୍ଥାନ ଭାବେ ପରିଚିତ ଆଣ୍ଟାର୍କଟିକାର ମ୍ୟାକମୁର୍ଡୋ ଡ୍ରାଏ ଭ୍ୟାଲିରେ ଏକ ଅତି ବିଚିତ୍ର ତଥା ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ମିଳିଛି । ଏଠାରେ ଧଳା ବରଫର ସ୍ତର ମଧ୍ୟରୁ ଏକ ଲାଲ ରଙ୍ଗର ଜଳପ୍ରପାତ ବୋହୁଥିବା ଦେଖିବାକୁ ମିଳୁଛି । 'ଆଣ୍ଟାର୍କଟିକା ଜର୍ଣ୍ଣାଲ'ର ରିପୋର୍ଟ ଅନୁଯାୟୀ, ଏହାକୁ 'ବ୍ଲଡ୍ ଫଲ୍‌ସ' ବା ରକ୍ତ ଜଳପ୍ରପାତ କୁହାଯାଏ । ପ୍ରଥମଥର ୧୯୧୧ ମସିହାରେ ଅଷ୍ଟ୍ରେଲୀୟ ଭୂବିଜ୍ଞାନୀ ଥୋମାସ୍ ଗ୍ରିଫିଥ୍ ଟେଲର୍ ଏହାର ଆବିଷ୍କାର କରିଥିଲେ । ପ୍ରଥମେ ଏହା ଏକପ୍ରକାର ଲାଲ ରଙ୍ଗର ଶୈବାଳ ଯୋଗୁଁ ହେଉଥିବା ବୈଜ୍ଞାନିକମାନେ ଅନୁମାନ କରୁଥିଲେ । ହେଲେ ବାସ୍ତବରେ, ଏହି ପାଣି ଟେଲର୍ ଗ୍ଲେସିୟର୍ ତଳେ ପ୍ରାୟ ୨୦ ଲକ୍ଷ ବର୍ଷ ଧରି ପୃଥିବୀରୁ ବିଚ୍ଛିନ୍ନ ହୋଇ ରହିଥିବା ଏକ ପ୍ରାଚୀନ ଲୌହ-ଯୁକ୍ତ ହ୍ରଦରୁ ବାହାରୁଛି । ସୂର୍ଯ୍ୟ କିରଣ ଏବଂ ବାୟୁ ସଂସ୍ପର୍ଶରୁ ଦୂରରେ ଥିବା ଏହି ଅତ୍ୟଧିକ ଲୁଣିଆ ପାଣି ବରଫରେ ପରିବର୍ତ୍ତିତ ହୋଇନଥାଏ । ହେଲେ ଯେତେବେଳେ ଏହା ବରଫର ଫାଟ ଦେଇ ବାହାରକୁ ଆସି ବାୟୁମଣ୍ଡଳର ଅମ୍ଳଜାନ ସହ ମିଶେ, ସେତେବେଳେ ଏହା ଲାଲ ରଙ୍ଗରେ ପରିବର୍ତ୍ତିତ ହୋଇଥାଏ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## ବଢୁଛି ବୟସ୍କଙ୍କ ଖେଳନା କିଣା



ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱର ସର୍ବବୃହତ ଟୟ୍ ଫେୟାର୍ ବା କଣ୍ଢେଇ ମେଳାରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିଛି । ଏହି ମେଳାରେ ରେସିଂ କାର୍ ଟ୍ରାକ୍ ଏବଂ 'ଷ୍ଟ୍ରେଞ୍ଜର୍ ଥିଙ୍ଗସ୍' ଫିଗର୍ ଭଳି ଦୋକାନଗୁଡ଼ିକରେ ପିଲାଙ୍କ ଅପେକ୍ଷା ବୟସ୍କ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା । ଖେଳନା ଦୁନିଆର ଏହି ନୂଆ ପରିବର୍ତ୍ତନକୁ 'କିଡଲ୍ଟ' କୁହାଯାଉଛି, ଯେଉଁଠାରେ ବୟସ୍କମାନେ ନିଜ ପାଇଁ ଖେଳନା କିଣୁଛନ୍ତି । ଏକ ରିପୋର୍ଟ ଅନୁଯାୟୀ ୨୦୨୩ରେ ବିଶ୍ୱସ୍ତରୀୟ ଖେଳନା ବିକ୍ରି ୭% ବଢ଼ିବାର ମୁଖ୍ୟ କାରଣ ମଧ୍ୟ ଏହି ବୟସ୍କ ସାଜିଛନ୍ତି । ୟୁରୋପୀୟ ବଜାରରେ ବୟସ୍କ ଗ୍ରାହକଙ୍କ ଅଂଶ ଦୁଇଗୁଣିତ ହୋଇଥିବା ବେଳେ କମ୍ପାନୀଗୁଡ଼ିକ ମଧ୍ୟ ୯୦ ହଜାର ଟଙ୍କାର 'ଷ୍ଟାର୍ ୱାର୍ସ ଲେଗୋ ଡେଥ୍ ଷ୍ଟାର୍' କିମ୍ବା ୧୧ ହଜାର ଟଙ୍କାର ହେଲମେଟ୍ ଭଳି ଦାମୀ ଖେଳନା ପ୍ରସ୍ତୁତ କରି ସେମାନଙ୍କୁ ଆକର୍ଷିତ କରୁଛନ୍ତି । ଗବେଷକଙ୍କ ମତରେ ଏହା କେବଳ ପିଲାଦିନର ସ୍ମୃତିକୁ ଫେରିବାର ପ୍ରୟାସ ନୁହେଁ, ବରଂ ବୟସ୍କମାନେ ନିଜ ଶୈଳୀରେ ମନୋରଞ୍ଜନ ଓ ମାନସିକ ଶାନ୍ତି ଖୋଜୁଛନ୍ତି । ଭାରତରେ ମଧ୍ୟ ଏହି ଟ୍ରେଣ୍ଡ ଦ୍ରୁତ ଗତିରେ ବଢୁଛି, ବିଭିନ୍ନ ସ୍ଥାନରେ ବୟସ୍କଙ୍କ ଖେଳନା କିଣିବା ବଢ଼ିଛି ।

## ଆତ୍ମବିଶ୍ୱାସ ଦେଇଛି ସଫଳତା



ଦିଲ୍ଲୀର ବସନ୍ତ ବିହାରସ୍ଥିତ ଏୟାର ଇଣ୍ଡିଆ କଲୋନୀରେ ବଢ଼ିଥିବା ଅଭିନେତ୍ରୀ ତ୍ରିଧି ଡିମ୍ରିଙ୍କର ଅଭିନୟ ପାଇଁ ଦୁର୍ବଳତା ପିଲାଦିନରୁ ହିଁ ଥିଲା । ତାଙ୍କ ପିତା ଦିନେଶ ଡିମ୍ରି ଜଣେ ସକ୍ରିୟ ରାମଲୀଳା କଳାକାର ଥିଲେ ଯାହାର ପ୍ରଭାବ ତ୍ରିପ୍ତିଙ୍କ ଉପରେ ପଡିଥିଲା । ତେବେ ଏଥିପାଇଁ ତ୍ରିପ୍ତିଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା । ଦିଲ୍ଲୀ ପବ୍ଲିକ ସ୍କୁଲରୁ ଡାକଣ ଏବଂ ଶ୍ରୀ ଅରବିନ୍ଦ କଲେଜରୁ ସମାଜବିଜ୍ଞାନରେ ସ୍ନାତକ ହାସଲ କରିଥିଲେ ତ୍ରିପ୍ତି । ତେବେ ବନ୍ଧୁଙ୍କ ଦ୍ୱାରା କରାଯାଇଥିବା ଫଟୋସୁଟ ତାଙ୍କୁ ମଡେଲିଂ ଦୁନିଆଁକୁ ବାଟ କଢ଼ାଇଥିଲା । ସନ୍ତୁର ସାବୁନର ବିଜ୍ଞାପନରୁ କ୍ୟାରିୟର ଆରମ୍ଭ କରିଥିଲେ ତ୍ରିପ୍ତି । ତେବେ ପ୍ରଥମରୁ ଅଡିସନରେ ବାରମ୍ବାର ମିଳୁଥିବା ପ୍ରତ୍ୟାଖ୍ୟାନ ସତ୍ତ୍ୱେ ସେ ହାର ମାନିନଥିଲେ । ଶ୍ରୀଦେବୀ ଅଭିନୀତ ଫିଲ୍ମ 'ମମ୍'ରେ ଏକ ଛୋଟ ଭୂମିକାରେ ସେ ନିଜର ଯାତ୍ରା ଆରମ୍ଭ କରିଥିଲେ । ଏହାପରେ ଫିଲ୍ମ 'ପୋଷ୍ଟର ବୟଜ୍' ମାଧ୍ୟମରେ ସେ ବଡ଼ ପରଦାରେ ପାଦ ଥାପିଥିଲେ । 'ଲୈଲା ମଜନୁ', 'ବୁଲବୁଲ୍' ଏବଂ 'କଲା' ଭଳି ହିଟ୍ ଚଳଚ୍ଚିତ୍ରରେ ସେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି । ତେବେ ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଆନିମଲ୍' ତାଙ୍କ ଭାଗ୍ୟ ବଦଳାଇ ଦେଇଥିଲା । ଏଥିରେ ଖୁବ ଛୋଟ ଚରିତ୍ର ମଧ୍ୟ ତାଙ୍କୁ ଅନେକ ସଫଳତା ଦେଇଥିଲା । ଏହାପରେ ସେ ଅନେକ ଫିଲ୍ମ ସାଇନ କରିଥିଲେ ଏବଂ ବଡ଼ ବଡ଼ ବ୍ୟାନର ଏବଂ ସୁପରଷ୍ଟାରଙ୍କ ସହ କାମ କରି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି ।

## ଇତିହାସ

୧୪୮୩- ମୋଗଲ ସମ୍ରାଟ ବାବରଙ୍କ ଜନ୍ମ ।
୧୫୩୭- ଗୁଜରାଟର ସୁଲତାନ ବାହାଦୁର ଶାହଙ୍କ ନିଧନ ।
୧୫୫୬- ପଞ୍ଜାବର ଗୁରୁଦାସପୁର ୧୩ ବର୍ଷ ବୟସରେ ଆକବରଙ୍କ ରାଜ୍ୟାଭିଷେକ ହୋଇଥିଲା ।
୧୬୨୮- ଶାହଜାହାଁ ଆଗ୍ରା ରାଜଗାଦିରେ ବିରାଜମାନ କଲେ ।
୧୮୮୧- କୋଲକାତାରେ ଭାରତର ପ୍ରଥମ ହୋମିଓପାଥିକ୍ ମେଡ଼ିକାଲ କଲେଜର ସ୍ଥାପନା କରାଗଲା ।
୧୮୯୯- ଆମେରିକାୟ କଂଗ୍ରେସ ସଂଘୀୟ ନିର୍ବାଚନରେ ଭୋଟିଂ ମେସିନ୍‌ର ବ୍ୟବହାରକୁ ମଞ୍ଜୁରୀ ଦେଲା ।
୧୯୧୨- ଲଣ୍ଡନ ନିକଟ ଗ୍ରୋଟନ ସହରରେ ପ୍ରଥମ ଡିଜେଲ ବୁଡ଼ାଜାହାଜ ନିର୍ମାଣ କରାଗଲା ।
୧୯୨୦- ଚିକାଗୋରେ ମହିଳା ମତଦାତା ଲିଗ୍‌ର ସ୍ଥାପନା କରାଗଲା ।
୧୯୨୪- ନ୍ୟୁୟର୍କରେ ଆଇବିଏମ୍‌ର ସ୍ଥାପନା କରାଗଲା ।
୧୯୯୦- ବେଙ୍ଗାଲୁରୁରେ ଇଣ୍ଡିଆନ୍ ଏୟାରଲାଇନ୍ସ ୬୦୫ ଦୁର୍ଘଟଣାଗ୍ରସ୍ତ ହେବାରୁ ୯୨ ଯାତ୍ରୀଙ୍କ ମୃତ୍ୟୁ ।
୧୯୯୩- କ୍ରିକେଟର କପିଲ ଦେବ ୪୦୦ ୱିକେଟ୍ ଓ ୫୦୦୦ ରନ୍ କରି ରେକର୍ଡ଼ କଲେ ।

## ବିହାରୀ ଚିଙ୍ଗୁଡି ତରକାରୀ



**ସାମଗ୍ରୀ -** ଚିଙ୍ଗୁଡି, ପିଆଜ କଟା, ଟମାଟୋ କଟା, ଅଦାରସୁଣ ପେଷ୍ଟ, ହଳଦୀ, ଗରମ ମସଲା, ଧନିଆ ଗୁଣ୍ଡ, ଦହି, ତେଜପତ୍ର, ସୋରିଷ ତେଲ, ଗୁଜୁରାତି, ଡାଲଚିନି ଖଣ୍ଡ, ଧନିଆ ପତ୍ର କଟା ।

**ପ୍ରଣାଳୀ -** ପ୍ରଥମେ ଚିଙ୍ଗୁଡିକୁ ସଫା କରି ନିଅନ୍ତୁ । ଚିଙ୍ଗୁଡିକୁ ହଳଦୀ ଲୁଣ ଦେଇ ଗୋଳାଇ ରଖନ୍ତୁ । ପ୍ୟାନ ଗରମ କରନ୍ତୁ ଏଥିରେ ତେଲ ପକାଇ ତେଜପତ୍ର, ଗୁଜୁରାତି ଓ ଡାଲଚିନି ଖଣ୍ଡ ପକାନ୍ତୁ । ଏହାପରେ ଏଥିରେ ପିଆଜ ପକାଇ ଭାଜନ୍ତୁ । ପିଆଜ ଭାଜି ହେବାପରେ ଏଥିରେ ଅଦା ରସୁଣ ପେଷ୍ଟ ପକାନ୍ତୁ । ମସଲା କସି ହେବାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଦେଇ ଦିଅନ୍ତୁ । ଏହାପରେ ଏଥିରେ ଦହି ଓ ଚିଙ୍ଗୁଡି ପକାଇ ଦିଅନ୍ତୁ । ଅଳ୍ପ ସମୟରେ ପରେ ପାଣି ଦେଇ ଚିଙ୍ଗୁଡି ସିଝିବା ପର୍ଯ୍ୟନ୍ତ ଫୁଟାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ବିହାରୀ ଚିଙ୍ଗୁଡି ତରକାରୀ ।



**ମେଷ-** ଧନଲାଭ, କାର୍ଯ୍ୟ ସଫଳ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ଦୂରଯାତ୍ରା, ବ୍ୟବସାୟରେ ସଫଳ, ଦ୍ରବ୍ୟଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା- ପ୍ରଭୁ ସୂର୍ଯ୍ୟନାରାୟଣ ।

**ବୃଷ-** ଶରୀର ଅସୁସ୍ଥ, ଅର୍ଥସମସ୍ୟା, ସମ୍ମାନ ହାନି, ନୂତନ ବ୍ୟବସାୟ, ଦୂରଯାତ୍ରା, କଚେରି ମାମଲା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ବିଷ୍ଣୁ ଭଗବାନ ।

**ମିଥୁନ-** ବୃଥା ଭ୍ରମଣ, ମାନସିକ ଅଶାନ୍ତି, ବାଣିଜ୍ୟରେ ଲାଭ, ଜମି ଗଣ୍ଡଗୋଳ, ବନ୍ଧୁଲାଭ, କର୍ମକ୍ଷେତ୍ରରେ ବାଧା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ-** ସ୍ୱାସ୍ଥ୍ୟ ଲାଭ, ସମ୍ପର୍କରେ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାନବାହନରେ ସତର୍କ, ସମ୍ମାନପ୍ରାପ୍ତି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୨, ଆରାଧନା- ମହାଲକ୍ଷ୍ମୀ ।

**ସିଂହ-** ଶତ୍ରୁ ସମସ୍ୟା, ବନ୍ଧୁଲାଭ, ଦେବଦର୍ଶନ, ହଠାତ୍ ଦୂରଯାତ୍ରା, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହାୟତା, ଆଶା ସଫଳ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- କୁବେର ଭଗବାନ ।

**କନ୍ୟା-** କର୍ମେ ଆନନ୍ଦ, ମାନସିକ ଖୁସି, ତୀର୍ଥାଟନ, ସୁସମ୍ପର୍କ, ବନ୍ଧୁଲାଭ, ବିଦ୍ୟାରେ ଅସଫଳ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା-** ଶରୀର ସୁସ୍ଥ, ଦାମ୍ପତ୍ୟ କଳହ, ଦେବକାର୍ଯ୍ୟରେ ଆଗ୍ରହ, ପାରିବାରିକ ସହଯୋଗ, ବାଣିଜ୍ୟରେ ଲାଭ, ବନ୍ଧୁ ସାହାଯ୍ୟ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବିଛା-** ସମ୍ମାନ ଲାଭ, ନୂତନ ସମସ୍ୟା, ବ୍ୟବସାୟରେ ଲାଭ, ସୁସମ୍ପର୍କ, ଉତ୍ସବ ପ୍ରତି ଆଗ୍ରହ, ମାନସିକ ଆନ୍ତି, ଦୂରଯାତ୍ରାରେ ସମସ୍ୟା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ନାରାୟଣ ।

**ଧନୁ-** ନୂତନ ଆୟ, ଶରୀର ସୁସ୍ଥ, ଭାଇଙ୍କ ଚିନ୍ତା, ଲୋକସମ୍ପର୍କରେ ଉନ୍ନତି, ଅର୍ଥଚିନ୍ତା, ସମ୍ପତ୍ତି ଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୧, ଆରାଧନା-ରାଧାକୃଷ୍ଣ ।

**ମକର-** ଭୟ ବୃଦ୍ଧି, ଦୂରଯାତ୍ରା, ଉତ୍ସବେ ଖୁସି, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୩, ଆରାଧନା- ପ୍ରଭୁ ଲୋକନାଥ ।

**କୁମ୍ଭ-** ଶରୀର ସୁସ୍ଥ, ବନ୍ଧୁମିଳନ, ବ୍ୟକ୍ତି ସହାୟତା, ଧନଲାଭ, ଦ୍ରବ୍ୟଲାଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୫, ଆରାଧନା- ମା ଭଗବତୀ ।

**ମୀନ-** ମାନସିକ ଶାନ୍ତି, ଶତ୍ରୁ ପରାଜିତ, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁ ସହଯୋଗ, ଲୋକସମ୍ପର୍କ ବୃଦ୍ଧି. ଦ୍ରବ୍ୟଲାଭ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା ।

ଫାଲଗୁନ କୃଷ୍ଣପକ୍ଷ, ଦ୍ୱାଦଶୀ

୧୪.୨.୨୦୨୬ ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ଏବଂ ନୂଆ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

### ପୁରୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

## ମାଟିଆପଡ଼ା ଛକରେ ଯୁବକଙ୍କୁ ଆକ୍ରମଣ, ଦୁଇ ନାବାଳକ ସମେତ ୪ ଗିରଫ

ପୁରୀ, (ସବ୍ୟୁ): ପୁରୀ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଦେଖାଦେଇଛି। ଅପରାଧୀମାନେ ନିର୍ଭୟରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଛନ୍ତି। ଅପରାଧୀ ମାନେ ପୋଲିସ କୁ ଖୋଲା ଚାଲେଞ୍ଜ ଦେଇ ଅପରାଧ ଘଟାଉଛନ୍ତି। କଥା କଥାକେ ସହରରେ ଖଣ୍ଡା ବୁଲୁଛି। ଯାହାର ନମୁନା ଦେଖିବାକୁ ମିଳିଛି ଗୁରୁବାର ରାତ୍ରୀରେ ପୁରୀ ମାଟିଆପଡ଼ା ଛକରେ। ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଖଣ୍ଡାରେ ଅତି ନୃଶଂସ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ପୁରୀ ସର୍ବୋଦୟ ନଗର ମାଟିଆପଡ଼ା ଛକର ରାକେଶ ବାରିକ ନାମକୁ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ନିମନ୍ତେ ତାଙ୍କୁ ପୁରୀ ବଡ ଡାକ୍ତରଖାନା ଭର୍ତ୍ତି କରା ଯାଇ ଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରା ଯାଇଛି। ଅପରପକ୍ଷରେ ରାକେଶଙ୍କ ସାଙ୍ଗରେ ଥିବା ସାଙ୍ଗ ମାଟିଆପଡ଼ାର ରଞ୍ଜିତ ଗୋଛିକାରଙ୍କ ଅଭିଯୋଗ କ୍ରମେ ତାଳବଣିଆ ଥାନାରେ ଏକ ମାମଲା ରୁଜୁ କରା ଯାଇଛି। ତଦନ୍ତ ପରେ ପୋଲିସ ଏହି ଘଟଣାରେ ଦୁଇ ଜଣ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କୁମ୍ଭାରପଡ଼ା ଥାନା ରାମଚଣ୍ଡୀ ସାହି ବାଲି କୁଦ ବସ୍ତିର ରାଜା ଓରଫ ଦିବ୍ୟ ଜ୍ୟୋତି ବେହେରା(୨୨) ଓ ଆକାଶ ଦାସ(୨୧) । ପୁଲିସ ସୂଚନା ମୁତାବକ ଗତ କାଲି ରାତ୍ରି ୭ ଟା ସମୟରେ ମାଟିଆ ପଡ଼ା ଛକରେ ଚାଲି ଚାଲି ଯାଇଥିଲେ। ହଠାତ୍ ଗିରଫ ହୋଇ ଥିବା ଅଭିଯୁକ୍ତ ମାନେ ଏକ ବାଇକ୍ ରେ ଆସି ତାଙ୍କ ରାସ୍ତା ଅବରୋଧ କରି ଥିଲେ। ଯାହାକୁ ନେଇ ବଚସା ହୋଇ ଥିଲା। ଏହି ସମୟରେ ଅଭିଯୁକ୍ତ ରାଜା ହଠାତ୍ ଏକ ଖଣ୍ଡାରେ ଅତି ନିର୍ମମ ଭାବେ ରାକେଶ ର ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଚୋଟ ପକାଇ ଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିଲା। ପୋଲିସ ଆଜି ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସୋମବାର ହାଇକୋର୍ଟ ଛୁଟି

କଟକ, (ସବ୍ୟୁ): ଆସନ୍ତା ସୋମବାର ୧୬ତାରିଖ ଦିନ ହାଇକୋର୍ଟ ଛୁଟି ରହିବ। ରବିବାର ମହା ଶିବରାତ୍ରୀ ପରଦିନ ଏହି ଛୁଟି ଘୋଷଣା କରାଯାଇଛି।

ତେବେ ଏହା ପରିବର୍ତ୍ତେ ଆସନ୍ତା ମେ' ୨ ତାରିଖ ଶନିବାର କୋର୍ଟ କାର୍ଯ୍ୟ କରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ପ୍ରଜ୍ୱଳିତ ହେଲା ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ



ପୁରୀ (ସବ୍ୟୁ): ମହାଶିବରାତ୍ରି ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶୁକ୍ରବାର ପୁରୀସ୍ଥିତ ଶ୍ରୀଲୋକନାଥଙ୍କ ପୀଠରେ ୧୬ତମ ବୃହତ ଜଗତମଙ୍ଗଳ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି । ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଗମ୍ଭୀରାରୁ ଦୀପ ଆସି ଏହି ବୃହତ୍ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଜିଲାପାଳ ରାଜକିଶୋର ଜେନା ଏବଂ ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବରୁ ଏହି ବୃହତ ଦୀପ ମାଟିରେ ପ୍ରସ୍ତୁତ କରାଯ କରାଯାଉଥିବା ବେଳେ ଗତ ଦୁଇ ବର୍ଷ ହେବ ଏହା ଅଷ୍ଟଧାତୁରେ ନିର୍ମିତ ହୋଇଛି। ପ୍ରାୟ ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୩ଫୁଟ ଗଭୀର ବିଶିଷ୍ଟ ଏହି ଦୀପ ରେ ଏକାଥରେ ଦେଢ଼ କୁଇଣ୍ଟାଲ ଘିଅ ଜଳାଯିବ। ଏକାଦଶୀ ସନ୍ଧ୍ୟାରୁ ମହାଶିବରାତ୍ରି ଜାଗର ଦିନ ଶ୍ରୀଲୋକନାଥ ନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହା ପ୍ରଜ୍ୱଳିତ ହେବ। ୬ଇଞ୍ଚ ' ଚଉଡ଼ା ଏବଂ ୧୦ ମିଟର ଲମ୍ବର ବଳିତା ଏହି ଦୀପରେ ବ୍ୟବହାର କରାଯିବ। ବିଶ୍ୱ ଶାନ୍ତି ତଥା ଜଗତ କଲ୍ୟାଣ କଲ୍ୟାଣ ଉଦ୍ଦେଶ୍ୟରେ ଏହି ଦୀପ ପ୍ରତ୍ୟେକ ବର୍ଷ ବର୍ଷ ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳନ କରାଯାଉଥିବା ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

### ଭାରତର ପ୍ରଥମ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସାକ୍ଷାତ ବ୍ୟବସ୍ଥା

## ଇ-ଲୋକଭବନ ଓଡ଼ିଶା ଆପ୍ ଆରମ୍ଭ କଲେ ରାଜ୍ୟପାଳ



ଭୁବନେଶ୍ୱର(ସବ୍ୟୁ): ଲୋକଭବନ ପାଇଁ ସ୍ୱୟଂଚାଳିତ ସାକ୍ଷାତ ବ୍ୟବସ୍ଥା ଇ-ଲୋକଭବନ ଓଡ଼ିଶା ଆପ୍ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଦ୍ୱାରା ଆରମ୍ଭ ହୋଇଛି । ଏହା ରାଜ୍ୟପାଳଙ୍କ ସେକ୍ରେଟାରୀଏଟ ସହିତ ନାଗରିକଙ୍କ ସମ୍ପର୍କକୁ ସୁଗମ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସୁରକ୍ଷିତ ୱେବ୍-ଆଧାରିତ ପ୍ଲାଟଫର୍ମ । ଏହି ପଦକ୍ଷେପ ସହିତ ଲୋକଭବନରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସାକ୍ଷାତ ଏବଂ ପରିଦର୍ଶକ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବରେ ଉଭା ହୋଇଛି । ଏପର୍ଯ୍ୟନ୍ତ ଲୋକଭବନରେ ସାକ୍ଷାତ, ଅଭିଯୋଗ ଏବଂ ପରିଦର୍ଶକଙ୍କ ପ୍ରବେଶ ପରିଚାଳନା ପାଇଁ ପ୍ରାୟତଃ ଅନେକ କାଗଜପତ୍ର କାର୍ଯ୍ୟ ଏବଂ ବହୁବାର ଆସିବା ଆବଶ୍ୟକ ହେଉଥିଲା । ଇ-ଲୋକ ଭବନ ଓଡ଼ିଶା ଆରମ୍ଭ ହେବା ସହିତ ଏହି ପ୍ରକ୍ରିୟାଗୁଡ଼ିକୁ ସରଳୀକୃତ କରାଯାଇଛି ଏବଂ ଏକକ, ବ୍ୟବହାରକାରୀ ଅନୁକୂଳ ଡିଜିଟାଲ୍ ଇଣ୍ଟରଫେସ୍ ଅଧୀନକୁ ଅଣାଯାଇଛି । ନାଗରିକମାନେ ସେମାନଙ୍କର ମୋବାଇଲ୍ ନମ୍ବର ବ୍ୟବହାର କରି ସାକ୍ଷତ ପାଇଁ ପଞ୍ଜୀକରଣ କରିପାରିବେ, ଅନୁମୋଦନ ଅନୁଯାୟୀ ସାକ୍ଷାତ ପାଇପାରିବେ ଏବଂ ସ୍ଥିତି ଜାଣି ପାରିବେ ।

### କଟକରେ ବିଜେଡିର ରଣହୁଙ୍କାର

## ଶାସକ ବିଜେପିର "ଡବଲ ଧୋକା' ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

କଟକ, (ସବ୍ୟୁ): ରାଜ୍ୟ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର କଟକ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ଜନଆନ୍ଦୋଳନ ଦେଖିବାକୁ ମିଳିଛି । ସ୍ଥାନୀୟ ସନସାଇନ ପଡ଼ିଆରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବିଶାଳ ପ୍ରତିବାଦ ସଭାରେ ବରିଷ୍ଠ ନେତାମାନେ ରାଜ୍ୟର ବିପର୍ଯ୍ୟସ୍ତ ସ୍ଥିତି ପାଇଁ ବିଜେପି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଉଦବୋଧନ ଦେଇ କହିଲେ ଯେ, ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତିର ଜାଲରେ ଛନ୍ଦି କ୍ଷମତା ହାସଲ କରିଥିବା ବିଜେପି ଏବେ ଓଡ଼ିଶାକୁ "ଡବଲ ଧୋକା' ଦେଉଛି । ସମସ୍ତ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇ ଏବେ ମାତ୍ର ଦେଶହ କୁଇଣ୍ଟାଲ କିଣି ବାକି ଧାନକୁ ଦଲାଲଙ୍କୁ ବିକିବାକୁ ଚାଷୀଙ୍କୁ ବାଧ କରାଯାଉଛି । ଏହି ଅନ୍ୟାୟ ବିରୋଧରେ ବିଜେଡି ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ । ଏଥିରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡକଫର ସନ୍ତୃପ ମିଶ୍ର, ପୂର୍ବତନ ମନ୍ତ୍ରୀ



ଚନ୍ଦ୍ରସାରଥୀ ବେହେରା, ମେୟର ସୁବାଷ ସିଂହ, ବିଧାୟକ ପ୍ରଶାନ୍ତ ବେହେରା, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡା. ପ୍ରମୋଦ ମଲ୍ଲିକ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ, ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ରଞ୍ଜନ ବିଶ୍ୱାଳ, ପ୍ରକାଶ ସିଂହ ପ୍ରମୁଖ ଯଦି ସରକାର ତୁରନ୍ତ ନିଜର ଚାଷୀ ମାରଣ ନୀତି ଓ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ନଆଣନ୍ତି, ତେବେ ଆଗାମୀ ଦିନରେ ପ୍ରତିଟି ଗଳି କନ୍ଦିରେ ଆନ୍ଦୋଳନ ଭୟାନକ ରୂପ ନେବ ବୋଲି ବିଜେଡି ଚେତାବନୀ ଦେଇଥିଲେ । ଏଥିରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବରିଷ୍ଠ କର୍ମକର୍ତ୍ତା, କର୍ପୋରେଟର ଓ କର୍ମୀ ଯୋଗଦେଇଥିଲେ । କପ୍ରତିବାଦ ସଭା ପରେ ସନସାଇନ ପଡ଼ିଆରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ବିକଳଚିତ୍ର
### ବାଲି ବଦଳରେ ମାଟି ଫିଲିଙ୍ଗ ଅଭିଯୋଗ

ନୀଳଗିରି, (ସବ୍ୟୁ) : ରାଜ୍ୟରେ ବିଜେପି ସରକାର ଆସିବାପରେ କିଛି ସରକାରୀ ଉନ୍ନୟନକାର୍ଯ୍ୟର ନାମ ପରିବର୍ତ୍ତନ ହୋଇଛି । ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ନାମକୁ ନେଇ ଉତ୍ସାହିତ ରାଜ୍ୟବାସୀଙ୍କ ମନରେ ଏବେ ପ୍ରଶ୍ନବାଚୀ । ସତରେ କଣ ଗାଁରେ ବିକାଶ ହୋଇଛି ବା ହେଉଛି , ଯାହାକୁ ନେଇ ଓଡ଼ିଶାର ବିକାଶର ସମ୍ଭବ । ବିକାଶ ନାମରେ କିଛି ଠିକାଦାର ଏବଂ ଅଧିକାରୀ ନାମର ଯଥାର୍ଥତାକୁ କଳଙ୍କିତ କରିଥିବା ଅଭିଯୋଗ ହୋଇଆସୁଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତର ଭଗାବନ୍ଧ ଗ୍ରାମର ଦେଶବନ୍ଧ ପ୍ରାଥମିକ ବିଦ୍ୟାଳୟରେ ୨୦୨୪/୨୫ଆର୍ଥିକ ବର୍ଷରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣପାଇଁ ୪ଲକ୍ଷ ୧୦ହଜାର ୪୧୨ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା । ବିଭାଗୀୟ କାର୍ଯ୍ୟାଦେଶ ଥାଇ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠଯନ୍ତ୍ରୀ ମଧୁସ୍ମିତା ମହାନ୍ତିଙ୍କ ହେପାଜତରେ ଉକ୍ତକାର୍ଯ୍ୟ ଚାଲିଥିଲା । ତେବେ ଏହି ଶ୍ରେଣୀକୋଠରୀ କାର୍ଯ୍ୟ ଚାଲୁରହିଥିବା ବେଳେ କୋଠରୀ ଭିତରେ ବାଲି ବଦଳରେ ମାଟି ଫିଲିଂ ହୋଇଥିବା ଦେଖିବାକୁ ମିଳିଛି । ଏହାସହିତ ନିମ୍ନମାନର ବାଲି ଓ ଇଟାରେ କାମ ହେଉଥିବା ମଧ ଅଭିଯୋଗ ହୋଇଛି । ତେଣୁ ଏହାର ସ୍ଥାୟୀତ୍ୱନେଇ ରାଜ୍ୟସରକାରଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚ ସୃଷ୍ଟି ହୋଇଛି । ତେଣୁ ଏଭଳି ଦୁର୍ନୀତିର ତଦନ୍ତକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ଗ୍ରାମବାସୀମାନେ ନୀଳଗିରି ବିଡ଼ିଓ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଦାବୀ କରିଛନ୍ତି ।

### ମା କୁତାମଚଣ୍ଡୀ ମନ୍ଦିରରୁ ଚୋରି ପୋଲିସର ତଦନ୍ତ ଆରମ୍ଭ

ନାଉଗାଁ ,(ସବୁ):ନାଉଗାଁ ଥାନା ଅଧିନ ନାଉଗାଁ ଗ୍ରାମରେ ଥିବା ୍ ପୁରାତନ ମା କୁତାମଚଣ୍ଡୀ ମନ୍ଦିରରୁ ଲୁଟ । ନାଉଗାଁ ଥାନାରେ ଅଭିଯୋଗ ଆଣିଲେ ପୂଜକ । ସନ୍ଧାନୀ କୁକୁର ସାହାଯ୍ୟ ରେ ପୋଲିସର ତଦନ୍ତ ଆରମ୍ଭ । ସୂଚନା ମୁତାବକ ଆଜି ନାଉଗାଁ ଗ୍ରାମରେ ଥିବା ମା କୁତାମଚଣ୍ଡୀ ମନ୍ଦିରକୁ ପୂଜକ ଜୟଦେବ ପାଢ଼ୀ ପୂଜା କରିବା ଯାଇଥିବା ସମୟରେ ମନ୍ଦିର ମୁଖ୍ୟ ଦ୍ୱାର ଭଙ୍ଗାଜାଇ ମା ଙ୍କ ମୁକୁଟ, ରୁପା ଆଖି, ଜିଭ ଓ ପିତଳ ସାମଗ୍ରୀ ଲୁଟ ହୋଇଥିବା ର ଦେଖିବାକୁ ପାଇଥିଲେ । ଯାହାକୁ ଆଧାର କରି ସେ ଏକ ଲିଖିତ ଅଭିଯୋଗ ନାଉଗାଁ ପୋଲିସ ଷ୍ଟେସନ ରେ କରିଥିଲ । ନାଉଗାଁ ପୋଲିସ ଉକ୍ତ ଅଭିଯୋଗ ଅଧାରରେ ସନ୍ଧାନୀ କୁକୁର ସାହାଯ୍ୟ ରେ ଘଟଣା ସ୍ଥଳକୁ ଜାଇ ଘଟଣା ର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ।

### ଝାରପଡା ନୀଳପଦ୍ମା ଆପାର୍ଟମେଣ୍ଟରେ ନିଆଁ

## ୨୦ ଉଦ୍ଧାର, ହସ୍ପିଟାଲରେ ୪

ଭୁବନେଶ୍ୱର, (ସବ୍ୟୁ) : ଝାରପଡା ଗଣେଶ ମଣ୍ଡପ ପାଖ ନୀଳପଦ୍ମା ଆପାର୍ଟମେଣ୍ଟରେ ଶୁକ୍ରବାର ନିଆଁ ଲାଗି ଦୁଇଟି ଫ୍ଲାଟ୍‌କୁ ବ୍ୟାପିଯାଇଥିଲା । ଅଗ୍ନିଶମ ବାହିନୀ ୨୦ଜଣଙ୍କୁ ଉଦ୍ଧାର କରିଥିବା ବେଳେ ନିଆଁରେ ପୋଡିହୋଇ ଆହତ ହୋଇଥିବା ୪ଜଣ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଆପାର୍ଟମେଣ୍ଟରେ ନିଆଁ ଲାଗିବା ସମ୍ପର୍କରେ କଣ୍ଟ୍ରୋଲ ରୁମ୍ ୧୧୨କୁ ଫୋନ୍ କରିଥିଲେ । ଫୋନ୍ ପାଇବାର ଅଳ୍ପ ସମୟ ମଧ୍ୟରେ ଭୁବନେଶ୍ୱର ଅଗ୍ନିଶମ ବାହିନୀ ପ୍ରଥମେ ସ୍ପଟରେ ପହଞ୍ଚିଥିଲା । ଏହାପରେ ସଚିବାଳୟ ଅଗ୍ନିଶମ ବାହିନୀ ଷ୍ଟ୍ରାଇକିଂ ଫୋର୍ସ, ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀର ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ହାଇଡ୍ରୋଲିକ୍ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲା । ଅଗ୍ନିଶମ ବାହିନୀର ଆଗ୍ନିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟା ଫଳରେ ଆପାର୍ଟମେଣ୍ଟରେ ରହୁଥିବା କୌଣସି ଅନ୍ତେବାସୀଙ୍କ ମୃତ୍ୟୁ ହୋଇନାହିଁ । ଅଳ୍ପ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରାଯାଇଥିବା ବେଳେ ୨୦ଜଣଙ୍କୁ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଥିଲା । ନିଆଁରେ ପୋଡିହୋଇ ଆହତ ହୋଇଥିବା ୪ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିବା ବେଳେ ତାଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ଦୁଇଟି ଫ୍ଲାଟ୍‌ରେ ନିଆଁ ହୁହୁ ହୋଇ ଜଳିଥିବା ବେଳେ ଅନ୍ୟ ଫ୍ଲାଟ୍ ଲୋକମାନେ ଭୟଭୀତ ହୋଇଯାଇଥିଲେ । ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ ।




## ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ: ଇଓ ଓଡ଼ିଶା ପକ୍ଷରୁ

# ଜଗନ୍ନାଥ ପଣ୍ଡାଙ୍କର "ଦ ଲଙ୍ଗ ନାଓ ଅଫ୍ ଅସ୍" ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ସଂସ୍କୃତି କ୍ଷେତ୍ରର ବ୍ୟକ୍ତିବିଶେଷ, ସରକାରୀ ପଦାଧିକାରୀ ଏବଂ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କର ଏକ ଭବ୍ୟ




ସମାବେଶରେ ଇଓ ଓଡ଼ିଶା ପକ୍ଷରୁ ଆନ୍ତର୍ଜାତିକସ୍ତରରେ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କର ସାମ୍ପ୍ରତିକ କୃତିଗୁଡିକୁ ନେଇ ଉଲ୍ଲେଖନୀୟ ଏକକ ପ୍ରଦର୍ଶନୀ 'ଦ ଲଙ୍ଗ୍ ନାଓ ଅଫ ଅସ୍' ଉଦ୍‌ଘାଟିତ ହୋଇଯାଇଛି । ଶିବଦାସ ସେନଗୁପ୍ତାଙ୍କ ନିଖୁଣ ପ୍ରସ୍ତୁତିରେ ଏହି ପ୍ରଦର୍ଶନୀ ଜନସାଧାରଣଙ୍କର ବିପୁଳ ଅଂଶଗ୍ରହଣ ଏବଂ ଉଚ୍ଚ ପ୍ରଶଂସା ମଧ୍ୟରେ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଥିଲା । ଏଣ୍ଟରପ୍ରିନର୍ସ ଅର୍ଗାନାଇଜେସନ ଓଡ଼ିଶା ପକ୍ଷରୁ ଏହା ପଣ୍ଡାଙ୍କର ନିଜ ସହରରେ ପ୍ରଥମ ଏକକ ବୃହତ ପ୍ରଦର୍ଶନୀ ହୋଇଛି, ଯେଉଁଥିରେ ତିନି ଦଶନ୍ଧି ଧରି ତାଙ୍କର କଳାତ୍ମକ ପରିଭାଷାରେ ପରିବର୍ତ୍ତନର ସନ୍ଧାନ କରୁଥିବା ମିକ୍ସଡ୍-ମିଡିଆ, ସ୍ଥାପତ୍ୟ, ଇନଷ୍ଟାଲେସନ୍ସ, ଡ୍ରଇଂ ଏବଂ ଡିଜିଟାଲ କଳାକୃତିଗୁଡିକର ସମାହାର ଘଟିଛି । ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶାର ସମ୍ମାନନୀୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ ସହିତ ଏହାକୁ ଉଦ୍‌ଘାଟନ କରିଥିଲେ । ଏହା ରାଜ୍ୟର କଳାତ୍ମକ ଦୃଶ୍ୟପଟ୍ଟରେ ଏକ ଉଲ୍ଲେଖନୀୟ ସାଂସ୍କୃତିକ ମୁହୂର୍ତ୍ତ ପାଲଟିଥିଲା । ପ୍ରଫେସର (ଡ.) ପ୍ରଦୋଷ ମିଶ୍ର ଉଦ୍‌ଘାଟନୀ ସନ୍ଧ୍ୟାର ବିଶିଷ୍ଟ ଅତିଥିମାନଙ୍କୁ ସ୍ୱଗତ କରିବା ସହିତ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଶିବଦାସ ସେନଗୁପ୍ତା ତାଙ୍କର ପ୍ରସ୍ତୁତିରେ ପଣ୍ଡାଙ୍କର ବର୍ଣ୍ଣନାତ୍ମକ ଚିତ୍ରଣରୁ ଏକ ସଂସ୍କୃତିସମ୍ପନ୍ନ, ସାମଗ୍ରିକ ଭାବରେ ଏକତ୍ରିତ ସାଙ୍କେତିକ ବିନ୍ୟାସ ପର୍ଯ୍ୟନ୍ତ ବିବର୍ତ୍ତନ ବିଷୟକୁ ପ୍ରସଙ୍ଗ କରିଥିଲେ ।

## ଦୁଇ ମାସରେ ଅଗ୍ନିଶମ ବାହିନୀର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, (ସବ୍ୟୁ) : ୨୦୨୫ ଡିସେମ୍ବର ତୁଳନାରେ ୨୦୨୬ ଜାନୁଆରୀ ମାସରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ କରାଯାଇଛି । ୨୦୨୫ ଡିସେମ୍ବରରେ ମୋଟ ୩୬୫୬ କଲ ରେକର୍ଡ କରାଯାଇଛି । ସେଥିରେ ୧୭୮୮ଟି ଅଗ୍ନିଶମଧୀୟ କଲ ଏବଂ ୧୮୬୮ଟି ସ୍ୱତନ୍ତ୍ର ସେବା କଲ୍ । ୨୦୨୬ ଜାନୁଆରୀ ମାସରେ ମୋଟ ୫୨୨୨କଲ ରେକର୍ଡ କରାଯାଇଥିଲା ବେଳେ ସେଥିରେ ୩୨୫୬ଟି ଅଗ୍ନିଶମଧୀୟ କଲ ଓ ୧୯୬୬ଟି ସ୍ୱତନ୍ତ୍ର ସେବା କଲ୍ । ତଥ୍ୟ ହିସାବରେ ଜାନୁଆରୀ ମାସରେ ଅଗ୍ନି ସମ୍ପର୍କିତ ଘଟଣା ବୃଦ୍ଧି ପାଇଛି । ସ୍ୱତନ୍ତ୍ର ସେବା କଥା ମଧ୍ୟ ସାମାନ୍ୟ ବୃଦ୍ଧି ପାଇଥିବା କଲ ରେକର୍ଡରୁ ଜଣାପଡିଛି । ୨୦୨୫ ଡିସେମ୍ବର ମାସରେ ୧୨୭୯ରୁ ୨୦୨୬ ଜାନୁଆରୀରେ ତାହା ୧୩୭୦କୁ ବୃଦ୍ଧି ପାଇଥିବା ବେଳେ ମୋଟ ୧୩୫୮ ପଶୁଙ୍କୁ ଉଦ୍ଧାର କରାଯାଇଛି । ସଡ଼କ ଦୁର୍ଘଟଣା ସଂଖ୍ୟା ୪୧୦ରୁ ୪୩୧କୁ ବୃଦ୍ଧି ପାଇଛି କିନ୍ତୁ ଏଥିରେ ୪୫୭ଜଣଙ୍କ ଜୀବନ ରକ୍ଷା କରାଯାଇଛି । ପାଣିରେ ବୁଡିଯିବା ମାମଲା ୮୦ରୁ ୭୪କୁ ସାମାନ୍ୟ ହ୍ରାସ ପାଇଛି । ଗଛ କାଟିବା ଓ ରାସ୍ତା ସଫା କରିବା କାର୍ଯ୍ୟ ୬୩ରୁ ୫୧କୁ ହ୍ରାସ ପାଇଛି । ଜାନୁଆରୀ ମାସରେ କଲ୍ ସଂଖ୍ୟାରେ ଘଟିଥିବା ବୃଦ୍ଧି ସାରା ରାଜ୍ୟରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା କୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପ୍ରଭାବଶାଳୀ ପ୍ରତିକ୍ରିୟା ଦେଖାଇ ଜୀବନ ଏବଂ ଧନସମ୍ପର୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ସବ୍ୟୁ): ପୂର୍ବତନ କେନ୍ଦ୍ର ରେଳ ଓ କୃଷିମନ୍ତ୍ରୀ, ଅଖିଳ ଭାରତ କଂଗ୍ରେସ ପଛୁଆବର୍ଗ ବିଭାଗର ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି କାହ୍ନୁ ଚରଣ ଲେଙ୍କା ଶୁକ୍ରବାର ପରଲୋକ ଗମନ କରିଛନ୍ତି । ପୂର୍ବାହ୍ନରେ ତାଙ୍କର ପାର୍ଥିବ ଶରୀର କଂଗ୍ରେସ ଭବନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଦଳୀୟ ପତାକା ପକାଇ ଶେଷ ସମ୍ମାନ ଜଣାଇଥିଲେ । ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ଦାସ ମଧ୍ୟ ପୂର୍ବାହ୍ନରେ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବାସଭବନରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ପିସିସି କାର୍ଯ୍ୟାଳୟରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଗିରିଧର ଗମାଙ୍ଗୋ, ସମୀର କୁମାର ରାଉତରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ବରାଳ, ସତ୍ୟବ୍ରତ ନାୟକ, ଜୟକୃଷ୍ଣ ସୁବୁଦ୍ଧି, ବାଙ୍କନିଧି ବେହେରା, ଦେବାଶିଷ ମହାପାତ୍ର, ସୁଶାନ୍ତ ବେହେରା, ନିମାଇଁ



ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ବିଷ୍ଣୁଚରଣ ବାରିକ, ଅଭୟ ସାହୁ, ପ୍ରକାଶ ଜେନା, ସିପ୍ରା ମଲ୍ଲିକ, ସୁଜୀତ ପାଢ଼ୀ, ପ୍ରକାଶ ମିଶ୍ର, ତରୁଣ ମିଶ୍ର, ପ୍ରଦୀପ୍ତ କୁମାର ସାହୁ, ପ୍ରଦୀପ ମହାପାତ୍ର, ଲିଙ୍ଗରାଜ ସାହୁ, ଆଲୋକ ମହାନ୍ତି, ସମସିଦା ତୟାବ, ରାଜକିଶୋର ବାରିକ, କୃଷ୍ଣଚନ୍ଦ୍ର ରାଉତରାୟ, ମାନସ କର, ବିଶ୍ୱଭୂଷଣ ଦାସ, ଆତ୍ମାରାମ ପତି, ମାସୁଦ ଅଲ୍ଲୀ, ମଂଟୁ ମଲ୍ଲିକ, ନିରଞ୍ଜନ ସାମଲ, ଏମଡି ସାହାଦୁଲ୍ଲା, ସଂଗ୍ରାମ ଦାସ, ସୁଧାଂଶୁ ମହାନ୍ତି, ଅଧିର ଜେନା, ନାସିର ଖାନ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବିକାଶନଗର ରୁ ସେକ୍ସ ରାକେଟ ଠାବ : କିଙ୍ଗପିନ୍ ଓ ୩ ଗ୍ରାହକ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଗତକାଲି ବିକାଶନଗର ରୁ ସେକ୍ସ ରାକେଟ ଠାବ ଘଟଣା ର ପର୍ଦ୍ଦାଫାସ କରିଛି ପୁଲିସ । ୩ଦେହଜିବୀଙ୍କୁ ସର୍ଟଷ୍ଟେ ହୋମ୍ ରେ ପୁଲିସ ଛାଡିଛି । କିଙ୍ଗପିନ୍ ସମେତ ୩ଜଣ ଗ୍ରାହକଙ୍କୁ ପୁଲିସ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ଜଙ୍କିଆ ଥାନା ମଲିପଡା ର ମାମା ବାଘସିଂହ (୪୦), ସଦରଥାନା ଅନ୍ତର୍ଗତ ଡାଳତୋଳା ର ଲକ୍ଷ୍ମିଧର ଖୁଁଟିଆ ଓରଫ୍ ଟିକୁ (୨୫), ବେଗୁନିଆ ଥାନା ପରିଛଳ ର ସୁନିଲ କୁମାର ମୁଦୁଲି ଓରଫ୍ ସିଲୁ (୨୫) ଓ ଭାଗିରଥୀ ପାଲଟାସିଂହ ଓରଫ୍ ଗତିକୃଷ୍ଣ ପାଲଟାସିଂହ (୫୧) । ୮୦/୨୬ନଂ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବିକାଶନଗର ରେଥିବା ଏକ ଭଡାଘରୁ ଗତକାଲି ସେକ୍ସ ରାକେଟ ଠାବ କରିଥିଲା ପୁଲିସ ଓ ସ୍ପେଶାଲ ସ୍କ୍ୱାର୍ଡ । ରାଣୀ ମହୁମାଛି ସମେତ ୪ଜଣ ଦେହଜିବୀ ଏବଂ ୩ଜଣ ଗ୍ରାହକଙ୍କୁ କବାଟ ଭାଙ୍ଗି ଧରଥିଲା ପୁଲିସ । ଉକ୍ତ ଭଡା ଘରକୁ ସିଲ କରିଥିବାବେଳେ ସମସ୍ତଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଥିଲା । ଆଜି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଘରମାଲିକଙ୍କ ଠାରୁ ଭାଲିଆବାଡି ର ଜଣେ ଯୁବକ ଘର ଭଡାନେଇ ଏଠାରେ ମହିଳା ଓ ଯୁବତୀଙ୍କୁ ରଖି ବେପାର ଚଳାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଭଡା ଘର କୁ ପୁଲିସ ସିଲ କରିଥିବାବେଳେ ଘଟଣାର ତଦନ୍ତ ଜାରୀ ରଖିଛି । ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି ।

# ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଭଜନ ସମାରୋହ ଲିଙ୍ଗରାଜଙ୍କ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ । ଏହି ଭଜନ ସମାରୋହ ୩୭ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଶୁକ୍ରବାର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ତୃତୀୟ ମହଲାର ଲାଇବ୍ରେରୀ ହଲ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନ୍ୟତମ ଉପସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା, ବିରଞ୍ଚି ନାରାୟଣ ମହାସୁଆର, ନାରାୟଣ ମହାପାତ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ



ସନତ ମିଶ୍ର ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷ ୩୭ ବର୍ଷ ପୂର୍ତ୍ତି ହେଉଥିବାରୁ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଶିବରାତ୍ରି ମହୋତ୍ସବ ମହାସମାରୋହରେ ଅଧିକ ଯାକଜମକରେ ପାଳନ କରାଯିବ । ମୁମ୍ବାଇର ଖ୍ୟାତନାମା କଳାକାର ନୀତିନ ମୁକେଶ, କୁମାରୀ ଖୁସ୍‌ବୁ ତିୱାରୀ, ମିତୁସ ବର୍ଦ୍ଧନ, ଶଶିକାନ୍ତ ପୌଡ଼ୱାଲ, ଅମିତାବଚନ, କୋଲକତାର ତାନି, ମୁନି ଓ ପାର୍ଥ ପ୍ରତୀମ ଶାହା, ଛତିଶଗଡ଼ର ତାନିସ ବର୍ମା, ଉତ୍ତର ପ୍ରଦେଶର ବର୍ଦ୍ଧନ ସିଂଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ୩୦ରୁ ଉର୍ଦ୍ଧ୍ୱ ଖ୍ୟାତନାମା କଳାକାର ଶ୍ରୀଚରଣ, କୁମାର ବାପି, ସୌରଭ ନାୟକ, ସୁଶ୍ରୀ ଶୈଳଭାମା ମହାପାତ୍ର, ସୁଧାକର ମିଶ୍ର, ମାନସୀ ପାତ୍ର, ରବୀନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ବେହେରା, ପିନାକୀ ନାୟକ, ଅଞ୍ଜଳି ମିଶ୍ର, ଦିପ୍ତୀରେଖା ପାଢୀ, ଶ୍ରୀମତୀ କ୍ରିଷ୍ଣା ମିଶ୍ର, ଅରୂପା ଦାସ, ଦିବ୍ୟା ଦାସ ଓ ବିଷ୍ଣୁପ୍ରିୟାଙ୍କ ସହିତ ବିଶିଷ୍ଟ କଳାକାରମାନେ ଯୋଗଦେବେ ।

ସେମାନେ କହିଥିଲେ ଯେ, ମହାଶିବରାତ୍ରି ଦିନ ଲିଙ୍ଗରାଜ ଭଜନ ମଣ୍ଡପରେ ଭୋର ୪ ଘଟିକାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ର ନାମ, ଭାଗବତ ଗୀତାପାଠ, ଶିବ ଚେତନା, ହରିହର ଭଜନ, ରାମ ଚରିତ ମାନସ ପରାୟଣ ଓ ପ୍ରବଚନ କରାଯିବା ପରେ ସନ୍ଧ୍ୟା ୭ ଘଟିକାରୁ ଭୋର ୫ଟା ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହେବ । ଏହି ଉତ୍ସବରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ରମନ୍ତ୍ରୀ, ବାଚସ୍ପତି ସୁରମା ପାଢ଼ୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ବିଧାୟକ, ସାଂସଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି । ସଙ୍ଗୀତ ଜଗତର ଖ୍ୟାତନାମା କଳାକାରମାନଙ୍କୁ 'ଏକାମ୍ରଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସେମାନେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସେବାୟତ ନିଯୋଗ ମାନଙ୍କର ପ୍ରତିନିଧିମାନଙ୍କ ସମେତ କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ସୁଧୀର ରଞ୍ଜନ ଜେନା, ଗଣେଶ ପାଲ, ତପନ ମହାସୁଆର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ବଜେଟ୍ ସଂସ୍କାର, ସ୍ଥିରତା ଏବଂ ଦୀର୍ଘକାଳୀନ ଅଭିବୃଦ୍ଧି ଉପରେ ଆଧାରିତ : ବୈଜୟନ୍ତ

ଭୁବନେଶ୍ୱର (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଆସାମ ନିର୍ବାଚନ ପ୍ରଭାରୀ ବୈଜୟନ୍ତ 'ଜୟ' ପଣ୍ଡା ଆସାମର ନଗାଁ



ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କେନ୍ଦ୍ରୀୟ ବଜେଟ୍ ସଂସ୍କାର, ସ୍ଥିରତା ଏବଂ ଦୀର୍ଘକାଳୀନ ଅଭିବୃଦ୍ଧି ଉପରେ ଆଧାରିତ କାର୍ଯ୍ୟାନ୍ୱୟନ-ନେତୃତ୍ୱାଧୀନ ଶାସନ ଦିଗରେ ଏକ ପରିବର୍ତ୍ତନକୁ ପ୍ରତିଫଳିତ କରେ । ସେ ଲକ୍ଷ୍ୟ କରିଥିଲେ ଯେ ଏହି ବଜେଟ ନିୟାମକ ସଂସ୍କାର ଏବଂ ଜନ ବିଶ୍ୱାସ ୨.୦ ବ୍ୟବସ୍ଥାକୁ ସରଳ କରିବା ଓ ନାଗରିକ ଏବଂ ବ୍ୟବସାୟ ପାଇଁ ଦୈନନ୍ଦିନ ଅନୁପାଳନକୁ ସହଜ କରିବା ପାଇଁ ଉଦ୍ଦିଷ୍ଟ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆର୍ଥିକ ଶୃଙ୍ଖଳା ଉପରେ ଧ୍ୟାନ, ଅଭିବୃଦ୍ଧି ଗତିକୁ ବଜାୟ ରଖିବା ସହିତ ନୀତି ସ୍ଥିରତାକୁ ସୁଦୃଢ଼ କରିଥାଏ । ବଜେଟ୍ ସରଳୀକୃତ କର ମାଧ୍ୟମରେ ମଧ୍ୟବିତ୍ତ ବର୍ଗକୁ ସମର୍ଥନ କରେ ଏବଂ ସ୍ୱାସ୍ଥ୍ୟସେବା, ଅର୍ଥନୀତି ଏବଂ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ସୁଯୋଗ ବିସ୍ତାର କରି ନିଯୁକ୍ତିକୁ ପ୍ରାଥମିକତା ଦିଏ । ଭିତ୍ତିଭୂମି ଏବଂ ଟାଇର-୨ ଏବଂ ଟାଇର-୩ ସହରଗୁଡ଼ିକରେ ନିବେଶ ଅଭିବୃଦ୍ଧି ଆଧାରକୁ ବିସ୍ତାର କରିବା ଲକ୍ଷ୍ୟ ରଖିଛି, ଯେତେବେଳେ ସେମିକଣ୍ଡକ୍ଟର ସମେତ ଏମ୍‌ଏସ୍‌ଏମ୍‌ଇ ଏବଂ ଘରୋଇ ଉତ୍ପାଦନ ପାଇଁ ସମର୍ଥନ ଘରୋଇ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିଥାଏ । ସେ ମହିଳା ନେତୃତ୍ୱାଧୀନ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିଥିଲେ ଏବଂ ଜୋର ଦେଇଥିଲେ ଯେ ଉତ୍ତର-ପୂର୍ବରେ ନିରନ୍ତର ବିକାଶ ସମଗ୍ର କ୍ଷେତ୍ରରେ ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଦିଗରେ ଏକ ପଦକ୍ଷେପକୁ ପ୍ରତିଫଳିତ କରେ । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡାଙ୍କ ସମେତ ରୂପକ ଶର୍ମା, ନଉଗାଁ ବିଧାୟକ, ଦିପୁଲୁ ରଞ୍ଜନ ଶର୍ମା, ବିଧାୟକ ସାମଗୁରି, ସୁବର୍ଣ୍ଣ ସିଂହ, ନଉଗାଁ ଜିଲ୍ଲା ସଭାପତି, ରାଜୀବ କୁମାର ଶର୍ମା, ପ୍ରବକ୍ତା ଆସାମ ଓ ଅଭିଜିତ ନାଥ, ସମ୍ପାଦକ, ଆସାମ ପ୍ରଦେଶ ପ୍ରମୁଖ ଉପସ୍ଥିତ ଥିଲେ ।

## କରଡ଼ା ଶାସନରେ ଚୋରି, ପୋଲିସର ଛାନଭିନ୍

### ଝରକା ତାଡ଼ି ନେଇଗଲେ ୭୦ ଗ୍ରାମ ସୁନା ସହ ୬୨ ହଜାର ଟଙ୍କା

ଶରଣକୁଳ, (ସବ୍ୟୁ): ଶରଣକୁଳ ଥାନା ଅଞ୍ଚଳରେ କିଛିଦିନ ଧରି ଚୋରି ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଗୁରୁବାର ଭୋର ସମୟରେ କରଡ଼ା ଗ୍ରାମର ଗୋରୀଶଙ୍କର ମିଶ୍ରଙ୍କ ଘରୁ ୭୦ ଗ୍ରାମ ସୁନା ଓ ୬୨ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଗୋରୀଶଙ୍କର ମିଶ୍ରଙ୍କ ପରିବାର ଲୋକେ ଖାଇସାରି ଶୋଇ ପଡ଼ିବା ପରେ ଚୋର ଘରର ଝରକା ତାଡ଼ି ଘରେ ପଶି ଗୋଦରେଜ ଆଲମିରାରେ ଝିଅ ବିବାହ ପାଇଁ ରଖିଥିବା ୭୦ ଗ୍ରାମ ସୁନା ଅଳଙ୍କାର ଓ ନଗଦ ୬୨ ହଜାର ଟଙ୍କା ନେଇ ଯାଇଥିଲେ । ରାତି ୩ଟା ସମୟରେ ଗୋରୀଶଙ୍କରଙ୍କ ସ୍ତ୍ରୀ ସଞ୍ଜୁବାଳା ମିଶ୍ର ଉଠି ଦେଖିବା ବେଳକୁ ଜଣେ ଚୋର ଝରକା ଡେଇଁ ବାଡି ପଟକୁ ଚାଲି ଯାଇଥିଲା । ସେ ସ୍ୱାମୀଙ୍କୁ ନିଦରୁ ଉଠାଇ ଘରେ ଚୋର ପଶିଥିବା କହିବା ପରେ ଗୋରୀଶଙ୍କର ଚୋରର ପିଛା କରିଥିଲେ ସୁଦ୍ଧା ଚୋରକୁ ପାଇନଥିଲେ । ସକାଳୁ ଗୋରୀଶଙ୍କର ଘରୁ ଚୋରି ହୋଇଥିବା ନେଇ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୁଜିତ କୁମାର ଦାସ କହିଛନ୍ତି ।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମୀକ୍ଷା

# ସଠିକ୍ ଲାଭାର୍ଥି ଚିହ୍ନଟ ସହ ଅଭିଯୋଗର ଶୀଘ୍ର ସମାଧାନ ହେବ

ଭୁବନେଶ୍ୱର(ସବ୍ୟୁ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୁରେଶ




କୁମାର ବଶିଷ୍ଠଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଭାଗ ଅଧୀନସ୍ଥ ବିଭିନ୍ନ ଯୋଜନାର ସାମଗ୍ରିକ ପ୍ରଗତି, କାର୍ଯ୍ୟାନ୍ୱୟନ ସ୍ଥିତି ଓ କ୍ଷେତ୍ରସ୍ତରରେ ସମସ୍ୟାଗୁଡ଼ିକ ଉପରେ ସବିସ୍ତାର ଆଲୋଚନା କରାଯାଇଛି । ସଠିକ୍ ଲାଭାର୍ଥି ଚିହ୍ନଟ, ସମୟୋପଯୋଗୀ ଭାବେ ସେବା ପ୍ରଦାନ, ଅଭିଯୋଗର ଶୀଘ୍ର, ପାରଦର୍ଶୀ ଓ କାର୍ଯ୍ୟକାରୀ ନିରାକରଣକୁ ପ୍ରାଥମିକତା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ତୃଣମୂଳସ୍ତରରେ ସମନ୍ୱୟ ଓ ନିରୀକ୍ଷଣ ବୃଦ୍ଧି, ନିୟମିତ ଶିବିର ଆୟୋଜନ, ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ସହ ଯୋଜନାମାନଙ୍କର ଲକ୍ଷ୍ୟଭିତ୍ତିକ, ସମୟବଦ୍ଧ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି ।

## ଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଖଣି କର୍ମଚାରୀଙ୍କ ସଶକ୍ତିକରଣ ନିମନ୍ତେ

# ଡିଜିଏମ୍‌ଏସ୍ ସହଭାଗୀତାରେ ଶ୍ରମ ସଂହିତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ପକ୍ଷରୁ ଏହାର ଘୋରାଭୁରାଣି-ସାଗାସାହି ଖଣିରେ ନଭେମ୍ବର ୨୦୨୫ରେ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ନୂତନ ଶ୍ରମ ସଂହିତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉନ୍ନତ କାର୍ଯ୍ୟ ଅବସ୍ଥା ଏବଂ ବର୍ଦ୍ଧିତ ସାମାଜିକ ସୁରକ୍ଷା ମାଧ୍ୟମରେ ଖଣି କର୍ମଚାରୀମାନଙ୍କୁ ସଶକ୍ତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍)ର ଅଧିକାରୀମାନଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିବାବେଳେ ଏଥିରେ ୩୫୦ରୁ ଅଧିକ କର୍ମଚାରୀ, ସହଯୋଗୀ କର୍ମଚାରୀ ଏବଂ ଅଂଶୀଦାରମାନେ ସକ୍ରିୟତାର ସହିତ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱର କ୍ଷେତ୍ର-୨ ର ଖଣି ସୁରକ୍ଷା ନିର୍ଦ୍ଦେଶକ (ଡିଏମ୍‌ଏସ୍) ଏନ୍ ବାଲାସୁବ୍ରମଣ୍ୟମ, ଭୁବନେଶ୍ୱର କ୍ଷେତ୍ର-୨ ର ଖଣି ସୁରକ୍ଷା ଉପ-ନିର୍ଦ୍ଦେଶକ (ଡିଡିଏମ୍‌ଏସ୍) ୟୁ ଶିବ ଶଙ୍କର ଏବଂ ଦକ୍ଷିଣ ପୂର୍ବ ଜୋନ୍



(ଏସ୍ ଇଜେଡ୍), ରାଞ୍ଚିର ଖଣି ସୁରକ୍ଷା ନିର୍ଦ୍ଦେଶକ (ଇଲେକ୍ଟ୍ରିକାଲ୍) କେ ମହେଶ୍ୱର ରେଡ୍ଡୀଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଟିମ୍ ଖଣି ଶିଳ୍ପର ସୁରକ୍ଷା ନିୟମାବଳୀ ଏବଂ ଶ୍ରମ ଆଇନର ଅନୁପାଳନ ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ଏଏମ୍/ଏନଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ଯଥା ଖଣି ପରିଚାଳନା ବିଭାଗର ବରିଷ୍ଠ ମହା ପ୍ରବନ୍ଧକ ଅମିତ ଦୁବେ, ଖଣି ପ୍ରବନ୍ଧକ ସତ୍ୟକାମ ଦାସ, ଖଣି ସୁରକ୍ଷା ବିଭାଗର ମୁଖ୍ୟ ପ୍ରମୋଦ ମିଶ୍ର ଏବଂ ଖଣି କଲ୍ୟାଣ ଅଧିକାରୀ କମଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏନ୍. ବାଲାସୁବ୍ରମଣ୍ୟମ କହିଛନ୍ତି ଯେ, ନୂତନ ଶ୍ରମ ସଂହିତା ଏକ ସମାନ ମାନକ ସୃଷ୍ଟି କରିଛି, ଯାହା ଖଣି କ୍ଷେତ୍ରରେ କର୍ମଚାରୀମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନିୟମ ପାଳନ ପ୍ରକ୍ରିୟାକୁ ସରଳ କରିଛି । ଖଣିଗୁଡ଼ିକରେ, କର୍ମଚାରୀମାନଙ୍କ ଅଧିକାରକୁ ସୁରକ୍ଷିତ ତଥା ସଶକ୍ତ କରିବା ଏବଂ ଖଣି ଉଦ୍ୟୋଗରେ ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହିତ କରିବା, ଏଭଳି ସଚେତନତା ଅଧିବେଶନ ଆୟୋଜନ କରିବାର ପ୍ରମୁଖ ଉଦ୍ଦେଶ୍ୟ ଖଣି କ୍ଷେତ୍ରରେ ମହିଳା ସଶକ୍ତିକରଣ ଏବଂ ଲିଙ୍ଗଗତ ବିବିଧତାକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ସଂଶୋଧିତ ଶ୍ରମ ସଂହିତା ର ଭୂମିକା ଉପରେ ଏହି ପ୍ରତିନିଧି ଦଳ ଅଧିକ ଗୁରୁତ୍ୱାରୋପ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ନିଜର ଖଣି ପରିଚାଳନା କ୍ଷେତ୍ରରେ ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତକାରୀ ଏବଂ ପ୍ରଗତିଶୀଳ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଏଏମ୍ /ଏନଏସ୍‌ଇ ଣ୍ଡିଆର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି ।

## ସିମେଣ୍ଟ ବୋଝେଇ ହାଇୱା ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭାରସାମ୍ୟ ହରାଇ ଏକ ସିମେଂଟ ବୋଝେଇ ହାଇୱା ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଆହତ ହୋଇଛି। ପ୍ରକାଶଯେ କଟକ ଟାଂଗୀରୁ ସିମେଟ ବୋଝେଇ କରି ଏକ ହାଇଓ୍ୱା ଭଦ୍ରକ ଅଭିମୁଖେ ଯାଉଥିଲା। ଜାତୀୟ ରାଜପଥର ସାହାପୁର ଟ୍ରକ ଟର୍ମିନାଲ ନିକଟରେ ଉକ୍ତ ହାଇଓ୍ୱାଟି ଭାରସାମ୍ୟ ହରାଇ ଟ୍ରକ ଟର୍ମିନାଲର ଗଛ ଉପରେ ଚଢି ଡିଭାଇଡରରେ ଚଢିଯାଇଥିଲା। ଫଳରେ ଚାଳକ ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଂଚଳର ଅଭୟ ଭୋଇ ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ପହଂଚି ଆହତ ଚାଳକଙ୍କୁ ପ୍ରାଥମିକ ଚିକିସା କରାଇଥିଲେ।

## ଆସନ୍ନ ଅଙ୍ଗଚ୍ଛେଦକୁ ପ୍ରତିହିତ କରି ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ

# ରୋଗୀର ଗୋଡ଼କୁ ରକ୍ଷା କରିବାରେ ସଫଳ ହେଲେ ସମ୍ ଡାକ୍ତର

ଭୁବନେଶ୍ୱର, (ସବ୍ୟୁ): ରୋଗୀର ଆସନ୍ନ ଅଙ୍ଗଚ୍ଛେଦକୁ ପ୍ରତିହିତ କରି ଓଡ଼ିଶାରେ ପ୍ରଥମ ଥର ପାଇଁ ଆଣ୍ଠୁର ନିମ୍ନ ଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍‌ଷ୍ଟ୍ରିମ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍)ର ଡାକ୍ତର। ଏହି ଉଲ୍ଲେଖନୀୟ ପ୍ରକ୍ରିୟାକୁ ସମ୍ମମର ଇନ୍‌ଟରଭେନ୍‌ସନାଲ୍ ରେଡିଓଲୋଜିର କନ୍‌ସଲ୍‌ଟାଂଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ୍ ଭାସ୍କୁଲାର କେୟାର ମାଧ୍ୟମରେ ସମ୍ପନ୍ନ କରିଛନ୍ତି। ରୋଗୀଙ୍କ ଗୋଡ଼ର ଧମନୀରେ ଜଟିଳ ବ୍ଲକେଜ୍ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ଖୁବ୍ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନଥିବା ଅଲ୍‌ସର ଓ ଗାଙ୍ଗରିନ୍ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି।

ଏହି ଚିକିତ୍ସା ସମ୍ବନ୍ଧରେ ସୂଚନା ଦେଇ ଡାକ୍ତର ପଟ୍ଟନାୟକ କହିଛନ୍ତି ଯେ ଏଭଳି ଜଟିଳ ସମସ୍ୟା ଥିବା ରୋଗୀମାନଙ୍କର ଚିକିତ୍ସା ନେଇ ଖୁବ୍ କମ୍ ସୁଯୋଗ ରହିଥାଏ। ବିଶେଷ କରି ଆଣ୍ଠୁର ନିମ୍ନ ପାଶ୍ୱର୍ରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ ତାହା ରୋଗୀକୁ ଆହୁରି ଅସୁସ୍ଥ କରିଦେଇଥାଏ। ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ୍ ଏବଂ କ୍ଲଟ୍‌ଗୁଡ଼ିକୁ ବାହାର କରାଯାଇପାରୁଛି ଏବଂ ଏହା ଦ୍ୱାରା ଅଂଗଚ୍ଛେଦର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ



ସମ୍ ଅଲ୍ଟିମେଟ ମେଡିକେୟାରର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ସମାଜରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସମ୍ମମର ଲକ୍ଷ୍ୟ। ଏହି ସଫଳ ଅସ୍ତ୍ରୋପଚାର ଆମର ଲକ୍ଷ୍ୟକୁ ପ୍ରତିପାଦିତ କରୁଛି ବୋଲି ସେ କହିଛନ୍ତି।

# ଅପ୍ରାକୃତିକ ଯୌନ ସମ୍ପର୍କ ଓ ହତ୍ୟା ମାମଲା
# ଯୁବକକୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଇଲାକାରେ ଘଟିଥିବା ଏକ ସ୍ପର୍ଶକାତର ହତ୍ୟା ଘଟଣାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଜଣେ ୪ବର୍ଷର ଶିଶୁପୁତ୍ର ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରି ହତ୍ୟା କରିବା ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ଜଣକ ହେଲେ ଧରାକୋଟର ସୁକାନ୍ତ ସେଠୀ ଓରଫ୍ ଶ୍ରୀକାନ୍ତ(୨୬) । ଏହା ସହିତ ୨୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଡିଏଲ୍ଏସ୍ଏ ସଚିବଙ୍କୁ ନିର୍ଦ୍ଦେଶ ହୋଇଛି । ପ୍ରକାଶ ଯେ, ଗତ ୨୦୨୩ ଜାନୁଆରି ୨୪ତାରିଖରେ ଧରାକୋଟ ଥାନା ଇଲାକାର ଏକ ଗାଁରେ ଜଣେ ୪ବର୍ଷର ଶିଶୁପୁତ୍ର ରହସ୍ୟଜନକ ଭାବେ ନିଖୋଜ ହୋଇ ଯାଇଥିଲେ । ପରିବାରବର୍ଗ ବହୁ ଖୋଜାଖୋଜି ପରେ ଶିଶୁର ଖୋଜଖବର ପାଇ ନଥିଲେ । ପରେ ସାହିର ଏକ ଘର ଛାତରୁ ଶିଶୁର ମୃତଦେହ ଉଦ୍ଧାର ହୋଇଥିଲା । ଏହି ଘଟଣାରେ ପୁଲିସ ସେହି ଘରେ ରହୁଥିବା ଶ୍ରୀକାନ୍ତକୁ ଅଟକ ରଖି ଜେରା କରିଥିଲା । ଜେରା ବେଳେ ଶ୍ରୀକାନ୍ତ ଶିଶୁପୁତ୍ରକୁ ଅପହରଣ କରି ତା' ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷା କରି ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲା । ଏହି ମାମଲାରେ ଧରାକୋଟର ତତ୍କାଳୀନ ଥାନା ଅଧିକାରୀ ମମତା କୁମାରୀ ସାମନ୍ତରା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ମାମଲାର ବିଚାରଣା ବେଳେ ମୋଟ ୧୭ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା । ଆବଶ୍ୟକ ପ୍ରମାଣକୁ ଆଧାର କରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

# ସହଯୋଗୀ କର୍ମଚାରୀଙ୍କୁ ସଶକ୍ତ କରିବା ପାଇଁ "ପ୍ରୋଜେକ୍ଟ ସାଥ୍' ଆରମ୍ଭ କଲା ଟିପିଏସ୍ଓଡିଏଲ୍




ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ) ପକ୍ଷରୁ "ପ୍ରୋଜେକ୍ଟ ସାଥ୍' ପ୍ରକଳ୍ପ ଆରମ୍ଭ କରାଯାଇଛି । ବ୍ରହ୍ମପୁରର ଲାଠି ଗ୍ରାମରୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ଏହା ମାଧ୍ୟମରେ କମ୍ପାନୀର ସହଯୋଗୀ କର୍ମଚାରୀମାନଙ୍କ ନିମନ୍ତେ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟ ତଥା ସାମଗ୍ରିକ ବିକାଶର ଏକ ସହକାରୀ ଇକୋସିଷ୍ଟମ୍ ପ୍ରସ୍ତୁତ କରାଯାଇଛି । ପ୍ରକଳ୍ପ ଅଧିନରେ, "ପ୍ରଗତି ପଥ' ଭଳି ଯୋଜନାକୁ ସାମିଲ କରାଯାଇଛି, ଯାହା ମାଧ୍ୟମରେ ସହଯୋଗୀ କର୍ମଚାରୀଙ୍କ ପରିବାରର ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ । ସରକାରୀ ଆଇଟିଆଇ ତଥା ଡିପ୍ଲୋମା କଲେଜରେ ନାମ ଲେଖାଇବା ପ୍ରକ୍ରିୟାରେ ପିଲାମାନଙ୍କୁ କମ୍ପାନୀ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବ । ସେହିପରି "ମାର୍ଗ ଦର୍ଶନ' ଭଳି ପଦକ୍ଷେପ ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଥିବା ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ଅବଗତ କରାଇବ ଓ ଆର୍ଥିକ ମାର୍ଗଦର୍ଶନ ଦେବ । "ଆରୋଗ୍ୟ ପରିବାର' ପଦକ୍ଷେପ ଜରିଆରେ ସଞ୍ଜିବନୀ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଔଷଧାଳୟ, କର୍ମଚାରୀ ଓ ସେମାନଙ୍କ ପରିବାରକୁ ସୁଗମ ସ୍ୱାସ୍ଥ୍ୟସେବା ଯୋଗାଇବ ।

ଏହି ଶିବିରଗୁଡ଼ିକ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଅନ୍ୟ ଡ଼ାକ୍ତରୀ ସହାୟତା ପ୍ରଦାନ କରିବେ । ବ୍ରହ୍ମପୁରର ଲାଠି ଗ୍ରାମରେ ୬୫ରୁ ଅଧିକ ସହଯୋଗୀ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପକୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । କମ୍ପାନୀର ସିଏସ୍ଆର୍ ପଦକ୍ଷେପ ଦ୍ୱାରା ପରିଚାଳିତ "ଧାଗା' ଓ ଧୂପବତୀ ସେଣ୍ଟରର ଷ୍ଟଲ ମଧ୍ୟ ସେଠାରେ ପ୍ରଦର୍ଶିତ ହୋଇଥିଲା । ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ସହଯୋଗୀ କର୍ମଚାରୀଙ୍କ ସାର୍ବାଙ୍ଗୀନ ବିକାଶ କରିବା ଓ ସେମାନଙ୍କୁ ଏକ ଦକ୍ଷ ମାନବ ସମ୍ବଳରେ ପରିଣତ କରିବା ଦିଗରେ "ପ୍ରୋଜେକ୍ଟସାଥୀ' ବିଶେଷ ରୂପେ ସହାୟକ ହେବ । ଟିପିଏସ୍ଓଡିଏଲ୍ ସହ ଜଡ଼ିତ ସଂପ୍ରଦାୟଗୁଡ଼ିକୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଜୀବିକା ଭଳି ମାନଦଣ୍ଡରେ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ଆମେ ସଦା ପ୍ରୟାସରତ ଅଛୁ । ଏଭଳି ପଦକ୍ଷେପ ମାଧ୍ୟମରେ, ଟିପିଏସ୍ଓଡିଏଲ୍ ଦକ୍ଷିଣ ଓଡ଼ିଶାରେ ଏକ ସଶକ୍ତ ଓ ପ୍ରଗତିଶୀଳ ସମାଜ ଗଠନ ଦିଗରେ ଉଦ୍ୟମ ଜାରି ରଖିଛି ।

## ଡିଭାଇଡର ଅଧପନ୍ତରିଆ, ବଢୁଛି ଜନ ଅସନ୍ତୋଷ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ଅଧପନ୍ତରିଆ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା । ତେବେ କେବଳ ମଦନ ମୋହନ ଛକ ଠାରୁ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ମୁଖ୍ୟ ବଜାର ସହିତ ହାଇସ୍କୁଲ ଛକ ଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡି ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଡିଭାଇଡର ହୋଇପାରୁ ନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

## କନ୍ଧମାଳରୁ ପୁରୀ: କାର୍‌ରେ ଗଞ୍ଜେଇ ଚାଲାଣ, ମାଡିବସିଲା ପୋଲିସ



ଭଞ୍ଜନଗର, (ସବ୍ୟୁ) : କନ୍ଧମାଳରୁ ପୁରୀକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଭଞ୍ଜନଗର ଥାନା ଅନ୍ତର୍ଗତ ଖାରିଗୁଡ଼ା ନିକଟରେ ଗୋଟିଏ କାର୍‌କୁ ଚଢ଼ାଉ କରିଥିଲା ପୋଲିସ । ଘଟଣା ସ୍ଥଳରୁ କାର୍ ସହ ୧୦୬ କିଲୋ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ପୁରୀ ଜିଲ୍ଲା କାକଟପୁରୁ ଥାନା ଅଞ୍ଚଳର ମନୋଜ କୁମାର ଦାସକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଥାନାଧିକାରୀ ଜିବନାନନ୍ଦ ଜେନା ଦେଇଥିବା ସୁଚନା ପ୍ରକାରେ, କନ୍ଧମାଳରୁ ଭଂଜନଗର ଅଭିମୁଖେ ଆସୁଥିବା ଓଡି ୦୩ ଏଲ୍ ୨୪୪୪ ନମ୍ବରର ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇଥିଲା ପୋଲିସ । ଖାରିଗୁଡ଼ା ନିକଟରେ ପୋଲିସକୁ ଦେଖି, ସଂପୃକ୍ତ କାର୍‌ଟି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ, ପେଟ୍ରୋଲି କରୁଥିବା ଏସଆଇ ସମୀର କୁମାର ସେଠୀ ଏବଂ ତାଙ୍କ ଟିମ୍ ପିଛା କରି ଚଢ଼ାଉ କରିଥିଲେ । ଯାଞ୍ଚ ସମୟରେ ଚାରିଟି ଜରି ବସ୍ତାରୁ ୧୦୬ କିଲୋ ୬୫୦ ଗ୍ରାମ ଗଞ୍ଜେଇ ବାହାରିଥିଲା ।

ମାଜିଷ୍ଟ୍ରେଟ ତଥା ସହାୟକ ଜିଲ୍ଲାପାଳ ଜୀବନଜ୍ୟୋତି ନାୟକଙ୍କ ଉପସ୍ଥିତିରେ ସଂପୃକ୍ତ ଗଞ୍ଜେଇ ସହ ନଗଦ ୧୨ ଶହ ଟଙ୍କା ଏବଂ ଗୋଟିଏ ମୋବାଇଲ୍ ଜବତ ହୋଇଥିଲା । ଏନେଇ ଥାନା କେଶ୍ ନମ୍ବର ୧୪୪/୨୬ ରେ ଏକ ମାମଲା ରୁଜୁକରି ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଜେନା ସୁଚନା ଦେଇଛନ୍ତି ।

## ମୟୂରଭଞ୍ଜ ଆୟୁଷ ଡାକ୍ତର ସଂଘ ପକ୍ଷରୁ ସରକାରଙ୍କୁ କୃତଜ୍ଞତା

ବାରିପଦା, (ସବ୍ୟୁ) : ୨୦୦୭ ମସିହାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ଆୟୁଷ ଡାକ୍ତର ମାନେ ଚରମ ଅବହେଳାର ଶିକାର ହୋଇ ସ୍ୱଳ୍ପ ବେତନରେ କାମ କରି ଆସୁଛନ୍ତି। ସମୟ ଅନୁସାରେ ପୂର୍ବରୁ ବାରମ୍ବାର ଦାବୀ ସତ୍ତ୍ୱେ‌ର୍ ତାଙ୍କର ଦାବୀକୁ ସରକାର କର୍ଣ୍ଣପାତ କରୁନଥିଲେ। ମାତ୍ର ସୌଭାଗ୍ୟର ବିଷୟ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସରକାର ସହୃଦୟ ହୋଇ ଆୟୁଷ ଡାକ୍ତର ମାନଙ୍କର ଅବହେଳାକୁ ହୃଦୟଙ୍ଗମ କରି ତାଙ୍କ ବେତନଙ୍କୁ ବରିଷ୍ଠତା ଭିତରେ ୨୦,୦୦୦ ରୁ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସରକାରଙ୍କର ଏହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ମୟୂରଭଞ୍ଜ ଥା ସାରା ଓଡିଶାରେ ଆୟୁଷ ଡାକ୍ତରଙ୍କ ମହଲରେ ଖୁସୀର ଲହରୀ ଦେଖାଯାଇଛି। ମୟୂରଭଞ୍ଜ ଆୟୁଷ ଡାକ୍ତର ସଂଘର ସଭାପତି ଡାଃ ନୟନ କୁମାର କର, ସମ୍ପାଦକ ଡାଃ ମୁକେଶ ମିଶ୍ରଙ୍କ ନେତୃତ୍ୱରେ ଡାଃ ଚିନ୍ମୟ କୁମାର ନାୟକ, ଡାଃ ସଂଜୀବ୍ କୁମାର ଦାସ, ଡାଃ ଉତ୍ତମ କୁମାର ଦାସ, ଡାଃ ଚିନ୍ମୟ କୁମାର ନାୟକ, ଡାଃ ସଂଜୀବ କୁମାର ଦାସ, ଡାଃ ଉତ୍ତମ କୁମାର ଦାସ, ଡାଃ ଦେବାଶିଷ ଘଡେଇ, ଡାଃ ଉଦୟ କୁମାର ମହାନ୍ତ, ଡାଃ ମମତା ପୁଥାଳ, ଡାଃ ଶିୟଶ୍ୟାମ ପଶା ପ୍ରମୁଖ ସାମିଲ ହୋଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଏବଂ ଓଡିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ସରକାର ତାଙ୍କର ମୁଖ୍ୟ ଦାବୀ ସ୍ଥାୟୀ କରଣ ବାବଦରେ ଚିନନ୍ତା କରିବାକୁ ସଂଘ ପକ୍ଷୁ ଅନୁରୋଧ କରାଯାଇଛି ।

## ଗ୍ରାମୀଣ କଳା-ସାହିତ୍ୟ-ସଙ୍ଗୀତ-ଚିତ୍ରକୁ ନେଇ ନାନପୁର ମହୋତ୍ସବ



ବାଲିଚନ୍ଦ୍ରପୁର, (ସବ୍ୟୁ) : ଗ୍ରାମୀଣ କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଫେବୃୟାରୀ ୧୫ ତାରିଖ ରବିବାର ଶିବରାତ୍ରି ଦିନ ନାନପୁର ଗାଁରେ ଆୟୋଜିତ ହେଉଛି ନାନପୁର ମହୋତ୍ସବ । ଲଣ୍ଡନରେ ରହୁଥିବା ବିଶିଷ୍ଟ ପ୍ରବାସୀ ଲେଖକ ତଥା ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ସଂସ୍ଥାପିତ ଦି କ୍ରିଏଟିଭ୍ ହାଣ୍ଡସ୍ ଆର୍ଟ ଗ୍ୟାଲେରୀ-ନାନପୁର ଆନୁକୂଲ୍ୟରେ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଜନଜୀବନକୁ ଆଧାର କରି ଯାଜପୁର ଜିଲ୍ଲାର ବିରୂପା ନଈକୂଳର ଗାଁ ନାନପୁରଠାରେ ଆୟୋଜିତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ବିଶିଷ୍ଟ ଲେଖକ ଡ. ମହାନ୍ତି କହିଛନ୍ତି ଯେ, ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମ ପବିତ୍ର ବନ୍ଧୁତ୍ୱର ନିଦର୍ଶନକୁ ନେଇ ଅନୁଷ୍ଠିତ ହେବ । ନାନପୁର ଗାଁର ବନ୍ଧୁ ଲଣ୍ଡନ ନିବାସୀ ବାରିଷ୍ଟର ସ୍ୱର୍ଗତ ଡେରିକ୍ ମୋର୍‌ଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସ୍ମୃତିରେ ସମର୍ପିତ ଏହି କାର୍ଯ୍ୟକ୍ରମରେ ସକାଳ ୧୦ଟାରେ ଡେରିକ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସ୍ମୃତିଚାରଣ କରାଯିବ । ଆର୍ଟ ଗ୍ୟାଲେରି ଗୃହ ଅଙ୍ଗନରେ ଆୟୋଜିତ ମହୋତ୍ସବର ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଗାଁର ପିଲାମାନଙ୍କ ଦ୍ୱାରା ଚିତ୍ର ଅଙ୍କନ, ନୃତ୍ୟ, ଗୀତ ଓ ଅଭିନୟ ଇତ୍ୟାଦି ପ୍ରଦର୍ଶିତ ହେବ । ବିଶେଷକରି ଗ୍ରାମ୍ୟ ମହିଳାମାନଙ୍କ ଦ୍ୱାରା ମାଣବସା ଗୁରୁବାରରେ ଅଙ୍କା ଯାଉଥିବା ଝୋଟି ଓ ଚିତା ପ୍ରତିଯୋଗିତା, ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ମୋ ଗାଁ, ମୋ ଜୀବନ ପ୍ରବନ୍ଧ ଲିଖନ, ମୋ ଗାଁର ଚିତ୍ର ଓ ମୋ ଗାଁର ଗୀତ ଓ ନାଚ ପ୍ରତିଯୋଗିତା, କବିମାନଙ୍କ ଦ୍ୱାରା କବିତା ପାଠ, ସାହିତ୍ୟ ଚର୍ଚ୍ଚାର ଆଲୋଚନା ଓ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ କବି, ଲେଖକ, ଚିତ୍ରଶିଳ୍ପୀ, ସମାଜସେବୀ ଓ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ । କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପକ୍ଷରୁ ସର୍ବୋଚ୍ଚ ସାହିତ୍ୟ ସମ୍ମାନ ଅନରାରି ଫେଲୋସିପ୍ ପ୍ରାପ୍ତ ବିଶିଷ୍ଟ ପ୍ରବାସୀ ଲେଖକ ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା, ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଏହି ଅବସରରେ ଆୟୋଜିତ ହେବ ବୋଲି ନାନପୁର ମହୋତ୍ସବ ଆୟୋଜନ ସମିତି ପକ୍ଷରୁ ଶୁଭେନ୍ଦୁ କୁମାର ଭୂୟାଁ, ଶାନ୍ତିଲତା ଜେନା, ସତ୍ୟଜିତ ଭୂୟାଁ ଓ ଅନୁପରାଜ ମହାନ୍ତି ପ୍ରମୁଖ ଜଣାଇଛନ୍ତି ।

## ପ୍ରେମିକାଙ୍କ ଫଟୋ ଭାଇରାଲ କରି ଅବକାରୀ ଏଏସଆଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପ୍ରେମିକାଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ କରି ଅର୍ଥ ଶୋଷଣ କରୁଥିବା ଜଣେ ଅବକାରୀ ଏଏସଆଇ ଗିରଫ ହୋଇଛନ୍ତି। ସେ ହେଲେ ଅନୁଗୁଳ ଆଠମଲିକ ଅବକାରୀ ଥାନାରେ କାର୍ଯ୍ୟରତ ଝାରସୁଗୁଡା ହଂସମର୍କଟପଲ୍ଲୀର ସୁରେନ୍ଦ୍ର ପ୍ରଧାନ(୩୯)। ପୁଲିସ ଅଭିଯୁକ୍ତ ସୁରେନ୍ଦ୍ର ନିକଟରୁ ୨ଟି ମୋବାଇଲ ଜବତ କରିଛି। ଆଜି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନା ପ୍ରକାରେ, ଏଏସଆଇ ସୁରେନ୍ଦ୍ର ଆଜକୁ ୬ ମାସ ତଳେ ବ୍ରହ୍ମପୁର ଅବକାରୀ ବିଭାଗରେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଇନଷ୍ଟାଗ୍ରାମରେ ଜଣେ ମହିଳାଙ୍କ ସହ ତାଙ୍କର ବନ୍ଧୁତା ସୃଷ୍ଟି ହୋଇଥିଲା। ଉଭୟଙ୍କ ମଧ୍ୟରେ ନିବିଡତା ବଢିବା ପରେ ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲେ। ଏହି ସମୟରେ ଉଭୟ ଅନ୍ତରଙ୍ଗ ହେବା ସହ ଅଭିଯୁକ୍ତ ସୁରେନ୍ଦ୍ର ଏହାର ଫଟୋ ଉତ୍ତୋଳନ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଫଟୋ ଭାଇରାଲ କରିବାର ଧମକ ଦେଇ ମହିଳାଙ୍କ ଠାରୁ ଟଙ୍କା ବାଦି କରିଥିଲେ। ମହିଳା ଜଣଙ୍କ ଅନ୍ୟ ଉପାୟ ନପାଇ ସୁରେନ୍ଦ୍ରଙ୍କୁ ଫୋନ-ପେ ଜରିଆରେ ୪୦ ହଜାର ଟଙ୍କା ଦେଇଥିଲେ। ଯହଲେ ସୁରେନ୍ଦ୍ର ଅଧିକ ଟଙ୍କା ଦାବି କରିବାରୁ ମହିଳା ଜଣଙ୍କ ବାଧ ହୋଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ସାଇବର ଥାନାରେ ଏକ ମାମଲା(୧୩/୨୬) ରୁଜୁ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଏଏସଆଇ ସୁରେନ୍ଦ୍ରଙ୍କୁ କାବୁ କରିବା ପରେ ବ୍ରହ୍ମପୁର ଆଣିଥିଲା।

## ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାରେ ମୟୂରଭଞ୍ଜରୁ ୬୪ ତୀର୍ଥଯାତ୍ରୀ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ତରଫରୁ ବାରିପଦାସ୍ଥିତ କଲେଜ ପଡ଼ିଆରେ ଏକ ସଭା ଆୟୋଜିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବାରିପଦା ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଡଃ ମହାପାତ୍ର ଜଗନ୍ନାଥ ଦର୍ଶନ ଯୋଜନା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ଉପଲବ୍ଧି ହୋଇପାରିବା ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଏହା ଏକ ଯୁଗାନ୍ତକାରୀ ଯୋଜନା ବୋଲି ଅଭିହିତ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଶ୍ରୀ ଖୁଣ୍ଟିଆ ଏହାଦ୍ୱାରା ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହୋଇ ପାରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ବାରିପଦା ବିଧାୟକ ଶ୍ରୀ ସୋରେନ୍ ପୁରୀ ଦର୍ଶନର ଅଭିଳାଷ ଏହି ବୃଦ୍ଧ ଜୀବନରେ ସମସ୍ତଙ୍କ ଲକ୍ଷ୍ୟ ଥାଏ, ଥରୁଟିଏ ଶ୍ରୀମନ୍ଦିର ଯାଇ ବାଇଶି ପାହାଚ ଚଢିବା ପାଇଁ । ସାଧାରଣ ଲୋକର ମନର ଭାବନାକୁ ରୂପାନ୍ତରିତ କରି ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେହି ସ୍ୱପ୍ନ ପୂରଣ ହେବାକୁ ଯାଉଛି ବୋଲି କହିଛନ୍ତି ।

ଏହି ଅବସରରେ ଉପସ୍ଥିତ ଅତିଥିମାନେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହ ସବୁଜ ପତାକା ଦେଖାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବା ବସ୍‌ର ଶୁଭାରମ୍ଭ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ସମୁଦାୟ ୬୪ଜଣ ତୀର୍ଥଯାତ୍ରୀ ଦୁଇଟି ବସ୍ ମାଧ୍ୟମରେ ଯାଇଛନ୍ତି । ଏଥିରେ ଚାରିଜଣ ଏସକୋର୍ଟ ଅଧିକାରୀ ଓ ଦୁଇଜଣ ମେଡିକାଲ ଅଫିସର ମଧ୍ୟ ତୀର୍ଥଯାତ୍ରୀଙ୍କ ଯାତ୍ରାର ସୁଗମତା ପାଇଁ ନିୟୋଜିତ ଅଛନ୍ତି ।

ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ଏୟାର ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପିତ




ବ୍ରହ୍ମପୁର, (ସବ୍ୟୁ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ବିଚାରବିମର୍ଶ ପରେ ୧୩ ଫେବୃଆରୀ ୨୦୨୬ ରେ ଏୟାର ଡିଫେନ୍ସ ଆଣ୍ଡ ସିକ୍ୟୁରିଟି (ଆଇସିଏଡିଏସ-୨୦୨୬)ର ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ଶେଷ ହୋଇଯାଇଛି । ଷ୍ଟିଫେନ୍ ହକିଂ ସିନେପ୍ଲେକ୍ସରେ ଆୟୋଜିତ ଏହି ସମ୍ମିଳନୀର ଦ୍ୱିତୀୟ ଦିବସରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡକଟର ସୁକାନ୍ତ କେ. ମହାପାତ୍ର ଉଦଘାଟନୀ ଭାଷଣ ଏବଂ କୁଳପତି ଡ଼ଃ ପ୍ରିୟଦର୍ଶନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଆର୍ମି ଏୟାର ଡିଫେନ୍ସ କଲେଜର କମାଣ୍ଡାଣ୍ଟ ଲେଫଟନାଣ୍ଟ ଜେନେରାଲ ଆରସି ଶ୍ରୀକାନ୍ତ, ଏଭିଏସ୍ଏମ୍, ଭିଏସ୍ଏମଙ୍କ ଦ୍ୱାରା ଅଭିଭାଷଣ ସହିତ ଦ୍ୱିତୀୟ ଦିନର କାର୍ଯ୍ୟ ଆରମ୍ଭ ହୋଇଥିଲା । ନିଷ୍ଟ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଓ ନେତୃତ୍ୱ ମଧ୍ୟ ଉପସ୍ଥିତ ଥିଲେ ।

ଏହି ସମ୍ମିଳନୀରେ ବେଙ୍ଗାଲୁରୁ ସ୍ଥିତ ସିଏସଆଇଆର-ଏନଏଏଲର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡକଟର ବାଲାମତି ଚୌଧୁରୀ, ରମ୍ବସ୍ ପାବାର ଇଣ୍ଡିଆ ଲିମିଟେଡର ଅବସରପ୍ରାପ୍ତ ମେଜର ଗୋର୍କି ଚାନ୍ଦୋଲା, ତୁର୍କୀର କାପାଡୋସିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକଟର ଅଲିୟୁସ ପ୍ରମୁଖ ଅଧିବେଶନରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡିଆରଡିଓ ବେଙ୍ଗାଲୁରୁର ଏରୋନଟିକାଲ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ ବୈଜ୍ଞାନିକ 'ଏଫ' ବିଜୟ କୁମାର ସୂତ୍ରକାର ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନରେ ପ୍ରତିରକ୍ଷା ଏବଂ ରଣନୈତିକ ପରିବେଶ ଉପରେ ସମାନ୍ତରାଳ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ପ୍ରତିରକ୍ଷା ଡୋମେନ ଏବଂ ଭବିଷ୍ୟତ ପ୍ରସ୍ତୁତି, ସାଇବର ସୁରକ୍ଷା ଏବଂ ସୂଚନା ଯୁଦ୍ଧରେ ଭାଗ ନେଉଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆର୍ମି ଏୟାର ଡିଫେନ୍ସ କଲେଜ ଦ୍ୱାରା ଆପଣଙ୍କ ସେନାକୁ ଜାଣନ୍ତୁ ଉପକରଣ ପ୍ରଦର୍ଶନର ଆୟୋଜନ କରାଯାଇଥିଲା, ଯେଉଁଥିରେ ନିଷ୍ଟ ବିଶ୍ୱବିଦ୍ୟାଳୟ ଏବଂ ଏହାର ଆଖପାଖରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତି ଭାରତୀୟ ସେନାର ସାମରିକ ଶକ୍ତି ପ୍ରଦର୍ଶନ କରିଥିଲେ ।

ଏହି ସମ୍ମିଳନୀରେ ଆର୍ମି ଏୟାର ଡିଫେନ୍ସ କଲେଜର ସହଯୋଗରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିକଶିତ ଭେଣ୍ଡର ପ୍ରଦର୍ଶନୀ ଏବଂ ବିଭିନ୍ନ ଅଭିନବ ବୈଷୟିକ ଉଦ୍ଭାବନ ମଧ୍ୟ ଦେଖିବାକୁ ମିଳିଥିଲା । ଶେଷ ଅଧିବେଶନରେ ମୁଖ୍ୟ ଅତିଥି ଆର୍ମି ଏୟାର ଡିଫେନ୍ସ କଲେଜର କମାଣ୍ଡାଣ୍ଟ ଲେଫଟନାଣ୍ଟ ଜେନେରାଲ ଆରସି ଶ୍ରୀକାନ୍ତ ସମସ୍ତ ଅଂଶଗ୍ରହଣକାରୀ ଏବଂ ଆର୍ମି ଏୟାର ଡିଫେନ୍ସ କଲେଜ ଓ ନିଷ୍ଟ ବିଶ୍ୱବିଦ୍ୟାଳୟର ଆୟୋଜକମାନଙ୍କୁ ଆଇସିଏଡିଏସ ୨୬ର ସଫଳ ଆୟୋଜନ ପାଇଁ ଅଭିନନ୍ଦନ ଜଣାଇଥିଲେ । ନିଜର ଉଦ୍‌ଯାପନୀ ବକ୍ତବ୍ୟରେ ସେ ଗୁରୁତ୍ୱାରୋପ କରିଥିଲେ ଯେ ଏଭଳି ସାମରିକ-ଶିକ୍ଷାନୁଷ୍ଠାନ-ଶିଳ୍ପ ସମନ୍ୱୟ ରାଷ୍ଟ୍ରୀୟ ପ୍ରତିରକ୍ଷାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ ଏବଂ ଯୁବ ପ୍ରଯୁକ୍ତିବିତମାନଙ୍କୁ ପ୍ରେରଣା ଦେବା ପାଇଁ ଏକ ଅନନ୍ୟ ମଞ୍ଚ ପ୍ରଦାନ କରିଥାଏ । ଆଇସିଏଡିଏସ-୨୦୨୬ ର ସଫଳ ଆୟୋଜନ ସମକାଳୀନ ବାୟୁ ପ୍ରତିରକ୍ଷା ଆହ୍ୱାନ ଏବଂ ଭବିଷ୍ୟତ ସୁରକ୍ଷା ଉପରେ ବିଚାରବିମର୍ଶ ପାଇଁ ଏକ ପ୍ରମୁଖ ମଞ୍ଚ ଭାବେ ଏହାର ଗୁରୁତ୍ୱକୁ ସୂଚାଇଥିଲା ।

## ମା'କୁ ମାଡ଼ ମାରି ପୁଅ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିଜ ଜନ୍ମ କଲା ମାଆକୁ ମାଡ଼ ମାରିବା ଅଭିଯୋଗରେ ବଡ ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଜଣକ ହେଲେ ଲକ୍ଷ୍ମୀ ନୃସିଂହ ସାହିର ଲବ ସେଠୀ (୨୮) । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଲବ ପ୍ରତିଦିନ ନିଜ ମାଆକୁ ପଇସା ମାଗେ । ପଇସା ନଦେଲେ ଗାଳି ଗୁଲଜ କରେ । ଗତ ୧୦ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ସାନ ପୁଅ ଲବ ନିଜ ମାଆକୁ କିଛି ଟଙ୍କା ମାଗିଥିଲା। ମାଆ ଟଙ୍କା ନାହିଁ କହିବାରୁ ଲବ ମାଆକୁ ମାରପିଟ କରିଥିଲା । ଏଥିରେ ମାଆ ଆହତ ହୋଇଥିଲେ । ପରେ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲବକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଶିଶିର ହେଲେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁଦୁୟା ଦାୟିତ୍ୱ ନେଇଛନ୍ତି । ଏହାସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁଦୁୟା କହିଛନ୍ତି ଯେ, ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଁଞ୍ଚାଇବାକୁ ପ୍ରୟାସ କରିବେ । ସେହିପରି ଜିଲ୍ଲାପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ । ଅଭିନବ ଶୈଳୀରେ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ସୁଦୂରପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି ସେ କହିଛନ୍ତି ।

## ମୟୂରଭଞ୍ଜ ଜିଲ୍ଲା (ପୂର୍ବ) କଂଗ୍ରେସ ଉପସଭାପତି ହେଲେ ଶିବାନନ୍ଦ ଦାସ

ବାରିପଦା, (ସବ୍ୟୁ) : ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ର ଉପସଭାପତି ଭାବେ ଶିବାନନ୍ଦ ଦାସ ମନୋନୀତ ହୋଇଛନ୍ତି । ପୂର୍ବରୁ ଜିଲ୍ଲାର ଅନେକ ଗୁରୁ ଦାୟିତ୍ୱ ସମ୍ଭାଳି ଥିବା ଶ୍ରୀ ଦାସ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଜ୍ଞାନେନ୍ଦ୍ର ନାଥ ଦାସଙ୍କ ସୁପୁତ୍ର ଅଟନ୍ତି । ଶ୍ରୀ ଦାସ ଏଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ କୁମାର ଦାସ, ଅରବିନ୍ଦ ଦାସ, ବର୍ତ୍ତମାନର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଧନ୍ୟବାଦ ଜଣାଇ ଅଛନ୍ତି । ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରାଯିବ ବୋଲି ଶ୍ରୀ ଦାସ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଶ୍ରୀ ଦାସଙ୍କ ମନୋନୟନରେ ସମଗ୍ର ମୟୂରଭଞ୍ଜ ତଥା ବିଶେଷ କରି ରସଗୋବିନ୍ଦପୁର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

### ଚାଷୀଙ୍କ ପାଇଁ ଢେଙ୍କାନାଳରେ ବିଜେଡିର ଗର୍ଜନ

# ମହିଳା, ଛାତ୍ରଛାତ୍ରୀ ଅସୁରକ୍ଷିତ, ଅନ୍ନଦାତା ନିର୍ଯ୍ୟାତିତ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟରେ ବିଜେପି ସରକାରର ଚାଷୀ ମାରଣ ନୀତି, ବିପର୍ଯ୍ୟୟ ଆଇନୀ ଶୃଙ୍ଖଳା ଓ ପ୍ରତିଶୃତି ଖିଲାପ ବିରୁଦ୍ଧରେ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଏକ ଦାବୀପତ୍ର ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଜରିଆରେପ୍ରଦାନ କରାଯାଇଛି । ଜିଲ୍ଲାରେ ବିଜେପି ସରକାରର ଚାଷୀ ମାରଣ ନୀତି, ବିପର୍ଯ୍ୟୟ ଆଇନୀ ଶୃଙ୍ଖଳା ଓ ପ୍ରତିଶୃତି ଖିଲାପ ବିରୁଦ୍ଧରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବିଜେଡି ପକ୍ଷରୁ ଏହି ବିକ୍ଷୋଭ ପ୍ରତିବାଦ କରାଯାଇଥିଲା । ହଜାର ସଂଖ୍ୟାର ବିଜେଡି କର୍ମୀ ନେତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମେ ବାଜିଚୌକ ଠାରେ କନିଷ୍ଠ ବୀର ସହିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଶେଷରେ



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ନୃସିଂହ ସାହୁ, ଜଗତସିଂହ ପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି, ରାଜ୍ୟ ଛାତ୍ର ବିଜେଡି ସଭାପତି ଇପସିତା ସାହୁ, ଢେଙ୍କାନାଳ ପୂର୍ବତନ ବିଧାୟକ ସୁଧିର କୁମାର ସାମଲ ଏବଂ ହଜାର ସଂଖ୍ୟାର କର୍ମକର୍ତାମାନେ ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଛନ୍ତି ।

ଏହି ଅବସରରେ ପୂର୍ବତନ ବିଧାୟକ ଡ.ନୃସିଂହ ଚରଣ ସାହୁ ତାଙ୍କର କ୍ଷୋଭ ପ୍ରକାଶ କରିବା ସହିତ ବିଜେପି ନିର୍ବାଚନ ସମୟରେ ଦେଇଥିବ ପ୍ରତିଶୃତି ଚାଷୀଙ୍କୁ ସହାୟତା, ଇନପୁଟ ସବସିଡି ପ୍ରଦାନ କିଛି ବି ହେଲାନାହିଁ । ମଣ୍ଡିରୁ ଧାନ ଉଠୁନାହିଁ, ମିଲର ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି, କଟନୀଛଟନୀ ହେଉଛି ଫଳରେ ଚାଷୀମାନେ ବାଧହୋଇ ଅଭାବି ଧାନ ବିକ୍ରୀ କରୁଥିବାର ସେ ଅଭିଯୋଗ କରିଛନ୍ତି ।

ଏହି ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ମହିଳା ମାନେ ଅସୁରକ୍ଷିତ ବୋଲି କହିବା ସହିତ ପ୍ରାୟ ୪୦ ହଜାର ମହିଳା ନିର୍ଯ୍ୟାତିତ ହୋଇଛନ୍ତି ବୋଲି କହିଥିଲେ । ସେହିପରି ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ କହିବା ଅନୁସାରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ଧାନମଣ୍ଡିରେ ଅବ୍ୟବସ୍ଥା ରହୁଛି । ଅନ୍ନଦାତା ଆଜି ନିର୍ଯ୍ୟାତିତ ବୋଲି କହିଛନ୍ତି ।

ସେହିପରି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି ଯେ, ବର୍ତ୍ତମାନର ସରକାର ମିଛ ପ୍ରତିଶୃତି ଦେଇଛି । ଦଳିତ, ଯୁବକ, ଛାତ୍ରଛାତ୍ରୀଙ୍କୁ ମିଛ ପ୍ରତିଶୃତି ଦେବା ସହିତ ଗୋଟିଏବି ପ୍ରତିଶୃତି ବିଜେପି ପୂରଣକରିନାହିଁ । ମଣ୍ଡି ଦଲାଲଙ୍କ ନିୟନ୍ତ୍ରଣରେ ରହିଛି । ନାରୀନିର୍ଯ୍ୟାତନା, ଶିଶୁ ମୃତ୍ୟୁ ହାର, ଅପରାଧ ବଢ଼ିଛି ବୋଲି କହିଥିଲେ । ହାତୀ ମୃତ୍ୟୁ ଘଟଣାକୁ ଦୁର୍ଘଟଣା କହିବା କୁ ନିନ୍ଦା କରିବା ସହିତ ଏହାର ତଦନ୍ତ କଣ ବୋଲି ପ୍ରଶ୍ନ କରିଛନ୍ତି ।

ସେହିପରି ରାଜ୍ୟ ଛାତ୍ର ବିଜେଡି ସଭାପତି ଇପସିତା ସାହୁ କହିଛନ୍ତି କଥାରେ ଅଛି ଚାଷ କାମ ଯାହାର କି ଆନନ୍ଦ ତାହାର କିନ୍ତୁ ଓଡିଶାରେ ଚାଷୀ ମାନେ କହୁଛନ୍ତି ଚାଷ କାମ ଯାହାର ବହୁତ ଦୁଃଖ ତାହାର । ବିଜେଡି ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଆଜିର ଏବିକ୍ଷୋଭ ବୋଲି କହିବା ସହିତ ସରକାରଙ୍କ ମୁଖା ଖୋଲିବାକୁ କହିଛନ୍ତି । ଆମର ଚାରଟି ଦାବୀ ମଣ୍ଡିରୁ ଧାନ ଉଠାଯାଉ, ମିଲର ଏବଂ ସରକାରଙ୍କ ମଧ୍ୟରେ ଥିବା ଭାବପିରତୀକୁ ଛାଡି ଚାଷୀଙ୍କୁ ନିରୁତ୍ସାହିତ ବଦଳରେ ପ୍ରୋତ୍ସାହିତ କରାଯାଉ, ଇନପୁଟ ସବସିଡି ୧୫୦ କ୍ୱିଣ୍ଟାଲ ପରେ ଥିବା ସିଲିଂକୁ ହଟାଯାଉ, ଡିବିଟି ମାଧ୍ୟମରେ୪୮ ଘଣ୍ଟା ମଧ୍ୟରେ ଟଙ୍କା ପ୍ରଦାନ କରାଯାଉ ଏଭଳି ଦାବୀ ନେଇ ଆଜି ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏହି କାର୍ଯ୍ୟକ୍ରମରେ ହଜାର କର୍ମୀ ଯୋଗ ଦେଇଥିଲେ ।

## ଯୁବ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ପୋଲିସ ତଦନ୍ତ ଜାରି

ରେଙ୍ଗାଲି, (ସବ୍ୟୁ): ଅନୁଗୁଳ ଜିଲ୍ଲା କାଣ୍ଡସର ଗ୍ରାମର ଅଭିଜିତ ବିଶୋଇ (୩୨) ରେଙ୍ଗାଲି ମ୍ୟାକ୍ସ ପ୍ଲାନିଂ ଇଂଜିନିୟରିଂ କମ୍ପାନୀରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଏଠାରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟରେ ସହକର୍ମୀ ଭାବେ କାର୍ଯ୍ୟର ତଦାରଖ କରୁଥିଲେ । ଗୁରୁବାର ଅପରାହ୍ନରେ ସନ୍ଦେହଜନକ ପରିସ୍ଥିତିରେ ସେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପାଖରେ କମ୍ପାନୀର ଭଡା ଘରେ ସେ ରହୁଥିଲେ । ଏହି ସଂସ୍ଥା ପାନୀୟ ଜଳ ଯୋଗାଣ ସମ୍ବନ୍ଧୀୟ ମେଗା ପ୍ରକଳ୍ପର ସହଯୋଗୀ ଭାବେ କାମ କରୁଥିବା ଜଣାପଡିଛି ।

ଗୁରୁବାର ଅପରାହ୍ନରେ ସହକର୍ମୀମାନେ କାର୍ଯ୍ୟରୁ ଫେରି ଘର ଭିତରେ ଯନ୍ତ୍ରୀ ଜଣକ ଗୁରୁତର ଅବସ୍ଥାରେ ପଡିଥିବା ଦେଖି କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ରେଙ୍ଗାଲି ପୋଲିସ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇଛି ।

ଯୁବ ଯନ୍ତ୍ରୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆଲୋଚନା ହେଉଥିବା ବେଳେ ପୋଲିସ ଘଟଣାର ପ୍ରକୃତ କାରଣ ଜାଣିବାକୁ ଖୋଳତାଡ ଆରମ୍ଭ କରିଛି ।

## ଜିଲ୍ଲାସ୍ତରୀୟ ପାଇଲଟ୍ 'ରାଗି ଲଡୁ' କାର୍ଯ୍ୟକ୍ରମ ଶୁଭାରମ୍ଭ

ଅନୁଗୋଳ, (ସବ୍ୟୁ): ଶିଶୁମାନଙ୍କ ପୁଷ୍ଟିସାଧନ ନିମନ୍ତେ ଅନୁଗୋଳ ଜିଲ୍ଲାସ୍ତରୀୟ ପାଇଲଟ୍ 'ରାଗି ଲଡୁ' ବଣ୍ଟନ କାର୍ଯ୍ୟକ୍ରମ ଆଜି ଛେଣ୍ଡିପଦା ଠାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି ।



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଶିଶୁମାନଙ୍କୁ ଅପପୁଷ୍ଟିରୁ ରକ୍ଷା କରିବା ଏବଂ ସ୍ଥାନୀୟ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମାଣ୍ଡିଆ ବା ରାଗି ଭଳି ପାରମ୍ପରିକ ଶସ୍ୟର ବ୍ୟବହାର କରିବାକୁ କହିଥିଲେ । ଏହି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ୪୬୫ଟି ଅଙ୍ଗନବାଡ଼ିର ପ୍ରାୟ ୧୦,୫୭୩ ଜଣ ଶିଶୁଙ୍କୁ ସ୍ୱାସ୍ଥ୍ୟକର ମାଣ୍ଡିଆ ଲଡୁ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମା ଶଙ୍କର ମିଶ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣିଙ୍କ ସମେତ ମିଶନ ଶକ୍ତିର ମହିଳା ସଦସ୍ୟା, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇସିଣା ନିକଟରେ ଥିବା ଦେଶୀ ମଦ ଦୋକାନ ରୁ କେତେକ ମୁଖା ପିନ୍ଧା ଯୁବକ ପଶି ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇବା ସହ ମାଡ ମାରି ୧୩ ହଜାର ଟଙ୍କା ସହ ୨ଟି ମୋବାଇଲ, ଗୋଟିଏ ବାଇକ, କିଛି ପାଉଚ ମଦ ନେଇଯାଇଥିବା ଦୋକାନ ମ୍ୟାନେଜର ବିହାର ଅଞ୍ଚଳ ବିକାଶ କୁମାର ଗୁରୁବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି ।

ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୫୩/୨୬ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ବିକାଶ ଓ ତାଙ୍କର ସହଯୋଗୀ ବଇସିଣା ଗ୍ରାମର ପ୍ରେମାନନ୍ଦ ସାହୁ ଉକ୍ତ ଦେଶୀ ମଦ ଦୋକାନରେ ଥିବା ବେଳେ ୩ ଜଣ ଯୁବକ ମୁହଁରେ ମୁଖା ପିନ୍ଧି ଦୋକାନରେ ପଶି ପ୍ରଥମେ ସେମାନଙ୍କୁ ମାଡ ମାରିଥିଲେ ।

ପରେ ବନ୍ଧୁକ ଦେଖାଇ ଦୋକାନରେ ଥିବା ୧୩ ହଜାର ଟଙ୍କା ସହ ମୋବାଇଲ ଓ ଏକ ବାଇକ ନେଇଯାଇଥିଲେ । ଏପରିକି ଏହି ଅଞ୍ଚଳରୁ ସେମାନେ ପଳାଇବା ପାଇଁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ।

## ହାତୀ ଆକ୍ରମଣରେ ମୃତକ ପରିବାରକୁ ଭେଟିଲେ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସଦର ରେଞ୍ଜ ଅନ୍ତର୍ଗତ କାଇମାଟି ପଂଚାୟତର ଲୋଚାପଲି ଗ୍ରାମର ଗତ ମଙ୍ଗଳବାର ନିକଟସ୍ଥ ପାଟପୁରି ଜଙ୍ଗଲରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ୩ ଜଣ ମହିଳାଙ୍କ ପରିବାର ବର୍ଗଙ୍କୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଅପରାହ୍ନରେ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ତତ୍‌ସଙ୍ଗେ ସଙ୍ଗେ ସରକାରଙ୍କ ଠାରୁ ସେମାନଙ୍କର



ପ୍ରାପ୍ୟ ସହାୟତା ତୁରନ୍ତ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଥିଲେ। ପ୍ରକାଶଥାଉକି, ମନ୍ତ୍ରୀ ଶ୍ରୀ ପାତ୍ର ତିନିଦିନିଆ ଦିଲ୍ଲୀ ଗସ୍ତରୁ ଫେରି ଆଜି ଦ୍ୱିପହରରେ ଭୁବନେଶ୍ୱରରେ ପହଁଚି ସଙ୍ଗେ ସଙ୍ଗେ ଢେଙ୍କାନାଳ ଆସି ମୃତକଙ୍କ ପରିବାରକୁ ଭେଟିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସହିତ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେଇ, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ସନ୍ତୋଷ କୁମାର ରାଉତ, ସାଂସଦଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ନଗର ମଣ୍ଡଳ ସଭାପତି ବିକାଶ ସାହୁ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ୍ ଭିଶାଲ୍, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ ଓ ସ୍ଥାନୀୟ ବିଜେପି ନେତା ବିଭୁ ପ୍ରସାଦ ଦେହୁରୀଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ତଥା ଜନସାଧାରଣ ଉପସ୍ଥିତ ଥିଲେ ।

## ୧୦ଦଫା ଦାବି ପୂରଣ ନହେଲେ ଡେରା ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ଗୋଡିବନ୍ଧ,(ସବ୍ୟୁ): ଅନୁଗୁଳ ଜିଲ୍ଲାର ଡେରା ଗ୍ରାମବାସୀ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରଶାସନକୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ୨୦୧୩ ମସିହାର ତ୍ରିପାକ୍ଷିକ ବୈଠକର ନିଷ୍ପତି ଅନୁଯାୟୀ ୯୦ଏକର ଚାଷ ଜମିର କ୍ଷତି ପୁରଣ ପ୍ରଦାନ, ଡେରା ଗ୍ରାମ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ସ୍ଥାନୀୟ ଅନନ୍ତ ଓ ଭୁବନେଶ୍ୱରୀ ଖଣିର ସାଇଲୋ ଓ କେସିସିଏଲ୍ ଭଳି ଠିକା ସଂସ୍ଥାରେ ନିଯୁକ୍ତି, ଡେରା ଗ୍ରାମ୍ୟ ରାସ୍ତାକୁ ଆଲୋକି କରଣ, ନୂତନ ରାସ୍ତା ନିର୍ମାଣ ଓ ଜଳ ସିଞ୍ଚନ, ପ୍ରତ୍ୟେକ ପରିବାରକୁ ପିଇବା ପାଣି ଯୋଗାଣ, ଏମସିଏଲ ଦ୍ୱାରା ମୁକ୍ତ ବିଜୁଳି ପ୍ରଦାନ, କତକ ପୋଖରୀକୁ ସଫେଇ ଓ ବନ୍ଧକୁ ପଥର ଦ୍ୱାରା ସୁରକ୍ଷା, ପାଇପ୍ ଦ୍ୱାରା ପୋଖରୀ ଗୁଡ଼ିକୁ ଜଳ ଯୋଗାଣ, କଲ୍ୟାଣ ମଣ୍ଡପ ନିର୍ମାଣ, ଦୋଳ ପୂର୍ଣ୍ଣିମାରେ ଦେବଦେବୀଙ୍କ ଅର୍ଚ୍ଚନା ପାଇଁ ଏମସିଏଲ ଦ୍ୱାରା ବର୍ଦ୍ଧିତ ବଜାର ଦର ଅନୁଯାୟୀ ବାର୍ଷିକ ଅନ୍ୟୂନ ୧୦ଲକ୍ଷ ଟଙ୍କାର ଆର୍ଥିକ ରାଶି ସହାୟତା ପ୍ରଦାନ ଓ ଗ୍ରାମର ଉଭୟ ପାଶ୍ୱର୍ରେ ଥିବା ଡ୍ରେନର ସଫେଇ ପାଇଁ ଦାବି ରହିଛି । ଆସନ୍ତା ଫେବୃୟାରୀ ୨୭ତାରିଖ ମଧ୍ୟରେ ପ୍ରଶାସନ ଏହି ପ୍ରସଙ୍ଗ ଗୁଡ଼ିକୁ ତ୍ରିପାକ୍ଷିକ ବୈଠକ କରି ସମାଧାନ ନକଲେ ୨୮ ତାରିଖ ଦିନ ଖଣିବନ୍ଦ୍ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ କନ୍ଦର୍ପ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ ବାରିକ ଲିଖିତ ଭାବେ ଉପଜିଲ୍ଲାପାଳ, ଉପଖଣ୍ଡ ପୋଲିସ ଅଧିକାରୀ, ତାଳଚେର ଓ କଲିୟରି ଥାନା, ଜଗନ୍ନାଥ କ୍ଷେତ୍ର ଜିଏମ୍, ଭୁବନେଶ୍ୱରୀ ଓ ଅନନ୍ତ ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇଛନ୍ତି ।

## ଜଙ୍ଗଲ ଓ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନତା ସାଇକେଲ ଯାତ୍ରା

ବଇଣ୍ଡା, (ସବ୍ୟୁ): ବିଶ୍ୱ ଯୁବ କେନ୍ଦ୍ର, ବଣିନାଳୀ ଓ ହଣ୍ଡପା ବନାଞ୍ଚଳ ତରଫରୁ ଏକ ଦୁଇ ଦିନିଆ ସାଇକେଲ ଯାତ୍ରା ଇଚ୍ଛାପୁର ଶିବ ମନ୍ଦିର ଠାରୁ ଆରମ୍ଭ ହୋଇଛ । ଏ ଯାତ୍ରା କଣ୍ଟେଇକୋଳିଆ, ଜାମୁନାଳି, ଗାଁ ବଇଣ୍ଡା, ହଣ୍ଡପା ଓ ଲୁହାମୁଣ୍ଡା ପଂଚାୟତର ୨୬ଟି ଗ୍ରାମ ଭ୍ରମଣ କରି ଲୋକଙ୍କୁ ନିଆଁ ଦାଉରୁ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ସୁରକ୍ଷା କରିବାକୁ ସଚେତନ କରିବ । ବର୍ତମାନ ମହୁଲ ଓ କେନ୍ଦୁପତ୍ର ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଆରମ୍ଭ ହେବ ଓ ପକ୍ଷୀ, ଜୀବଜନ୍ତୁ, ଔଷଧୀୟ ବୃକ୍ଷ, ଗୁଳ୍ମ ଆଦି ନଷ୍ଟ ହେଉ ଥିବାର ନଜର କୁ ଆସୁଛି । ସେଥିପାଇଁ ବନ ସଂରକ୍ଷଣ ସମିତି, ଗ୍ରାମ କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଗୁରୁତପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି । ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ନରିନ୍ଦ୍ର କୁମାର ଗମାଙ୍ଗ, ବନପାଳ ଆଲୋକ ମିଶ୍ର ଓ ଲିଙ୍ଗରାଜ ମିଶ୍ର, ଇଛାପୁର ଗ୍ରାମ ସଭାପତି ଜେନା ମଣି ସାହୁ, ସଭ୍ୟ ଅର୍ଜୁନ ସାହୁ, ଭାଗିରଥି ସାହୁ, ଲୋକନାଥ ସାହୁଙ୍କ ସମେତ ବନବିଭାଗର କର୍ମକର୍ତା, ଗ୍ରାମବାସୀ, ବିଶ୍ୱ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ । ବିଶ୍ୱ ଯୁବ କେନ୍ଦ୍ର ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସାଇକେଲ ଯାତ୍ରାର ଉଦେଶ୍ୟ ଉପରେ ଆଲୋକ ପାତ କରିବା ସହିତ ଯାତ୍ରା ପରିଚାଳନା କରିଥିଲେ ଓ ପୂଜା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ସୁରକ୍ଷା କମିଟି ବୈଠକ




ଅନୁଗୋଳ, (ସବ୍ୟୁ): ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଜାନୁଆରୀ ମାସରେ ଜିଲ୍ଲାରେ ମୋଟ ୪୩ଟି ଦୁର୍ଘଟଣା ଘଟିଥିବାବେଳେ ୧୭ ଜଣଙ୍କର ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି ।

ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଳଣ ଯୋଗୁଁ ୧୦୬୨ ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୯୬୮ ଜଣ , ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୪୫ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୩ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୪୭୮ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଧର୍ମାନନ୍ଦ ତୃତୀୟ ଥର ପାଇଁ ବିଜେଡି ଯୁବ ସଭାପତି

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ତଥା ଢ଼େଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅସ୍ଥାଭାଜନ ହୋଇ ଲଗାତାର ତୃତୀୟ ଥର ପାଇଁ ଢ଼େଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି । ଧର୍ମାନନ୍ଦ ୨ହଜାର ମସିହାରେ ଛାତ୍ର ସଂସଦ ନିର୍ବାଚନରେ କାମାକ୍ଷାନଗର ମହାବିଦ୍ୟାଳୟରୁ ବିଜେଡ଼ି ସମର୍ଥିତ ପାର୍ଥି ଭାବେ ନିର୍ବାଚନ ଲଢ଼ି ସଭାପତି ଭାବେ ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ତାପରେ ସେ ବିଜେଡ଼ି ଦଳ ପାଇଁ ନିଜର ସଙ୍ଗଠନକୁ ମଜଭୁତ କରିବା ସହଦଳ ପାଇଁ ନିଜର ଏକ ସ୍ୱତନ୍ତ୍ର ସ୍ଥାନ କରିପାରିଥିଲେ । ତାପରେ ୨୦୧୩ ମସିହାରେରେ ବିଜେଡ଼ି ଟିକେଟରୁ ନିର୍ବାଚନ ଲଢି କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ହେବା ପରେ ଅଧ୍ୟକ୍ଷ ହୋଇପାରିଥିଲେ ।

ଅଧ୍ୟକ୍ଷ ଥିବା ସମୟରେ ଅନେକ ଜନହିତକାରୀ କାର୍ଯ୍ୟକରୀ ଅଞ୍ଚଳର ଲୋକମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସାରା ଭାରତ ବର୍ଷରେ କୋରୋନାର ମହାତାଣ୍ଡବ ରଚିଥିବା ସମୟରେ ଗରିବ ଲୋକମାନେ ଖାଇବାକୁ ଗଣ୍ଡେ ପାଉନଥିବା ସମୟରେ ଗରିବ ଲୋକଙ୍କୁ ମାଗଣା ଖାଦ୍ୟ ବଣ୍ଟନ, ଏକ୍ସିଜେନ୍, କପଡା ଆଦି ଦେବା ସହ ସରକାରଙ୍କ ଯେଉଁ ସବୁ ସାହାଯ୍ୟ ସହଯୋଗ କରୁଥିଲେ ତାକୁ ଲୋକମାନଙ୍କ ନିକଟରେ ପହଁଞ୍ଚାଇଥିଲେ । ସେଥିଲାଗି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ୨୦୨୨ ଏନ.ଏ.ସି ନିର୍ବାଚନରେ ଦ୍ୱିତୀୟ ଥର ଲାଗି ବିଜେଡ଼ି ଟିକେଟ ଦେଇଥିଲେ । ଯାହାକି ୨୦୨୨ରେ ବିରୋଧୀଙ୍କୁ ଏକତରଫା ପରାସ୍ତ କରି ଛଅ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ପୁନର୍ବାର ଅଧ୍ୟକ୍ଷ ହୋଇଥିଲେ ।

ସେହିପରି ତାଙ୍କ ବଡ ଭାଇ ସ୍ୱର୍ଗତ ଯଶୋବନ୍ତ ପରିଡ଼ା ପ୍ରଥମେ ଏନ.ଏ.ସି ଉପାଧ୍ୟକ୍ଷ ପରେ ଥରେ ଅଧ୍ୟକ୍ଷ ହେବା ସହ ୨୦୦୫ରୁ ୨୦୧୮ ପର୍ଯ୍ୟନ୍ତ ବିଜେଡ଼ି ଜିଲ୍ଲା ଯୁବ ସଭାପତି ଥିଲେ । ଧର୍ମାନନ୍ଦ ଜିଲ୍ଲା ବିଜେଡି ଯୁବ ସଭାପତି ହେବାପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଦେବା ସହ, ରାଜ୍ୟ ବିଜୁ ଯୁବଜନତାଦଳସଭାପତି ଚିନ୍ମୟ ସାହୁ,ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ଼ା. ନୃସିଂହ ଚରଣ ସାହୁ, ପୂର୍ବତନ ସାଂସଦ ମହେଶ ସାହୁ, ସାଂସଦ ପାର୍ଥି ଅଭିନାଶ ସାମଲ,ଢ଼େଙ୍କାନାଳର ପୂର୍ବତନ ବିଧାୟକ ସୁଧୀରକୁମାର ସାମଲ,ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାସହ ଆଗକୁ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନରେ କର୍ମୀ ମାନେ କିପରି ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟକରୀ ଅଧିକରୁ ଅଧିକ ଆସନରେ ବିଜୟୀ ହୋଇପାରିବେ, ଏବଂ ଡବଲ ଇଞ୍ଜିନ ସରକାରଙ୍କ ମିଛ ପ୍ରତିଶୃତି ଦେଇ ଯେଉଁ ଭଳି ଲୋକଙ୍କୁ ଠକି ଚାଲିଛି ତାହାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ ସେଥିପାଇଁ ସମସ୍ତ ବିଜେଡ଼ି କର୍ମୀ ଓ ଯୁବଶକ୍ତି ଏକତ୍ରିତ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି ।

## ମା ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ତାଳଚେର, (ସବ୍ୟୁ) : ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି ।



ଏହି ବୈଠକରେ ତାଳଚେର ଉପଜିଲ୍ଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଜେନା ତାଳଚେର ରାଜା ସାହେବ ବିଜୟେନ୍ଦ୍ର ଚନ୍ଦ୍ର ଦେବ, ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭରତ ଚନ୍ଦ୍ର ସାହୁ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲଫା ଜେନାଙ୍କ ସମେତ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ଏମ୍‌ସିଏଲ୍‌ର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ।

ଚଳିତ ବର୍ଷ ମାଙ୍କ ବାର୍ଷିକ ଯାତ୍ରା ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ଠାରୁ ଆରମ୍ଭ ହୋଇ ଅପ୍ରେଲ ମାସ ୮ ତାରିଖରେ ଶେଷ ହେବ ବୋଲି ରାଜଗୁରୁ ପଙ୍କଜ ଲୋଚନ ପତି ପଞ୍ଜିକା ଗଣନା କରି ସ୍ଥିର କରିଥିଲେ । ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ରକୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବା ସହ ଯାତ୍ରା ଆରମ୍ଭର ଯଥେଷ୍ଟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଏମ୍‌ସିଏଲ୍‌ର ସମସ୍ତ କ୍ଷେତ୍ରର ମହାପ୍ରବନ୍ଧକମାନେ ମଧ୍ୟ ସମସ୍ତ କାର୍ଯ୍ୟ ଯାତ୍ରା ପୂର୍ବରୁ ସମାପନ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ଗାଡ଼ି ପାର୍କିଂ ସ୍ଥଳଠାରୁ ମନ୍ଦିର ଓ ମା ହିଙ୍ଗୁଳାଙ୍କ ଉଭାସ୍ଥଳ ପର୍ଯ୍ୟନ୍ତ ପାଲ ଟେଂଟ କରାଯିବା ତାହା ସହିତ ଯାତ୍ରୀମାନଙ୍କ ନିମନ୍ତେ ବିଶ୍ରାମ କକ୍ଷ, ଅସ୍ଥାୟୀ ଶୌଚାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ ଉପଚାର କେନ୍ଦ୍ର ଆଦି ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ମନ୍ଦିର ଓ ଉଭାସ୍ଥଳୀରେ ୨୪ ଘଂଟିଆ ସିସିଟିଭି କ୍ୟାମେରା ଲଗାଯିବା ସହ ସମସ୍ତ କାର୍ଯ୍ୟକଳାପର ନିରୀକ୍ଷଣ କରାଯିବ। ତାହାସହିତ ମନ୍ଦିର ସମ୍ମୁଖ ରାସ୍ତାକୁ ଓସାରିଆ କରାଯିବା ସହ ମନ୍ଦିରକୁ ସଂଯୋଗ ହେଉଥିବା ଅନ୍ୟ ରାସ୍ତାଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ମରାମତି କରିବାକୁ ଉପଜିଲ୍ଲାପାଳ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ମା ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ ହିଙ୍ଗୁଳା ଯାତ୍ରା ଦିନ ଅନୁଷ୍ଠିତ ହେଉଥିବାରୁ ସେଥିପାଇଁ ସ୍ୱତନ୍ତ୍ର ପୂଜାବିଧି କରାଯିବ ବୋଲି ରାଜଗୁରୁ ଶ୍ରୀ ପତି କହିଥିଲେ। ମନ୍ଦିର, ଯାତ୍ରାସ୍ଥଳ, ଉଭାସ୍ଥଳୀରେ ଚବିଶ ଘଂଟିଆ ବିଦ୍ୟୁତ ଯୋଗାଣ ପାଇଁ ଏମସିଏଲ, ଟିପିସିଓଡିଏଲକୁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅନୁରୋଧ କରାଯାଇଥିଲା। ତାହାସହିତ ମନ୍ଦିର ଚତୁଃପାଶ୍ୱର୍ରେ ଲାଗିଥିବା ଅଚଳ ସୋଲାର ଲାଇଟଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଏନ୍‌ଟିପିସି କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଚଳିତବର୍ଷ ମା ହିଙ୍ଗୁଳାଙ୍କ ଯାତ୍ରାସ୍ଥଳୀରେ ନଅ ଦିନ ବ୍ୟାପୀ ଲୋକ ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର କୋଣଅନୁକୋଣରୁ ପ୍ରତିଷ୍ଠିତ କଳାକାରମାନଙ୍କ ସହ ସ୍ଥାନୀୟ କଳାକାରମାନଙ୍କୁ ମଧ୍ୟ ଏହି ମଂଚରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ଦିଆଯିବ ବୋଲି ନିଷ୍ପତି ହୋଇଥିଲା । ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟ, ଏମ୍‌ସିଏଲ୍ ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ୍.ଭି.ଯୋଶୀ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଆର.ଆର. ନାୟକ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ତାଳଚେର କ୍ଷେତ୍ର ମହାପ୍ରବନ୍ଧକ କେ.ବି.ଚୌଧୁରୀ, ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁଙ୍କ ସମେତ ଉପଖଣ୍ଡ ପ୍ରଶାସନ, ପୁଲିସ ପ୍ରଶାସନ, ଅଗ୍ନିଶମ ଅଧିକାରୀ, ଏମ୍‌ସିଏଲ୍‌ର ସମସ୍ତ ପଦାଧିକାରୀ, ତାଳଚେର କୋଇଲା ଖଣିରେ କାର୍ଯ୍ୟରତ ସମସ୍ତ ଶ୍ରମିକ ସଂଗଠନର ପଦାଧିକାରୀ, ବିଭିନ୍ନ ପଂଚାୟତର ସରପଂଚ ତଥା ବିଭିନ୍ନ ସବ୍ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଶାନ୍ତ କୁମାର ବରାଳ ଧନ୍ୟବାଦ ଆର୍ପଣ କରିଥିଲେ।

# ଆନନ୍ଦପୁର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଆନନ୍ଦପୁର, (ସବ୍ୟୁ) : ଆନନ୍ଦପୁର ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମବର୍ଷର ମହିଳା ଛାତ୍ରୀ ମାନଙ୍କର ଆତ୍ମସୁରକ୍ଷା ତାଲିମ ଶିବିରର ଉଦଯାପନ ଉତ୍ସବ ଗତ କାଲି ନୂତନ ସଭିନାରୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ନାରାୟଣ ମିଶ୍ର ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିଲେ । ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବ୍ଲକର ବିଡିଓ ମନୋଜ କୁମାର ମହାନ୍ତ ଯୋଗ ଦେଇ ଛାତ୍ରୀମାନେ କିଭଳି ସବୁବେଳେ ସଚେତନ ଓ ସଜାଗ ରହି ନିଜକୁ ତଥା ନିଜର ଆତ୍ମୀୟଜନଙ୍କୁ ସୁରକ୍ଷିତ ରଖିବେ ସେ ବିଷୟରେ ବୁଝାଇଥିଲେ । ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଆକାଉଣ୍ଟ ବର୍ସର, ଏକାଡେମିକ ବର୍ସର, ଆଡମିନଷ୍ଟ୍ରେଟିଭି ବର୍ସର ଯୋଗ ଦେଇ ଛାତ୍ରୀ ମାନେ କିଭଳି ଶୃଙ୍ଖଳିତ ରହି ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ ହେବେ ସେ ବିଷୟରେ ଆଲୋକପାତ କରିଥିଲେ । ଏହି ସଭାରେ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅନୀତା ଦାସ, ଭୌତିକ ବିଜ୍ଞାନ ବିଭାଗୀୟ ମୁଖ୍ୟ ଭାରତୀ ସାହୁ, ଓଡ଼ିଆ ସାହିତ୍ୟ ବିଭାଗୀୟ ମୁଖ୍ୟ ଶ୍ରୀଲେଖା ସାହୁ, ଇତିହାସ ବିଭାଗୀୟ ମୁଖ୍ୟ ସଂଘମିତ୍ରା ରାଉତ, ଅଧାପିକା ଆରତୀ ଲୁଗୁନ, ସବନମ ଆରା ବେଗମ, ନିହାରିକା ପାତ୍ର, ସୁରୁଚି ସମ୍ପନ୍ନା ସ୍ୱାଇଁ, ମମତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମଟିର ଆରମ୍ଭରେ ପୁଷ୍ପଲତା ରାମ ଦୀପ ପ୍ରଜ୍ୱଳନ ମନ୍ତ୍ରଗାନ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ମଧୁସ୍ମିତା ସାହୁ ସଂଯୋଜନା କରିଥିଲେ । ଏହି ୮ଦିନ ତାଲିମ ଶିବିରଟି ଟ୍ରେନର ସାମନ୍ତିନି ସାହୁଙ୍କ ଦ୍ୱାରା ପରିଚାଳିତ ହୋଇଛି । ତାଲିମ ନେଇଥିବା ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସଭାର ଅନ୍ତିମ ପର୍ଯ୍ୟାୟରେ ଅଧାପିକା ମିତାଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆତ୍ମସୁରକ୍ଷ୍ୟା ତାଲିମ ଶିବିରର ସଦସ୍ୟା ବାଣିଜ୍ୟ ବିଭାଗୀୟ ମୁଖ୍ୟ ହେମା ଗୁପ୍ତା, ଗଣିତ ବିଭାଗୀୟ ମୁଖ୍ୟ ମିତାଶ୍ରୀ ବେହେରା ଓ ପ୍ରାଣୀ ବିଜ୍ଞାନ ବିଭଗର ଲାବ୍ରୋଟାରି ଆସିଷ୍ଟାଣ୍ଟ ତନୁଶ୍ରୀ ପଣ୍ଡାଙ୍କ ମିଳିତ ସହଯୋଗ ରେ କାର୍ଯ୍ୟକ୍ରମ ଟି ସଫଳ ହୋଇଛି ।

# ନକଲି ଜର୍ଦା ଜବତ, ଜଣେ ଗିରଫ

ଭଦ୍ରକ, (ସବ୍ୟୁ) : ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଳିମନ୍ଦିରଲେନରେ ଟାଉନ ପୋଲିସ ଚଢ଼ାଉ କରି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦା ଜବତ କରିଛି। ଉକ୍ତ ଗ୍ରାମର ରାଜା ଓଲ ହକ୍‌କୁ ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ ବସ୍ ଯୋଗେ ବାରିପଦା ପଠାଇବା ପାଇଁ ଶୁକ୍ରବାର ମଧ୍ୟାହ୍ନରେ ରାଜା ଏକ ସ୍କୁଟିରେ ଜର୍ଦା ବୋଝେଇ ଏକ ବସ୍ତା ନେଇ ବସ୍‌ଷ୍ଟାଣ୍ଡକୁ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନାର ପାଟ୍ରୋଲିଂ ପୋଲିସ ଉକ୍ତ ଜର୍ଦା ବସ୍ତାକୁ ଜବତ କରିଥିଲା। ତାକୁ ଯାଞ୍ଚ କରିବା ପରେ ଏହା ନକଲି ଜର୍ଦା ବୋଲି ଜଣାପଡ଼ିଥିଲା। ପରେ କାଳିମନ୍ଦିରଲେନ ସ୍ଥିତ ତାଙ୍କ ଘରେ ଟାଉନ ପୋଲିସ ଚଢ଼ାଉ ଆରମ୍ଭ କରିଥିଲା। ବିଭିନ୍ନ ବ୍ରାଣ୍ଡର ଲୋଗୋ, ରାସାୟନିକ ସାମଗ୍ରୀ, ପ୍ୟାକିଂ ମେସିନ, ସିଲ୍ ମେସିନ ସମେତ ପ୍ରାୟ ୫୦ କେଜିର ନକଲି ଜର୍ଦା ବାହାରିଥିଲା। ଏସବୁ ଜବତ କରି ଥାନାକୁ ଅଣାଯାଇଛି।

# ନୀଳଗିରି ସ୍ୱର୍ଣ୍ଣଚୁଡ ପାହାଡ଼ରେ ଲାଗିଲା ନିଆଁ

ବାଲେଶ୍ୱର, (ସବ୍ୟୁ) : ଗ୍ରୀଷ୍ମ ଋତୁ ଆସିଲେ ନିଳଗିରି ସ୍ୱର୍ଣ୍ଣ ଚୁଡ଼ ପାହାଡ଼, କୁଲଡ଼ିହା ଅଭୟାରଣ୍ୟରେ ଅଜଣା ବ୍ୟକ୍ତିବିଶେଷ ଶୁଖିଲା ପତ୍ରରେ ନିଆଁ ଲଗାଇ ହୁତୁ ହୁତୁ ହୋଇ ଜଳୁଥିବା ଜଙ୍ଗଲକୁ ଘରେ ବସି ଉପଭୋଗ କରୁଥିବା ବେଳେ ଏପଟେ ବନବିଭାଗ ନିଆଁକୁ ଲିଭାଇବା ପାଇଁ ନକେଲମ୍ ହୋଇବାକୁ ପଡ଼ିଥାଏ। ଏବେ ଆରମ୍ଭ ହୋଇଛି ଜଙ୍ଗଲରେ ନିଆଁ ଲାଗିବା ଘଟଣା। ନିଳଗିରି ସ୍ୱର୍ଣ୍ଣଚୁଡ଼ ପାହାଡ଼ର ପାଦଦେଶରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇବା ଯୋଗୁଁ ସ୍ୱର୍ଣ୍ଣଚୁଡ଼ ପାହାଡ଼ରେ ନିଆଁ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ଫଳରେ ପାହାଡ଼ର ପାଦଦେଶରେ ଥିବା ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଲେ। ଖବର ପାଇ ନିଳଗିରି ବନ ଅଧିକାରୀ ମନ୍ ଦ୍ୱାର ଖାଁ ଘଟଣା ସ୍ଥଳରେ ପହଞ୍ଚି କିପରି ନିଆଁକୁ ଆୟତ୍ତ କରିବେ, ସେଥି ପାଇଁ ସଙ୍ଗେ ସଙ୍ଗେ ନିଳଗିରି ଦମକଳ ବାହିନୀ କୁ ଡ଼କାଇଲା ପରେ ଦମକଳ ବାହିନୀ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ। ଜଙ୍ଗଲ ହେଉଛି ସମସ୍ତଙ୍କ, ଜଙ୍ଗଲରେ ଅନେକ ପ୍ରକାର ଜୀବଜନ୍ତୁ ରହିଥାନ୍ତି। ନିଆଁ ଲାଗିବା ଫଳରେ ଅନେକ ଜୀବଜନ୍ତୁ ମୃତ୍ୟୁବରଣ କରିଥାନ୍ତି। ଅନେକ ମୂଲ୍ୟବାନ ଗଛ ମଧ୍ୟ ନଷ୍ଟ ହୋଇ ଯାଇଥାଏ। ଏଣୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି।

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ସୋର, (ସବ୍ୟୁ) : ସୋର ପୌରପାଳିକା ଅନ୍ତର୍ଗତ କ୍ଷୀରକୋଣୀ ଗ୍ରାମରେ ଦମ୍ପତିଙ୍କୁ ମରଣାନ୍ତକ ହୋଇଥିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତକାଲି ଅପରାହ୍ଣରେ କ୍ଷୀରକୋଣୀ ଗ୍ରାମର ଶୁଭମ ବିଶ୍ୱାଳ ଏବଂ ଲକ୍ଷଣ ବିଶ୍ୱାଳ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ନୀଳକଣ୍ଠ ବେହେରା ଏବଂ ଭଗବତୀ ବେହେରାଙ୍କୁ ତାଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ନୀଳକଣ୍ଠ ଏବଂ ଭଗବତୀ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ମାନେ ଉଭୟଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।ଏ ବାବଦରେ ନୀଳକଣ୍ଠଙ୍କ ସ୍ତ୍ରୀ ଦିବ୍ୟାଭାରତୀ ବେହେରା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୧୫/୨୬ ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।ତଦନ୍ତ କାଳରେ ବିଳମ୍ବିତ ରାତିରେ ପୁଲିସ ଲକ୍ଷଣ ବିଶ୍ୱାଳ(୨୨) କୁ ଗିରଫ କରିଥିଲା। ଆଜି ଅପରାହ୍ଣରେ ସୋର ମେଡ଼ିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଶୁଭମ ଫେରାର ଅଛି।

# ଜବରଦଖଲ ଉଚ୍ଛେଦ

ସୋର, (ସବ୍ୟୁ) : ସୋର ତହସିଲ ଅଧୀନ ଗୋବିନ୍ଦପୁର ଗ୍ରାମରେ ସରକାରୀ ଜାଗାରେ ହୋଇଥିବା ଏକ ଜବରଦଖଲକୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁସାରେ ମାର୍କୋଣା କେନାଲ ଡିଭିଜନ ତରଫରୁ ସାଳନ୍ଦୀ କେନାଲ କାମ ଚାଲିଥିବା ବେଳେ ଏହି କେନାଲ ସୋର ଥାନା ଗୋବିନ୍ଦପୁର ଗ୍ରାମ ଦେଇ ଯାଇଅଛି। କେନାଲ ନିର୍ମାଣ ରାସ୍ତାରେ ଜଣେ ବ୍ୟକ୍ତି ଏକ ସରକାରୀ ଜାଗାରେ ଦୀର୍ଘଦିନ ଧରି ଏକ ଘର ତାଡ଼ାଇ କରି ସେଠାରେ ବିସ୍ଫୋରକ ଥିବା କହି ଲୋକଙ୍କୁ ଭୟଭୀତ କରୁଥିଲେ। ଫଳରେ ଏ ବାବଦରେ ସୋର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ କୌଣସି କଥାକୁ ଖାତିର ନ କରି ବମ ସ୍କ୍ୱାର୍ଡ, ଅଗ୍ନିଶମ ବିଭାଗ, ସୋର ପୁଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଘରକୁ ଯାଞ୍ଚ କରିଥିଲେ। କିନ୍ତୁ ସେଠାରୁ କିଛି ବିସ୍ଫୋରକ ନ ମିଳିବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରି ଜବର ଦଖଲ ଉଚ୍ଛେଦ କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅଗ୍ନିଶମ କେନ୍ଦ୍ର ଅଧିକାରୀ ଯମୁନା ପ୍ରସାଦ ମହନ୍ତଙ୍କ ସମେତ କେନାଲ ଡିଭିଜନ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ୬୪ ସିଦ୍ଧେଶ୍ୱର ମହାଦେବ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଉପକଣ୍ଠ କେନ୍ଦୁଆ ଠାରେ ଶୁକ୍ରବାର ୬୪ ସିଦ୍ଧେଶ୍ୱର ମହାଦେବ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲା ଅଧୀନର ବିଭିନ୍ନ ଅଞ୍ଚଳର ବଛାବଛା ଖେଳାଳୀ ମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଚଳିତ ଟୁର୍ଣ୍ଣାମେଣ୍ଟରେ ଇନଡ଼ୋରଟିମ ଏବଂ ଆଉଟଡୋର ଟିମର ଖେଳାଳୀ ମାନଙ୍କୁ ନେଇ ଦୁଇଟି ପର୍ଯ୍ୟାୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଇନଡ଼ୋର ଟିମରେ ୧୭ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ସେଥିରୁ ବାରିପଦା ଦଳ ଏବଂ ବାଲେଶ୍ୱର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିବା ବେଳେ ବାରିପଦା ଦଳ ମ୍ୟାଚଟିକୁ ଜିତି ନେଇଥିଲେ । ସେହିପରି ଆଉଟଡୋର ଟିମରେ ୩୨ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ସେଥିରୁ ବୈଶିଙ୍ଗା ଦଳ ଏବଂ ରେମୁଣା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବୈଶିଙ୍ଗା ଦଳ ଫାଇନାଲ ମ୍ୟାଚଟିକୁ ଜିତି ନେଇଥିଲେ । ଆଉଟଡୋର ଟିମରେ ବୈଶିଙ୍ଗା ଦଳର ରଶ୍ମିରଞ୍ଜନ ଦାସ ଓ ଜିତେନ୍ଦ୍ର ବିନ୍ଧାଣୀ ବିଜେତା ହୋଇଥିବା ବେଳେ ଇନଡ଼ୋର ଟିମରେ ବାରିପଦା ଦଳର ଆଲୋକ ଓ ରୋହିତ ବିଜେତା ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବରିଷ୍ଠ ନେତା ଶୁଭ୍ରାନ୍ତ ତିଆଡ଼ି ଏବଂ ସମାଜସେବୀ ପଦ୍ମଲୋଚନ ଦାସ ଉଭୟ ଟିମର ବିଜେତା ମାନଙ୍କୁ ଟ୍ରଫି ଓ ମେଡ଼ାଲ ପ୍ରଦାନ କରିଥିଲେ । କମିଟିର ସମସ୍ତ ସଦସ୍ୟଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମାପନ ହୋଇଥିଲା ।

## ମିଲର ଉଠାଉ ନାହାନ୍ତି ଧାନ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନ ବସ୍ତା ରଖି ପ୍ରତିବାଦ

ଭଦ୍ରକ, (ସବ୍ୟୁ) : ଭଦ୍ରକ ଜିଲାର ମିଲର ମାନେ ଆଉ ଧାନ କିଣିବେ ନାହିଁ ବୋଲି ମନା କରିବା ପରେ ଶୁକ୍ରବାର ଧାନ କିଣା ବନ୍ଦ ରହିଥିବା ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ସକାଳ୧୦ଟାରେ ଧାନ ବସ୍ତା ରଖି ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ। କିଛି ଚାଷୀ ଧାନ ବୋଝେଇ ଟ୍ରାକ୍ଟର ନେଇ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ ଓ ପରେ ଧାନ ବସ୍ତା ଟ୍ରାକ୍ଟରରୁ ଓହ୍ଲାଇ କାର୍ଯ୍ୟାଳୟ ପରିସରରେ ରଖି ଧାରଣା ଦେବା ସହ ନାରାବାଜି କରିଥିଲେ। ମଣ୍ଡିରେ କଟ୍‌ନୀ ଛଟ୍‌ନୀ କରାଯିବା ସହ ଟୋକନ ଅନୁସାରେ ଧାନ କିଣା ଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଧାନ ବୋଝେଇ ପାଇଁ ଚାଷୀଙ୍କୁ ଆବଶ୍ୟକ ପରିମାଣର ଅଖା ଦିଆଯାଉନାହିଁ ଓ ଗାଡ଼ି ମଧ ଦେଉନଥିବା ଅଭିଯୋଗ କରିଛନ୍ତି। ମିଲର ମାନେ ନିୟମିତ ଧାନ ଉଠାଉ ନଥିବାରୁ ସବୁ ମଣ୍ଡିରେ ଧାନ ଗଦା ହୋଇ ରହିଛି। ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଥିଲେ। କୃଷକ ସଙ୍ଗଠନର ତ୍ରିଲୋଚନ ପଣ୍ଡା, ସବୀର ଖାଁ ଙ୍କ ସମେତ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀ ମାନେ ଧାରଣାରେ ବସିଥିଲେ। ପରେ ନବନିର୍ମାଣ ସଙ୍ଗଠନର ଅକ୍ଷୟ କୁମାର ପହଞ୍ଚି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଧାନ ନିୟମିତ ଭାବେ କିଣାଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଟାଟାଏସି ସହ ଜିଞ୍ଜିର, ଦେଶୀମଦ ଜବତ : ଚାରି ଗିରଫ



ସୋର,(ସବ୍ୟୁ):ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରି ଦୁଇ ବାଇକ,ଏକ ଟାଟା ଏସି ଗାଡି ସହ ଦେଶୀମଦ ଏବଂ ଜିଞ୍ଜିର ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂ ସୋର ଥାନା ବେଲଦା, ତେନ୍ତୁଲିଆପଡା,ଖୋଲଗାଁ ଏବଂ ଦୟାନିଧିପୁର ଗ୍ରାମରେ ଚଢ଼ାଉ କରି ଓଡି ୦୧ ଜି ୧୭୭୫ ନମ୍ବର ବିଶିଷ୍ଟ ଏକ ଟାଟା ଏସି, ଦୁଇ ବାଇକ ସମେତ ୬୫ ଲିଟର ଦେଶୀମଦ ଏବଂ ୩୦୫ ଲିଟର ଜିଞ୍ଜିର ଜବତ କରି ବେଲଦା ଗ୍ରାମର ଅଭିମନ୍ୟୁ ବେହେରା, ତେନ୍ତୁଳିଆପଦାର ସପନ କୁମାର ମଲ୍ଲିକ,ଖୋଲଗାଁର ଜ୍ୟୋତି ରଞ୍ଜନ ବିଶ୍ୱାଳ, ଦୟାନିଧିପୁରର ରଜତ କୁମାର ନାୟକଙ୍କୁ ଗିରଫ କରିଥିବା ବେଳେ ଦୟାନିଧିପୁରର କାହ୍ନୁ ଚରଣ ନାୟକ ଫେରାର ହୋଇଯାଇଥିଲେ। ଅପରାହ୍ଣରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ସବ ଇନସପେକ୍ଟର ଭବେଶ ଦାସ, ଏଏସଆଇ ବସନ୍ତ କୁମାର ବାରିକ,ଲମ୍ବୋଦର ମହନ୍ତଙ୍କ ସମେତ ସୋର ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗର କର୍ମଚାରୀ ମାନେ ସାମିଲ ହୋଇଥିଲେ।

# ଜବତ ପଥର ଦଶ ଲକ୍ଷ ଟଙ୍କାରେ ନିଲାମ

ସୋର,(ସବ୍ୟୁ): ।ଗୁଡି ପଥର ଖାଦାନରୁ ପଥର ଚୋରିରେ ରୋକ ଲାଗିପାରୁନାହିଁ । ଫଳରେ ମାଫିଆ ମାନେ ମାଲେମାଲ ହେଉଥିବା ବେଳେ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସୋର ତହସିଲ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ପଥର ଜବତ କରାଯାଉଥିବା ବେଳେ ଖଣି ଅଧିକାରୀଙ୍କ ନିରବତା ସମସ୍ତଙ୍କୁ ଚକିତ କରିଛି। ଆଜି ସକାଳେ ବାଗୁଡି ଖାଦାନରୁ ପଥର ଚୋରା ଚାଲାଣ ହେଉଥିବା ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଅଚାନକ ଚଢାଉ କରିଥିଲେ। ଏହି ସମୟରେ ମାଫିଆ ଓ କାମ କରୁଥିବା ଶ୍ରମିକ ମାନେ ଚମ୍ପଟ ମାରିଥିବା ବେଳେ ୯୦ ନମ୍ବର କ୍ୱାରୀ ନିକଟରୁ ହଜାରେ କ୍ୟୁଭି ମିଟର ପଥରକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଅପରାହ୍ଣରେ ଜବତ ପଥରକୁ ଖଣି ବିଭାଗ ଓ ତହସିଲଦାରଙ୍କ ଉପସ୍ଥିତିରେ ୧୦ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଦିଆଯାଇଥିବା ଜଣାପଡିଛି। କେବଳ ତହସିଲ ପକ୍ଷରୁ ଚଢାଉ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢାଉ ହେଉନଥିବାରୁ ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଦିନବେଳା ଭାରୀଯାନ ଚଳାଚଳକୁ ବିରୋଧ

ଆଗରପଡ଼ା, (ସବ୍ୟୁ) : ଦିନବେଳା ପୁଣି ଭାରୀଯାନ ଗୁଡ଼ିକ ଜନଗହଳିପୂର୍ଣ୍ଣ ଆଗରପଡ଼ା ମୁଖ୍ୟ ବଜାର ରାସ୍ତାଦେଇ ଚଳାଚଳ କରୁଥିବାରୁ ଏହାକୁ ନେଇ ବିରୋଧାଭାଷ ସହ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଏଥିନେଇ ମଧ ପୋଲିସକୁ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଲିଖିତ ଭାବେ ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ସ୍କୁଲ ଯାଆଆସ ସମୟ ଜନଗହଳି ରାସ୍ତାରେ ଏହି ଭାରୀଯାନ ଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଥିବାରୁ ଦୁର୍ଘଟଣାମାନ ଘଟୁଥିବାର ପରିଲକ୍ଷିତ ହେଉଛି। ଗତ କିଛିମାସ ତଳେ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବାରୁ ପୋଲିସ ପ୍ରଶାସନ ହସ୍ତକ୍ଷେପ ଫଳରେ ରାତି ୮ଟା ପରେ ଏହି ଯାନ ଗୁଡ଼ିକ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା ଓ ଭାରୀଯାନ ମାଲିକମାନେ ମଧ ଏହାକୁ ମାନିଥିଲେ। ମାତ୍ର ପୁଣି ଗତ କିଛିଦିନ ହେବ ଏହି ଭାରୀଯାନ ଗୁଡ଼ିକ ଦିନବେଳା ଚଳାଚଳ କରୁଥିବାର ପରିଲକ୍ଷିତ ହେଉଛି। ଯଦ୍ଦ୍ୱାରା ଦୁର୍ଘଟଣା ହେବାର ସମ୍ଭାବନା ଦେଖା ଦେଇଛି। ଏହାଛଡ଼ା ବେଆଇନ୍ ଭାବେ ଅନେକ ବାଲି ବୋଝେଇ ହାଇୱା,ଟିପର,ଟ୍ରକ ଓ ଟ୍ରାକ୍ଟରମାନ ଚଳାଚଳ କରୁଥିବାର ଅଭିଯୋଗ ହେଉଛି ମାତ୍ର ଖଣି ବିଭାଗ କର୍ମଚାରୀଙ୍କ ଅଭାବ ଯୋଗୁଁ ଧରପଗଡ଼ ଠିକ ସମୟରେ ହେବା ସମ୍ଭବପର ହୋଇପାରୁ ନଥିବାର ଜଣାପଡ଼ିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି।

# ଯାତ୍ରାପାର୍ଟି ଟ୍ରକ ଓଲଟିଲା : ୫ ଆହତ

ଆଗରପଡ଼ା, (ସବ୍ୟୁ) :ଆଗରପଡ଼ା-ବରପଦା ରାସ୍ତା ମହାବୀର କ୍ରସର୍ ନିକଟରେ ଚକଲେଟ୍ ପରିବାର ନାମକ ଏକ ଅପେରା ଟ୍ରକ୍ ବରପଦା ଆଡ଼କୁ ଯାଉଥିବା ସମୟରେ ଟ୍ରକଟିର ଆଗ ପାଶର୍‌ବର ଡାହାଣ ଚକଟି ଫାଟିଯିବା ଫଳରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଟ୍ରକରେ ଥିବା ଡ୍ରାଇଭରଙ୍କୁ ମିଶାଇ ମୋଟ୍ ୫ଜଣ ଆହତ ହୋଇଛନ୍ତି। ଖବରପାଇ ଥାନାଧିକାରୀ ରାଜେଶ ସେଠା ଘଟଣାସ୍ଥଳରେ ପହଂଚି ଆହତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ୫ଜଣଙ୍କ ଘର ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର,ଦକ୍ଷିଣପରାସପୁର,ମୁକୁନ୍ଦା ଅଂଚଳର ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌ଟି ପଡ଼ିରହିଥିବା ଦେଖାଯାଇଛି।

# ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁବନ ପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ ଯୋଗଦେଇ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ମଧ୍ୟ ରେ ସମନ୍ୱୟ ରହିଲେ ଶିକ୍ଷାର ମାନ ବୃଦ୍ଧି ହେବ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ସାତକୋଶିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରଣା ଯୋଗ ଦେଇ ପିଲାମାନଙ୍କୁ ପାଠ ପଢ଼ାର ସହଜ ଟିପ୍ସ ବତାଇଥିଲେ ଏବଂ କୋମଳ ମତି ଛାତ୍ର ଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ କଳାର ବିକାଶ ପାଇଁ କଠିନ ପରିଶ୍ରମ ପରିଶ୍ରମ ଓ ଅଧ୍ୟବସାୟ କରିବାକୁ ପରାମର୍ଶ ଦେଇ ଥିଲେ । ବିଷିଷ୍ଟ ସମ୍ମାନୀତ ଅତିଥି ଭାବେ ସାତକୋଶିଆ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ଜୀ ଯୋଗଦେଇ ପାଠ ପଢିବା ସହିତ ସାମାଜିକ ଚଳଣି ସାଂସ୍କୃତିକ ପରମ୍ପରା ସମ୍ମାନ ଦେଲେ ଭଲ ମଣିଷ ଟିଏ ହୋଇ ପାରିବ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ରଞ୍ଜନ କୁମାର ମହାନ୍ତ,ପୂର୍ବତନ ସରପଞ୍ଚ ଗଣେଶ୍ୱର ଦାସ, ସମାଜସେବୀ ପ୍ରଶାନ୍ତ ପତି ବିଦ୍ୟାଳୟର ସମ୍ପାଦକ ଅର୍ଜୁନ ଖୁଣ୍ଟିଆ, ସହ ସମ୍ପାଦକ ଗୋଲାପ ଦାସ ଓ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବାର୍ଷିକ ଉତ୍ସବ ସାଭରେ ପ୍ରଧାନ ଶିକ୍ଷକ ଭୁବନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଚାମେଲି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରମୋଦିନୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ପୂର୍ବ ରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ହୋଇ ଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀଙ୍କ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା ।

## ତିହିଡି ମହୋତ୍ସବ ପଞ୍ଚମ ସନ୍ଧ୍ୟା

# ହସେଇ ହସେଇ ବେଦମ୍ କଲେ ପ୍ରଜ୍ଞା ଓ ଶଙ୍କର

ତିହିଡ଼ି,(ସବ୍ୟୁ) : ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବାର ଲକ୍ଷ୍ୟରେ ଚାଲୁଥିବା ତିହିଡ଼ି ମହୋତ୍ସବ ପଂଚମ ସନ୍ଧ୍ୟା ଉତ୍ସବମୁଖର ପରିବେଶରେ ପାଳିତ ହୋଇଛି ।। ଶିକ୍ଷାବିତ୍ ତଥା ତିହିଡି ଶ୍ୟାମାକ୍ଲବର ପ୍ରାକ୍ତନ ସଭାପତି ସ୍ୱର୍ଗତ ସନାତନ ବେହେରାଙ୍କ ମଂଚରେ ଆୟୋଜିତ ଏହି ସାଂସ୍କୃତିକ ମଂଚକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା,ପଣ୍ଡିତ ବିରେନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇ ତିହିଡ଼ି ମାଟିର ବିଶେଷତ୍ୱ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ମହୋତ୍ସବ କମିଟି ତରଫରୁ ତିହିଡି ହାଇସ୍କୁଲର ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର,ତିହିଡି ବ୍ଲକର ପ୍ରଥମ ଓସିଏ ଅମ୍ପୟାର ହେଇଥିବା ସତ୍ୟନାରାୟଣ ସାବତ,ସମାଜସେବୀ ଲମ୍ବୋଦର ପୃଷ୍ଟି ଏବଂ ତିହିଡିର ଅଂଚଳର ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଆକର୍ଷଣ ଥିଲା ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ,ଶଙ୍କର ପ୍ରଧାନ ଓ ସାଥିଙ୍କ କମେଡି ସହିତ ଚଳଚିତ୍ର ନାୟକ ସ୍ୱରାଜ ଓ ନାୟିକା ଭୂମିକାଙ୍କ ଲାଇଭ୍ ପ୍ରଦର୍ଶନ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଖୋର୍ଦ୍ଧା କଳାକାରମାନଙ୍କ ଦ୍ୱାରା ପାଇକ ଆଖଡା ଓ ସିଦ୍ଧାର୍ଥଙ୍କର ମହୋତ୍ସବ ସଙ୍ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା।। କାର୍ଯ୍ୟକ୍ରମକୁ ଉପସଭାପତି ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ ସଂଚାଳନ କରିଥିବା ବେଳେ ଯୁବ ସମାଜସେବୀ ନିରଞ୍ଜନ ବାରିକ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ,ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ମହୋତ୍ସବକୁ ସଫଳ କରିବାରେ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କରଞ୍ଜିଆ, (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ କରଞ୍ଜିଆସ୍ୱୟଂ ଶାସିତ ମହାବିଦ୍ୟାଳୟ ର ୬୧ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଏ ଅନୁଷ୍ଠିତ ହୋଇଛି । ଅଧକ୍ଷ ମନୋଜ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବକୁ ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶଥପଥୀ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ବକ୍ତା ଭାବେ ପ୍ରଫେସର ଡା. ଗୋଲକ ବିହାରୀ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ପ୍ରଫେସର ଗୋଦାଧର ମିଶ୍ର ଯୋଗ ଦେଇଥିଲେ । ପାରମ୍ଭରେ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଅଧକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରୀ ବର୍ଷା ପ୍ରିୟଦର୍ଶନୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ଶୁଭଶ୍ରୀ ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ସମସ୍ତ ଅତିଥି ବକ୍ତା ମହାବିଦ୍ୟାଳୟର ଅତୀତ ଗୌରବ ଗାରିମା, ଛାତ୍ରଙ୍କ ଭବିଷତ, ଭାରତୀୟ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏହି କାଯ୍ୟକ୍ରମ ପାଳନ ଆବରରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତା ଓ ଶ୍ରେଷ୍ଠ ଛାତ୍ର ଛାତ୍ରୀ ମାନଂକୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା । ପରେ ପରେ ସାଂସ୍କୃତିକ ଓ ମନରଞ୍ଜନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବଙ୍ଗାଳିଡାହି ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତର ବଙ୍ଗାଳିଡାହି ଛକରେ ହନୁମାନଙ୍କର ବିଶାଳ ପ୍ରତିମୂର୍ତ୍ତି ରହିଅଛି । ଏହି ପ୍ରତିମୂର୍ତ୍ତିଙ୍କଠାରେ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା ଓ ଶ୍ରୀରାମ ନବମୀ ଉତ୍ସବ ପାଳନ ପାଇଁ ଶ୍ରୀରାମ ସେନାର ସଦସ୍ୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି କଳସ ଯାତ୍ରା ଓ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ସହିତ ରାତିରେ ଭୋଜନ ସନ୍ଧ୍ୟାର ଆୟୋଜନ ହେବ ଶାନ୍ତିଶୃଙ୍ଖଳାର ସହିତ ଉକ୍ତ ଉତ୍ସବ କିପରି ଅନୁଷ୍ଠିତ ହେବ ଏହା ଉପରେ ସଦସ୍ୟମାନେ ଆଲୋଚନା କରିଥିଲେ । ବୈଠକରେ ମହେନ୍ଦ୍ର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଡମ୍ବରୁଧର ମହାନ୍ତ, ଫାଗୁ ମୁର୍ମୁ, ମଙ୍ଗଳୁ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ଛତିଶ ମହାନ୍ତ, କୁଳଚନ୍ଦ୍ର ମହାନ୍ତ, ମଣ୍ଟୁ ମହାନ୍ତ ଓ ହରିବଲ ମହାନ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ

## ଧୂଷୁରୀ ଏନଏସିରେ ରହିବ ୧୪ ୱାର୍ଡ

# ସୀମା ନିର୍ଦ୍ଧାରଣ ସହ ସଂରକ୍ଷଣ ତାଲିକା ପ୍ରସ୍ତୁତ

ଅସୁରାଳି,( ସବ୍ୟୁ) : ଧାମନଗର ବ୍ଲକର ନବଗଠିତ ଧୂଷୁରୀ ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ନେଇ ଅଧିସୂଚନା ଜାରି ହୋଇଛି। ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦିଲୀପ ରାଉତରାଏଙ୍କ ପକ୍ଷରୁ ଜାରି ହୋଇଥିବା ଅଧିସୂଚନା ଅନୁସାରେ ଧୂଷୁରୀରେ ଏନଏସିରେ ୧୪ଟି ୱାର୍ଡ ରହିବ। ପ୍ରତ୍ୟେକ ୱାର୍ଡର ସୀମାରେଖା ସ୍ପଷ୍ଟ କରାଯାଇଛି। ଯେଉଁଥିରେ ବାଙ୍କସାହି,ଜେନା ସାହି,ବ୍ରାହ୍ମଣୀପାଳ,ନଦୀଗାଁ,ଓଲଟପୁର ଏବଂ ପାଣିସାହି ଭଳି ବିଭିନ୍ନ ଅଂଚଳକୁ ସାମିଲ କରାଯାଇଛି। ପ୍ରତ୍ୟେକ ୱାର୍ଡର ସୀମା ନିର୍ଦ୍ଧାରଣ ପାଇଁ ସ୍ଥାନୀୟ ପ୍ରମୁଖ ବ୍ୟକ୍ତିଙ୍କ ବାସଭବନ,ସରକାରୀ ଶିକ୍ଷାନୁଷ୍ଠାନ ଏବଂ ନଦୀନାଳକୁ ମାନଦଣ୍ଡ ଭାବେ ନିଆଯାଇଛି। ବାଙ୍କସାହିରୁ ଆରମ୍ଭ ହୋଇ ମୁନା ମଣ୍ଡଳଙ୍କ ଘର ପର୍ଯ୍ୟନ୍ତ ଓ ପଶ୍ଚିମରେ ରେବ ନଦୀ ଯାଏ ୧ନମ୍ବର ୱାର୍ଡ ଗଠିତ। ସୁକ ଜେନାଙ୍କ ଘରୁ ଯୁଧିଷ୍ଠିର ବେହେରାଙ୍କ ଘର ପର୍ଯ୍ୟନ୍ତ ଓ ଦକ୍ଷିଣ ସୀମାରେ ବିବି ହାଇସ୍କୁଲ ଯାଏ ୨ନମ୍ବର ୱାର୍ଡ। ବ୍ରଜ ପତିଙ୍କ ଘରୁ ଶବର ସାହି ପର୍ଯ୍ୟନ୍ତ ବିସ୍ତାରିତ,ଯାହାର ପୂର୍ବରେ ମାଟିଗାଡ଼ିଆ ନାଳ ଯାଏ ୫ନମ୍ବର ୱାର୍ଡ। ଶିବ ବିଶ୍ୱାଳଙ୍କ ଘରୁ ଆରମ୍ଭ କରି ପତ୍ରୀସାହି ବ୍ରିଜ୍ ପର୍ଯ୍ୟନ୍ତ ଓ ଦକ୍ଷିଣରେ ଧୂଷୁରୀ ସରକାରୀ ହାଇସ୍କୁଲକୁ ନେଇ ୮ନମ୍ବର ୱାର୍ଡ ହୋଇଛି। ୱାର୍ଡ-୧୩ ଏବଂ ୧୪ ୱାର୍ଡର ସୀମା ଶରତ ନଦୀ, ଉଗ୍ରତାରା ନଦୀ ଏବଂ କୋଚିଲା ନଦୀ ଦ୍ୱାରା ନିୟନ୍ତ୍ରିତ ହେଉଛି। ଅଧିକାଂଶ ୱାର୍ଡର ପୂର୍ବ କିମ୍ବା ପଶ୍ଚିମ ସୀମାରେ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଏବଂ ବିଭିନ୍ନ ଆରଡ଼ି ରୋଡ୍ ରହିଛି। ମୁଖ୍ୟତଃ ୱାର୍ଡ-୨,ୱାର୍ଡ-୮ ଏବଂ ୱାର୍ଡ-୧୪ର ସୀମା ନିର୍ଦ୍ଧାରଣରେ ଷ୍ଟେଟ୍ ହାଇୱେକୁ ମୁଖ୍ୟ ସୀମା ଭାବେ ଗ୍ରହଣ କରାଯାଇଛି। ଅଧିସୂଚନାର ବିବରଣୀ-ଅନୁଯାୟୀ, ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ଆସନ ସଂରକ୍ଷଣ କରାଯାଇଛି। ୱାର୍ଡ ନମ୍ବର ୧,୩,୪,୧୨ ଓ ୧୩ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ୱାର୍ଡ-୨କୁ ଅନୁସୂଚିତ ଜାତି (ମହିଳା) ଓ ୱାର୍ଡ-୫କୁ ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ଅଛି। ସେହିପରି ୱାର୍ଡ ନମ୍ବର ୧୪କୁ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ତେବେ ୱାର୍ଡ-୬,୭,୮,୯,୧୦ ଓ ୧୧ ଅଣ-ସଂରକ୍ଷିତ ଅର୍ଥାତ ସାଧାରଣବର୍ଗ ପାଇଁ ଉଦ୍ଦିଷ୍ଟ ଅଛି। ପ୍ରକାଶିତ ଚିଠା ବିଜ୍ଞପ୍ତି ସମ୍ପର୍କରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି କିମ୍ବା ପରାମର୍ଶ ଥାଏ,ତେବେ ସେମାନେ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ନିଜର ମତାମତ ଦେଇପାରିବେ। ନିର୍ଦ୍ଧାରିତ ସମୟ ପରେ ମିଳିଥିବା ଆପତ୍ତି ଗ୍ରହଣ କରାଯିବନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଜ୍ଞପ୍ତିର ନକଲ ଧାମନଗର ବିଡିଓ, ତହସିଲଦାର, ଧୂଷୁରୀ ଏନ ଲଏସି ନିର୍ବାହୀ ଅଧିକାରୀଙ୍କ ସମେତ ଧୂଷୁରୀ, ବାମକୁରା, କୋଠାର ଓ ନଦୀଗାଁ ସରପଂଚଙ୍କୁ ପଠାଯାଇଛି।

# ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତାକୁ ଟିପିଏନଓଡ଼ିଏଲର ଅଗ୍ରାଧିକାର

ବାଲେଶ୍ୱର, (ସବ୍ୟୁ) : ବିଦ୍ୟୁତ ସୁରକ୍ଷା ନେଇ ଟିପିଏନଓଡ଼ିଏଲ ସର୍ବଦା ଅଗ୍ରାଧିକାର ଦେଇଛି । ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ଟିପିଏନଓଡ଼ିଏଲ ପ୍ରାଥମିକତା ଦେଇଥିବାବେଳେ ଅବହେଳାପୂର୍ବକ ହେଉ ଅଥବା ସଚେତନତା ଅଭାବରୁ ହେଉଥିବା ବୈଦ୍ୟୁତିକ ଦୁର୍ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ସଂସ୍ଥା ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମର ନିକଟରେ ନିର୍ମାଣ କାର୍ଯ୍ୟ, ବୈଦ୍ୟୁତିକ ଯନ୍ତ୍ରପାତିରେ ଅଣକୁଶଳୀ ମରାମତି କାର୍ଯ୍ୟ, ହୁକିଂ, ଛିଣ୍ଡା ତାରର ବ୍ୟବହାର ଆଦି ପାଇଁ ଦୁର୍ଘଟଣା ଘଟୁଥିବା ସୂଚନାକୁ ଭିତ୍ତି କରି ଜନସଚେତନତା ବୃଦ୍ଧି କରିବାକୁ ଟିପିଏନଓଡ଼ିଏଲ ଗୁରୁତ୍ୱ ଦେଇଛି । ଏଥି ଲାଗି ଏକ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରାଯାଇ ସୁରକ୍ଷା ସଚେତନତା ସମ୍ପର୍କିତ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି । ବିଦ୍ୟାଳୟ ତଥା କଲେଜରେ ଶିକ୍ଷାର୍ଥୀଙ୍କୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, କାନ୍ଥରେ ସଚେତନତା ବାର୍ତ୍ତା, ଉପଭୋକ୍ତା ସମ୍ମିଳନୀ, ଡାକବାଜି ଯନ୍ତ୍ର ତଥା ବିଭିନ୍ନ ଗଣମାଧ୍ୟମ ଜରିଆରେ ସଚେତନତା ଅଭିଯାନ ବ୍ୟାପକ କରିବା ସହ ଧନଜୀବନ ହାନିକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ଟିପିଏନଓଡ଼ିଏଲର ଏହି କାର୍ଯ୍ୟଧାରା ବଳବତ୍ତର ରହିଛି। ସେହିପରି ଆଗନ୍ତୁକ ଗ୍ରୀଷ୍ମ ଋତୁରେ ଏସି, ଫ୍ରିଜ, କୁଲର, ପାଣିପମ୍ପ ଆଦି ଉଚ୍ଚ କ୍ଷମତା ଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ଯାଞ୍ଚ କରାଇନେବାକୁ ଟିପିଏନଓଡ଼ିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି



ଓ ଏହା ସହିତ ଘରେ ଏମସିବି ଅବା ଇଏଲସିବି ଲଗାଇବା ବିଦ୍ୟୁତ ସୁରକ୍ଷା ଦିଗରେ ଏକ ବଡ ପଦକ୍ଷେପ ବୋଲି ଟିପିଏନଓଡ଼ିଏଲ ପକ୍ଷରୁ କୁହାଯାଇଛି । ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି କରିବାପାଇଁ ଚେଷ୍ଟା ନ କରି ଟିପିଏନଓଡ଼ିଏଲ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ମଧ୍ୟ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଅପରପକ୍ଷେ କର୍ମଚାରୀଙ୍କ ସୁରକ୍ଷାକୁ ଦିଗରେ ହେଲମେଟ, ହାର୍ନେସ, ସୁରକ୍ଷା ଜୋତା, ଗ୍ଲୋଭ୍ସ, ନିଅନ ଟେଷ୍ଟର ଆଦି ସୁରକ୍ଷା ଉପକରଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ସୁରକ୍ଷା ପ୍ରଣାଳୀକୁ କଡାକଡି ପାଳନ କରିବାପାଇଁ ଟିପିଏନଓଡ଼ିଏଲ ପକ୍ଷରୁ ଆଧିକାରିକ ବାର୍ତ୍ତା ଜାରି ହୋଇଛି । ଏ ଦିଗରେ ସଂସ୍ଥା ଏକ ଅଭିନବ ଉପାୟରେ ଜନସାଧାରଣଙ୍କୁ ଏହାର ତଦାରଖ ଦାୟିତ୍ୱ ଦେଇ ସହାୟତା କାମନା କରିଛି। ଟିପିଏନଓଡ଼ିଏଲ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣର ବ୍ୟବହାର ନ କରନ୍ତି ଅବା ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିବାର ନଜରରେ ଆସନ୍ତି ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସ ଆପ୍ ଯୋଗେ ପଠାଇ ଟିପିଏନଓଡ଼ିଏଲକୁ ଏ ଦିଗରେ ସୂଚନା ଦେଇପାରିବେ। ଏଥିଲାଗି ଟିପିଏନଓଡ଼ିଏଲ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ୍ୟ କରାଯିବାର ଯୋଜନା ରହିଛି । ବୈଦ୍ୟୁତିକ ସୁରକ୍ଷା ବ୍ୟକ୍ତିବିଶେଷ ତଥା ସର୍ବୋପରି ଏକ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହୋଇଥିବାବେଳେ ଟିପିଏନଓଡ଼ିଏଲର ଏତାଦୃଶ ପଦକ୍ଷେପ ତଥା ଉପଭୋକ୍ତାଙ୍କ ସହାୟତା ଏନେଇ ବିଶେଷ ଫଳପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା



କେନ୍ଦୁଝର, (ସବ୍ୟୁ) : ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଦେଶବ୍ୟାପୀ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଳନର ଅଂଶସ୍ୱରୂପ, ଆଜି କେନ୍ଦୁଝର ଜିଲ୍ଲାସ୍ତରୀୟ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅଧିକାରୀ, କର୍ମଚାରୀ ଏବଂ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ୪୦୦ ରୁ ଅଧିକ ଅଂଶଗ୍ରହଣକାରୀ ପଦଯାତ୍ରାରେ ଯୋଗ ଦେଇଥିଲେ, ଯାହା ସର୍ଦ୍ଦାର ପଟେଲଙ୍କ ଦ୍ୱାରା ସ୍ଥାପିତ ଜାତୀୟ ଏକତା ଏବଂ ଅଖଣ୍ଡତାର ଆଦର୍ଶ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ, ଅଂଶଗ୍ରହଣକାରୀମାନେ ଆତ୍ମନିର୍ଭର ଭାରତ ଏବଂ ନିଶା ମୁକ୍ତି ପ୍ରତିଜ୍ଞା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ରେ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୩୬)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।**
**ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥ ୩୬ ॥**

ତୁମ ଶତ୍ରୁମାନେ ତୁମ ସାମର୍ଥ୍ୟକୁ ନିନ୍ଦା କରି ଅନେକ ଅକଥ୍ୟ କଥା କହିବେ, ତାହାଠାରୁ ଅଧିକ ଦୁଃଖର କଥା ଆଉ କଅଣ ଅଛି ? ॥ ୩୬॥

# ଆମ ସାହିତ୍ୟର ଦୁର୍ଦ୍ଦଶା

ଆଗରୁ ହାତ ଗଣତି ସାହିତ୍ୟ ସ୍ରଷ୍ଟା ଥିଲେ । ସେମାନଙ୍କର ସୃଷ୍ଟି କିନ୍ତୁ ଆମମାନଙ୍କୁ ଖୁବ୍ ପ୍ରଭାବିତ କରି ପାରିଥିଲା । ଏ ଲେଖକ ପିଲାଦିନରୁ ଦେଖି ଆସିଛି, ସାହିତ୍ୟ ସ୍ରଷ୍ଟାମାନଙ୍କର ସମ୍ମାନ ଥିଲା । ଲୋକେ ସାହିତ୍ୟକୁ ଓ ସାହିତ୍ୟ ସ୍ରଷ୍ଟାଙ୍କୁ ଖୁବ୍ ଭଲ ପାଉଥିଲେ । ପରିସ୍ଥିତି ବଦଳି ଗଲା । ପୁସ୍ତକ ପ୍ରକାଶନ ପାଇଁ ପ୍ରେସ ବା ଛାପାଖାନା ସବୁ ଉନ୍ନତମାନର ହେଲା । ପତ୍ରପତ୍ରିକା ସବୁ ଉନ୍ନତମାନର ହୋଇ ବ୍ୟବହୁଳ ମଧ ହେଲା । ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକା ସବୁ ଆଦର କରି କିଣିଲେ ବା ଆଣିଲେ, ତାହା ଶିକ୍ଷିତ ଓ ସଚେତନ ଓଡ଼ିଆମାନଙ୍କ ମଧ୍ୟରେ ଏକ ସଂଭ୍ରାନ୍ତୀୟ ରୁଚି ବୋଲି କୁହା ଯାଉଥିଲା । ମାତ୍ର ଏତେସବୁ ପୁସ୍ତକ ବା ପତ୍ରିକା ସଂରକ୍ଷଣ କରି ରଖିବାକୁ ଘରେ ସ୍ଥାନ କାହିଁ ? ଏବର ଏହି ଡିଜିଟାଲ ଯୁଗରେ ଯେଉଁଠି ମୋବାଇଲ ଫୋନର ଚାହିଦା ଖୁବ୍ ବେଶୀ, ସେଠି ପୁସ୍ତକ, ସମ୍ବାଦପତ୍ର ବା ପତ୍ରପତ୍ରିକାର ଚାହିଦା ହ୍ରାସ ପାଇବା ସ୍ୱାଭାବିକ । ତଥାପି ଦେଖଯାଇଛି ଯେ ସହସ୍ରାଧିକ ଓଡ଼ିଆ ଲେଖକ ଓ ଲେଖିକାଙ୍କଦ୍ୱାରା ଏକାଧିକ ପୁସ୍ତକ ପ୍ରକାଶିତ ହେଉଛି । ସେସବୁ ସତେ ଯେପରି ସେମାନଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଉଛି । ଅବଶ୍ୟ ସାହିତ୍ୟ ପ୍ରତି ସେମାନଙ୍କର ଆଗ୍ରହ ରହିଛି । ସାହିତ୍ୟ କ୍ଷେତ୍ରରେ ସେମାନଙ୍କୁ ସ୍ୱୀକୃତି ମିଳୁ ବା ନମିଳୁ, ଓଡ଼ିଶା ବା କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସେମାନଙ୍କୁ ଗୁରୁତ୍ୱ ଦେଉ ବା ନ ଦେଉ, ନିଜ ପୁସ୍ତକ ପ୍ରକାଶ କରିଦେଇ ସେମାନେ ନିଶ୍ଚିନ୍ତ । ଯଦି ସେମାନଙ୍କ ନୂତନ ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଯାଏ ଏବଂ ପୁସ୍ତକ ଉନ୍ମୋଚନର ବିବରଣୀ ସମ୍ବାଦପତ୍ରମାନଙ୍କର ପୃଷ୍ଠା ମଣ୍ଡନ କରେ, ଆଉ ସେ ସବୁ ମୋବାଇଲରେ ଭାଇରାଲ ହୋଇ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ତା ହେଲେ ସେମାନଙ୍କ ଖୁସିର ସୀମା ନଥାଏ । ସମ୍ବାଦପତ୍ର ବା ପତ୍ରପତ୍ରିକାମାନଙ୍କରେ ପ୍ରକାଶିତ ନୂତନ ପୁସ୍ତକଗୁଡ଼ିକର ସମୀକ୍ଷା ହେଉ ବା ପ୍ରାପ୍ତିସ୍ୱୀକାର ହେଉ ସେ ସବୁ ଅଧିକାଂଶ ଲେଖକ/ଲେଖିକାଙ୍କୁ ଆନନ୍ଦ ଦେଇଥାଏ ।

ପ୍ରଥମେ ବେସରକାରୀ ଭାବେ ଓ ପରବର୍ତ୍ତୀ କାଳରେ ଏ ଯେଉଁ ପୁସ୍ତକ ମେଳା ବା ବୁକ୍ ଫେଆର ହୋଇଆସୁଛି, ସେଠି ମଧ ଲେଖକ/ଲେଖିକା, ପ୍ରକାଶକ, ସରକାରୀ ଓ ବେସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଭିଡ଼ ଜମିଥାଏ । ଖାଇବା ପିଇବା ସହିତ ସେଠାରେ ବୁଲିବାକୁ ଭଲ ଲାଗେ । ସର୍ବ ଭାରତୀୟ ସ୍ତରର ଏପରିକି ଭାରତ ସରକାରଙ୍କ ସାହିତ୍ୟ ଏକାଡେମୀ, ରାଜ୍ୟ ସରକାରଙ୍କ ସାହିତ୍ୟ ଏକାଡେମୀ, ଏନ୍.ବି.ଟି ପ୍ରଭୃତି ବିଭିନ୍ନ ସଂସ୍ଥାର ପୁସ୍ତକମାନ ମେଳାରେ ବିକ୍ରୀ ହୋଇଥାଏ । ଓଡ଼ିଆ ପୁସ୍ତକ ଯଥେଷ୍ଟ ସଂଖ୍ୟାରେ ସେ ସବୁ ପୁସ୍ତକ ମେଳାରେ ବିକ୍ରୀ ହୋଇଥାଏ ସତ, ମାତ୍ର ଏତେ ସଂଖ୍ୟାରେ ବିକ୍ରୀ ହୁଏ ନାହିଁ, ଯେପରି ଆଶା କରା ଯାଇଥାଏ ।

ତେବେ ନିଛକ ସାହିତ୍ୟ କେବଳ ନୁହେଁ, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଅନ୍ୟାନ୍ୟ ବୈଷୟିକ ବିଷୟରେ ଅନେକ ଇଂରାଜୀ ଭାଷାର ପୁସ୍ତକ ମଧ ମିଳି ଥାଏ ସେଠି । କମ୍ପ୍ୟୁଟର ବା ଡିଜିଟାଲ ଯୁଗରେ ଏବେ ପୁସ୍ତକ କ୍ରୟ ଓ ପଠନ ପ୍ରଭୃତି କ୍ରିୟା ହ୍ରାସ ପାଇଥିବା ପରିଲକ୍ଷିତ ହୋଇଥାଏ ।

ଯାହା ମନେହୁଏ, ସାହିତ୍ୟ ବା ସାହିତ୍ୟ ସଂକ୍ରାନ୍ତୀୟ ବିଷୟବସ୍ତୁ ଏବେ ବଡ଼ ଲୋକ ବା ଧନୀ ଲୋକଙ୍କ ନିକଟରେ ଅଟକିଯାଇ ରହିଥିବାରୁ ସାଧାରଣ ଲୋକେ ସେଥିପାଇଁ ସାହିତ୍ୟ ଉପରୁ ଦୃଷ୍ଟି ଫେରାଇ ଆଣୁଛନ୍ତି ଏବେ । ଏବେ ବି ଓଡ଼ିଆ ଭାଷାରେ, ସାହିତ୍ୟ ସର୍ଜନା କରି କେହି ଉପାର୍ଜନକ୍ଷମ ହୋଇ ପାରେ ନାହିଁ । ମାତ୍ର ପଡ଼ୋଶୀ ବଙ୍ଗଳା, ତେଲୁଗୁ, ତାମିଲ ଓ ହିନ୍ଦୀ ପ୍ରଭୃତି ସାହିତ୍ୟରେ ତାହା କିଛିଟା ସମ୍ଭବ ହୋଇଛି । ଓଡ଼ିଆ ଲେଖକଙ୍କ ମଧ୍ୟରୁ ଅଧିକାଂଶ ନିଜେ ପ୍ରକାଶକଙ୍କ ଜରିଆରେ ପଇସା ଦେଇ ପୁସ୍ତକ ପ୍ରକାଶନର ଏକ ହୀନ ପରମ୍ପରା ସୃଷ୍ଟି କରି ଚାଲିଛନ୍ତି । ଅଭିଯୋଗ ମଧ ହେଉଛି ଯେ ପଇସା ଦେଇ ଅନେକ ନୂତନ ଲେଖକ/ଲେଖିକା ପତ୍ରପତ୍ରିକାରେ ବା ସମ୍ବାଦପତ୍ରମାନଙ୍କରେ ସେମାନଙ୍କର ଲେଖା ଛାପନ୍ତି ଓ ପୁରସ୍କାର ବା ସମ୍ବର୍ଦ୍ଧନା ମଧ ହାତେଇ ଥାଆନ୍ତି । ଅବଶ୍ୟ ସରକାରୀ ପତ୍ରପତ୍ରିକା ମଧ୍ୟରୁ 'ଉତ୍କଳ ପ୍ରସଙ୍ଗ' ବା 'Odisha Review'ରେ ଲେଖକ/ଲେଖିକାଙ୍କୁ ସେମାନଙ୍କ ଲେଖାପାଇଁ ସାମାନ୍ୟ ପାରିତୋଷିକ ମିଳିଥାଏ । ଓଡ଼ିଶା ସାହିତ୍ୟ ଏକାଡେମୀର ତ୍ରୈମାସିକ ମୁଖପତ୍ର 'କୋଣାର୍କ' ଆଉ ପ୍ରକାଶ ପାଇ ଆସୁଛି କି ନାହିଁ କେଜାଣି, ସେ ମଧ ଲେଖା ପାଇଁ ପାରିତୋଷିକ ଦେଇ ଆସୁଥିଲା । ଓଡ଼ିଶାର କୌଣସି ଘରୋଇ ସଂସ୍ଥାର ପତ୍ରପତ୍ରିକା, ଲେଖକ/ଲେଖିକାଙ୍କୁ ପାରିତୋଷିକ ଦିଏ ନାହିଁ । ତା'ର କାରଣ ଆମର ଓଡ଼ିଆ ଲେଖକ/ଲେଖିକାମାନଙ୍କ ମଧ୍ୟରୁ ଅନେକ ପଇସା ଦେଇ ବା ଖର୍ଚ୍ଚ କରି କୁଆଡ଼େ ସେମାନଙ୍କର ଲେଖାସବୁ ସେଥିରେ ପ୍ରକାଶ କରାଇଥା'ନ୍ତି । ତେବେ ଆମେ ଯେଉଁମାନେ ଲେଖାଲେଖି କରି ଆସୁଛୁଁ, ନିଜର ଆତ୍ମସନ୍ତୋଷ ପାଇଁ ହେଉ ବା ନିଜକୁ ପ୍ରଚାରିତ କରି ପ୍ରତିଷ୍ଠା ଅର୍ଜନ କରିବାକୁ ହେଉ, ଲେଖି ଚାଲିଛୁଁ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ବିଗତ ପ୍ରାୟ ନଅ ବର୍ଷ ତଳୁ ଓଡ଼ିଶା ସାହିତ୍ୟ ଏକାଡେମୀର ବାର୍ଷିକ ଲକ୍ଷେ ଟଙ୍କିଆ ସମ୍ବର୍ଦ୍ଧନା ଯୋଜନା ବା ଦୁଇ ଲକ୍ଷ ଟଙ୍କିଆ ପୁସ୍ତକ ପୁରସ୍କାର ଯୋଜନା ସ୍ଥଗିତ ରହିଛି । ଏ ସମ୍ପର୍କରେ ଲେଖକ ଓ ଲେଖିକାଙ୍କ ସ୍ୱର ତୀବ୍ର ନୁହେଁ । ଜଣେ ଲେଖକ କାହିଁକି କେଜାଣି ୫ ଲକ୍ଷ ଟଙ୍କାର ଫକୀର ମୋହନ ପୁରସ୍କାର ପାଇ ପାରିଲେ, ତାହାର କାରଣ ଓଡ଼ିଶା ସାହିତ୍ୟ ଏକାଡେମୀ ଦର୍ଶାଇ ନାହାନ୍ତି ।

କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଗତ ବର୍ଷ ୨୦୨୫ରୁ ବିଭିନ୍ନ ୨୪ଟି ଭାରତୀୟ ଭାଷାର ପୁରସ୍କାର ଯୋଜନା ମଧ ସ୍ଥଗିତ ରଖିଛନ୍ତି । ଉପଯୁକ୍ତ ଲେଖକଙ୍କ ପୁସ୍ତକ ଅଭାବରୁ ବା ଏଥିରେ ପ୍ରିୟାପ୍ରୀତି ତୋଷଣର ଗନ୍ଧ ମିଳିବାରୁ ଏହା ବନ୍ଦ କରାଯାଇଛି ବୋଲି ଶୁଣିବାକୁ ମିଳିଛି । ପୁରସ୍କାର ବାବଦରେ ଲକ୍ଷେ ଟଙ୍କା ଓ ଉପଢୌକନ ମିଳିଥା'ନ୍ତା । ଅନେକ ଯୋଗ୍ୟ ଓଡ଼ିଆ ଲେଖକ/ଲେଖିକା ମଧ ସେମାନଙ୍କର ପୁସ୍ତକ ଦାଖଲ କରିଥିଲେ । ମାତ୍ର ତାହା ହେଲା ନାହିଁ। କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଓଡ଼ିଆ ସଦସ୍ୟମାନେ ଏ ବିଷୟରେ ସ୍ପଷ୍ଟୀକରଣ ନ ଦେଇ ନୀରବତା ଅବଲମ୍ବନ କରୁଛନ୍ତି କାହିଁକି ? ଉତ୍ତର ଦିଅନ୍ତୁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦେଶପାଇଁ ବଳିଦାନ ଦେଇଥିବା ଶହୀଦଗଣ



**ପୂର୍ଣ୍ଣଚନ୍ଦ୍ର ସେନାପତି**

ଇଂରେଜମାନେ ୨୦୦ ବର୍ଷ ଭାରତରକୁ ଶାସନ କଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ନାମରେ ଇଂଲଣ୍ଡର ଏକ କମ୍ପାନୀ ଭାରତକୁ ପ୍ରଥମେ ୧୬୦୮ ମସିହାରେ ଆସି ବେପାର ଆରମ୍ଭ କଲେ ଓ ପରେ ସାରା ଭାରତକୁ ନିଜ ଶାସନକୁ ନେଇ ଯାଇଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଭାରତକୁ ଲୁଟ୍‌କରି ସବୁ ଧନ ସମ୍ପତ୍ତିକୁ ଇଂଲଣ୍ଡରେ ନେଇ ପହଞ୍ଚାଇବା । ଯେଉଁ ସାହାସୀ ବୀରମାନେ ସେମାନଙ୍କୁ ବାଧା ଦେଉଥିଲେ ସେମାନେ କଳେବଳେ କୌଶଳରେ ସେମାନଙ୍କୁ କଳାପାଣି ଜେଲକୁ ପଠାଉଥିଲେ ଓ ଫାଶୀ ଖୁଣ୍ଟରେ ଚଢ଼ାଇ ମାରି ଦେଉଥିଲେ । ୧୮୦୪ରେ ବ୍ରିଟିଶ୍ ଶାସନ ବିରୋଧରେ ଆରମ୍ଭ ହୋଇଥିଲା ପ୍ରଥମ ମୁକ୍ତି ସଂଗ୍ରାମ । ବିଦ୍ରୋହୀ ପାଇକମାନଙ୍କୁ ଆୟତ୍ତ କରିବାକୁ ଇଂରେଜମାନଙ୍କୁ ପ୍ରାୟ ଲାଗିଯାଇଥିଲା ୧୦ବର୍ଷ । ଖୋର୍ଦ୍ଧା ପାଇକମାନଙ୍କର ନେତୃତ୍ୱ ନେଇଥିଲେ, ଜୟୀ ରାଜଗୁରୁ ।

ଇଂରେଜ ମେଜର ଫ୍ଲେଚର ୧୮୦୪ ନଭେମ୍ବରରେ ପିପିଲି ଠାରେ ଏକ ସପ୍ତାହକାଳ ଯୁଦ୍ଧ କରିଥିଲେ । ରାଜାଙ୍କ ପକ୍ଷରୁ ଯୁଦ୍ଧଭାର ଦାୟିତ୍ୱ ନେଇଥିଲେ ଜୟୀ ରାଜଗୁରୁ । ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ଜୟୀ ରାଜଗୁରୁ ଇଂରେଜଙ୍କ ସହିତ ଲଢ଼ିଥିଲେ । ବର୍ବର ଇଂରେଜମାନେ ତାଙ୍କୁ ଗିରଫ କରିନେଲେ । ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ମେଦିନପୁର ନିକଟବର୍ତ୍ତୀ ବାଲିତୋଟାରେ । ଏକ ଝଙ୍କାଳିଆ ବରଗଛର ଦୁଇଟି ଶାଖାକୁ ବିପରୀତ ମୁଖରୁ ଟଣାଯାଇ ସେଥିରେ ତାଙ୍କର ଦୁଇଗୋଡ଼କୁ ବାନ୍ଧି ଛାଡ଼ି ଦିଆଯାଇଥିଲା । ସେହିଠାରେ ହିଁ ତାଙ୍କର ଶରୀର ଦୁଇଫାଳ ହୋଇଗଲା । ଏହି ଘଟଣାଟି ଘଟିଥିଲା ୬.୧୨.୧୮୦୬ ମସିହାରେ । ତା'ପରେ ପାଇକ ବିଦ୍ରୋହକୁ ବକ୍ସି ଜଗବଂଧୁ ବିଦ୍ୟାଧର ମହାପ୍ରତ୍ର ଜାରି ରଖିଲେ ଓ ୧୮୧୭ ମସିହାରେ ବ୍ରିଟିଶ୍ ଶାସନ ବିରୋଧରେ ବିଦ୍ରୋହକୁ ଖୁବ୍ ଜୋରସୋର୍‌ରେ ବ୍ୟାପକ କଲେ । ସେ ଦୁଇ ଦଶନ୍ଧି ପର୍ଯ୍ୟନ୍ତ ବ୍ରିଟିଶ୍ ସେନାଙ୍କୁ ପରାସ୍ତ କରିଥିଲେ । ନୟାଗଡ଼ ରାଜାଙ୍କ ସହଯୋଗରେ ଶେଷରେ ନଜରବନ୍ଦୀ କରି ରଖିଥିଲେ । ତାଙ୍କୁ ଫାଶୀ ବା ଗୁଳିକରି ମାରିବାକୁ ଇଂରେଜ ସାହାସ କରି ନଥିଲେ । ୨୦ବର୍ଷ କାଳ ସେ ଇଂରେଜମାନଙ୍କୁ ପରାସ୍ତ କରି ଡରାଇ ଦେଇଥିଲେ । ୨୪.୦୧.୧୮୨୯ରେ ତାଙ୍କର ମୃତ୍ୟୁ ହେଲା । କିନ୍ତୁ ଭାରତ ସରକାର ୧୮୫୭ ମସିହା ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବିବେଚନା କରିଛନ୍ତି । ୧୮୫୭ ମସିହାରେ ହେଲା ସିପାହୀ ବିଦ୍ରୋହ । ସେତେବେଳେ ଭାରତୀୟମାନେ ଇଂରେଜଙ୍କ ପାଖରେ ସିପାହୀ ଚାକିରି କରୁଥିଲେ । ବନ୍ଧୁକରେ ଗାଈର ଚର୍ବି କାର୍ଟୁଜ୍‌ରେ ବ୍ୟବହାର କରାଯାଉଥିଲା ଓ ଏହାକୁ ସିପାହୀମାନେ ଦାନ୍ତରେ ଟାଣି ଗୁଳି ଫୁଟାଉଥିଲେ । ଜଣେ ଭାରତୀୟ ସିପାହୀ 'ମଙ୍ଗଳ ପାଣ୍ଡେ' ଏହାକୁ ବିରୋଧ କଲେ । ସେ ଜାତିରେ ହିନ୍ଦୁ ଓ ବ୍ରାହ୍ମଣ ସଂପ୍ରଦାୟର ଥିଲେ । ଇଂରେଜମାନଙ୍କ ଆକ୍ରୋଶର ସେ ଶିକାର ହେଲେ । ସେ ମଧ ଇଂରେଜ ଅଫିସରଙ୍କୁ ମାନି ନଥିଲେ ଓ ସାମନାରୁ ଗୁଳିକରି କେତେଟା ଇଂରେଜ ଅଫିସରଙ୍କୁ ମାରି ଦେଇଥିଲେ । ତାଙ୍କୁ ପ୍ରଥମେ ଫାଶୀ ଆଦେଶ ଇଂରେଜମାନେ ଦେଇଥିଲେ । ତାଙ୍କୁ ଫାଶୀ ୧୮.୦୪.୧୯୫୭ରେ ହୋଇଥିଲା, କିନ୍ତୁ ଇଂରେଜମାନେ ଭୟରେ ୧୦ ଦିନ ଆଗରୁ ଅର୍ଥାତ ୮.୦୪.୧୯୫୭ ରେ ଫାଶୀ ଦେଲେ ।

ଝାନ୍‌ସୀର ରାଣୀ ଲକ୍ଷ୍ମୀବାଇ ମଧ ୧୮୫୭ରେ ଇଂରେଜମାନଙ୍କ ସହ ପ୍ରଚଣ୍ଡ ଖଣ୍ଡାଯୁଦ୍ଧ କରିଥିଲେ । ତାଙ୍କ ସହିତ ତାଙ୍କୁ ସହାୟତା କରିଥିଲେ ଓଡ଼ିଶାର ବୀର ସାହସୀ ଯୁବକ ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ । କିନ୍ତୁ ଇଂରେଜ ସେନା ରାଣୀ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି ମାରିଥିଲେ । ଯାହାଦ୍ୱାରା ରାଣୀ ଲକ୍ଷ୍ମୀବାଇ ଯୁଦ୍ଧ ଭୂମିରେ ସହିଦ ହୋଇ ଯାଇଥିଲେ । ତାଙ୍କ ସହିତ ବୀର ତାନ୍ତିଆ ଟୋପେ ଓ ନାନା ସାହେବ ମଧ ପ୍ରଚଣ୍ଡ ଯୁଦ୍ଧ କରିଥିଲେ । କିନ୍ତୁ ଏ ଦୁଇଜଣ ସହିଦ୍ ମଧ ହୋଇଥିଲେ । ଚାଖି ଖୁଣ୍ଟିଆ ଯୁଦ୍ଧ ଭୂମିରେ ସହିଦ୍ ହୋଇ ନଥିଲେ । ସେ ୧୮୭୦ରେ ଇହଲୀଳା ସମ୍ବରଣ କରିଥିଲେ । ପଶ୍ଚିମ ଓଡ଼ିଶାର ବୀର ସୁରେନ୍ଦ୍ର ସାଏ ୧୮୪୦ ମସିହାରେ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇ ୧୭ବର୍ଷ ହଜାରିବାଗ ଜେଲ୍‌ରେ ଥିଲେ ।

୧୮୫୭ ମସିହା ସିପାହୀ ବିଦ୍ରୋହ ସମୟରେ ସେ କୌଶଳକ୍ରମେ ଜେଲରୁ ଖସିଆସି ପୁଣି ଇଂରେଜମାନଙ୍କ ସହ ଲଢ଼ାଇ ଜାରି ରଖିଥିଲେ । ଯେପରି ଆଭରଙ୍ଗଜେବଙ୍କ ସମୟରେ ଛତ୍ରପତି ଶିବାଜୀ ଓ ତାଙ୍କର ପୁତ୍ର ଶମ୍ଭୁଜୀ, କୌଶଳ କ୍ରମେ ଜେଲ୍‌ରୁ ମିଠାଇ ହାଣ୍ଡିରେ ଲୁଚି ପଳାଇ ଆସିଥିଲେ, ସେହିପରି ବୀର ସୁରେନ୍ଦ୍ର ସାଏ କୌଶଳକରି ଇଂରେଜମାନଙ୍କ କବଳରୁ ଖସି ପଳାଇ ଆସିଥିଲେ । ତାଙ୍କୁ ଭାରତବର୍ଷର ଦ୍ୱିତୀୟ ଛତ୍ରପତି ଶିବାଜୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଜେଲରୁ ଖସିଆସି ଉଲଗୁଲାନ୍ (ଗରିଲାଯୁଦ୍ଧ) ଚଳାଇଥିଲେ ତାଙ୍କୁ ପିଛାକରି ଇଂରେଜ ପୁଣି ଧରିଲେ ଓ ୧୮୬୪ ମସିହାରେ ଅସୁରଗଡ ଜେଲ୍‌ରେ ରଖିଲେ । ସମୁଦାୟ ୩୭ ବର୍ଷ ସେ ଜେଲରେ ରହିଲେ ଓ 'ଦେଶମାତୃକାର ସ୍ୱାଧୀନତା କଥା ଚିନ୍ତା କରି କରି, ଜେଲ ଭିତରେ ବହୁ ନିର୍ଯ୍ୟାତନା ତଥା ଦୁଃସହ ଜୀବନ କଟାଇ ଫେବୃୟାରୀ ୨୮ ତାରିଖ ୧୮୮୪ ମସିହାରେ ପ୍ରାଣତ୍ୟାଗ କଲେ । ତାଙ୍କର ଚତୁର୍ଥ ସାନଭାଇ ଛବିଳ ସାଏ ମଧ ଇଂରେଜମାନଙ୍କ ସହ ଯୁଦ୍ଧକରି ଇଂରେଜଙ୍କ ଗୁଳିରେ ନିଜ ଘୋଡ଼ା ଉପରୁ ଟଳିପଡ଼ି ପ୍ରାଣତ୍ୟାଗ କରିଥିଲେ। ସମୁଦାୟ ସମ୍ବଲପୁର ପାଖ କୁଦୋପାଲିରେ ୫୭ ଜଣ ସହିଦ୍ ହୋଇଥିଲେ ।

ଦେଶଭକ୍ତ ଭଗତ୍ ସିଂଙ୍କ କୀର୍ତ୍ତି ଓ କୃତି ହେଉଛି ଆମ ପାଇଁ ଗର୍ବ ଓ ଗୌରବ । ଅତ୍ୟାଚାରୀ ଇଂରେଜମାନଙ୍କୁ ଦେଶରୁ ତଡ଼ିବା ପାଇଁ ବଦ୍ଧ ପରିକର ଥିଲେ ଭଗତ୍ ସିଂ ଓ ତାଙ୍କର ସାଥୀମାନେ । ଲାହୋରରେ ସାଇମନ୍ କମିଶନଙ୍କୁ ବିରୋଧ କରିଥିଲେ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ । ଶାନ୍ତି ପୂର୍ଣ୍ଣ ମାର୍ଗରେ ଶୋଭାଯାତ୍ରାକାରୀ ଯେତେବେଳେ ଆନ୍ଦୋଳନ କରିଥିଲେ, ସେତେବେଳେ ଲାଲାଜୀଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଲାଠିମାଡ କରାଯାଇଥିଲା ।

ସେହି ମାଡରେ ତାଙ୍କର ଦେହାନ୍ତ ହେଲା । ଏଥି ନିମନ୍ତେ ଦାୟୀ ଥିଲେ ଦୁଇଜଣ ପୋଲିସ୍ ଅଫିସର, ସ୍କଟ ଓ ସ୍ୟାଣ୍ଡର୍ସ । ଏ ଦୁଇ ଗୋରା ଅଧିକାରୀଙ୍କୁ ମାରିବା ପାଇଁ ଦାୟିତ୍ୱ ନେଇଥିଲେ, ଚନ୍ଦ୍ରଶେଖର ଆଜାଦ୍, ଭଗତ୍ ସିଂ, ରାଜଗୁରୁ ଓ ତାଙ୍କର ସାଥୀ ସୁଖଦେବ । କୌଣସି ଏକ ସୁଯୋଗ ପାଇ, ରାଜଗୁରୁ ଗୁଳି ଚଳାଇଥିଲେ ଓ ସେଥିରେ ଟଳି ପଡିଥିଲେ ସ୍ୟାଣ୍ଡର୍ସ । ପରେ ଭଗତ ସିଂ ଗୁଳି କରିଥିଲେ ସ୍କଟ୍‌ଙ୍କ ଉପରକୁ । ଏ ତିନିଜଣ ଯେତେବେଳେ ଖସି ପଳାଇ ଆସିଲେ, ଇଂରେଜର ହେଡ୍ ପୁଲିସ୍ କନେଷ୍ଟବଳ ଚାନନ୍ ସିଂ ଗୋଡାଇଥିଲେ ଭଗତ ସିଂ କୁ ମାରିବା ପାଇଁ, କିନ୍ତୁ ଚନ୍ଦ୍ରଶେଖରଙ୍କ ଗୁଳିରେ ସେ ଟଳି ପଡ଼ିଥିଲେ । ଆଜାଦ୍ ତାଙ୍କ ଜାକେଟ ତଳେ ସଦାସର୍ବଦା ପିସ୍ତଲ ରଖୁଥିଲେ ।

ଆଜାଦ୍‌ଙ୍କୁ ଛାଡ଼ି ଭଗତ୍ ସିଂ ରାଜଗୁରୁ ଓ ସୁଖଦେବଙ୍କୁ ଇଂରେଜ ଫାଶୀ ଆଦେଶ ଦେଇଥିଲେ । ଫାଶୀ ପୂର୍ବରୁ ତାଙ୍କୁ ପଚରା ଯାଇଥିଲେ ଦେଶବାସୀଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି, ଭଗତ୍ ସିଂ କହିଥିଲେ ସାମ୍ରାଜ୍ୟବାଦ ଶେଷହେବ, 'ଇନ୍‌କିଲାବ ଜିନ୍ଦାବାଦ'। ଯେଉଁଦିନ ଫାଶୀ ପାଇଲେ ତା' ପୂର୍ବରୁ ସେମାନେ ଆନନ୍ଦରେ ସମସ୍ତେ ଏକତ୍ର ମିଳି ଗୀତ ଗାଇଥିଲେ– 'ମେରା ରଙ୍ଗଦେ ବାସନ୍ତି ଚୋଲା' ସେ ଦିନ ଥିଲା ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ରାତ୍ର ସମୟ ।

ଇଂରେଜମାନେ ଭୟରେ ଧାର୍ଯ୍ୟ ତାରିଖର ଦିନକ ଆଗରୁ ତାଙ୍କୁ ଫାଶୀ ଖୁଣ୍ଟରେ ଚଢ଼ାଇ ଦେଇଥିଲେ । ମହାତ୍ମା ଗାନ୍ଧି ଚାହିଁଥିଲେ ସେମାନେ କ୍ଷମା ପ୍ରାର୍ଥନା କଲେ ଇଂରେଜମାନେ ତାଙ୍କୁ ଛାଡ଼ିଦେବେ । କିନ୍ତୁ ଏହି ନିର୍ଭୀକ ଦେଶପ୍ରେମୀମାନେ ଇଂରେଜମାନଙ୍କ ଆଗରେ ମୁଣ୍ଡ ନୂଆଇ ନଥିଲେ । ତାଙ୍କ ମର ଶରୀରକୁ ସ୍ଥାନୀୟ ଲୋକମାନେ ଲାହୋରର ରାବୀ ନଦୀ କୂଳରେ ସଂସ୍କାର କରିଥିଲେ । ଚନ୍ଦ୍ରଶେଖର ଆଜାଦଙ୍କୁ ଇଂରେଜମାନେ ଗୁଳିକରି ହତ୍ୟା କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ସେ ଥିଲେ କ୍ରାନ୍ତିର ଜ୍ୱଳନ୍ତ ବହ୍ନି । ଏକ ମିଥ୍ୟା ଦେଶଦ୍ରୋହ ଅପରାଧରେ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା । ୧୫ ପ୍ରହାର ବେତ୍ରାଘାତ ଦଣ୍ଡ ତାଙ୍କୁ ମିଳିଥିଲା । ଜେଲ୍ ଭିତରେ ତାଙ୍କୁ ବହୁ ନିର୍ଯ୍ୟାତନା ଦିଆଯାଇଥିଲା । ଯାହାହେଉ ପରେ ସେ ଜେଲ୍‌ରୁ ମୁକ୍ତି ହେଲେ । ଏହି ମହାନ୍ କ୍ରାନ୍ତିକାରୀ ଆଜାଦ୍ (ସ୍ୱାଧୀନ) ଆହ୍ଲାବାଦର ଅଲ୍‌ଫ୍ରେଡ ପାର୍କରେ ଇଂରେଜ ପୁଲିସଙ୍କ ଦ୍ୱାରା ଧରାପଡ଼ି ଦଣ୍ଡିତ ହେବାପୂର୍ବରୁ ନିଜକୁ ନିଜେ ଗୁଳିକରି ଧରାଶାୟୀ ହୋଇ ଯାଇଥିଲେ । ୨୭.୨.୧୯୩୧ରେ ସେ ମରି ପଡ଼ିଥିବା ସମୟରେ ମଧ ଭୟରେ ଗୋରାପୁଲିସ୍ ତାଙ୍କ ପାଖକୁ ଡରିକରି ଯାଉ ନଥିଲେ । କାରଣ ଇଂରେଜଙ୍କୁ ଗୁଳିକରି ମାରିବାରେ ଚନ୍ଦ୍ରଶେଖର ଆଜାଦ ଥିଲେ ମାହିର ।

୧୯୩୮ ମସିହାର ଏକ ଘଟଣା । ଢେଙ୍କାନାଳ ଗାଁ ଭୁବନରେ ଜୋରସୋର ଚାଲିଥାଏ ପ୍ରଜାମଣ୍ଡଳ ଆନ୍ଦୋଳନ । ଏଠାରେ ଆଶ୍ରୟ ନେଇଥିଲେ ଅନେକ ଉତ୍କଳୀୟ ଦେଶପ୍ରେମୀ । ଇଂରେଜ ଫଉଜକୁ ଗୋଡାଉଥିଲେ ତଡିବା ପାଇଁ । କାରଣ ଅଳ୍ପ ସଂଖ୍ୟକ ଫଉଜ ଥିଲେ । ଆଗରେ ବ୍ରାହ୍ମଣୀଘାଟ ପଡ଼ିଲା । ୧୨ବର୍ଷର ଘାଟିଆ ବାଜି ରାଉତକୁ ଡାକିଲେ ଡଙ୍ଗାରେ ପାରି କରିବା ପାଇଁ । କିନ୍ତୁ ବାଜି ରାଉତ ଭୟ କଲା ନାହିଁ ଓ ଇଂରେଜକୁ ଡଙ୍ଗାରେ ପାରି କରିବା ପାଇଁ ମନା କଲା । ସେ ଥିଲା ମୁକ୍ତି ଆନ୍ଦୋଳନର ଦୀପଟିଏ । ଇଂରେଜ ଫଉଜ ତାକୁ ଗୁଳିକଲେ । ସେ ଡଙ୍ଗାରେ ଟଳିପଡ଼ିଲା ।

ସେ ଦିନ ଥିଲା ୧୯୩୮ ମସିହା ଅକ୍ଟୋବର ୧୦ ତାରିଖ । ଏହି ଜାଜ୍ୱଲ୍ୟମାନ ଦୀପଟି ଲିଭିଗଲା ସିନା ତା'ର ନାମଟି ସ୍ୱର୍ଣ୍ଣିମ ଅକ୍ଷରରେ– ଆମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଲା । ସେହିପରି ଲକ୍ଷ୍ମଣ ନାଏକ କୋରାପୁଟ ଜିଲ୍ଲାର ତେନ୍ତୁଲିଗୁମ୍ମା ଗ୍ରାମରେ ୧୮୯୯ ମସିହା ନଭେମ୍ବର ମାସ ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ ଓ ସମୟକ୍ରମେ ଗାନ୍ଧିଜୀଙ୍କ ଡାକରାରେ ୧୯୩୬ରେ ସେ କଂଗ୍ରେସରେ ଯୋଗଦେଲେ । ଇଂରେଜଙ୍କ ଅତ୍ୟାଚାର ବିରୋଧରେ ସେ ଲଢ଼ାଇ ଜାରି ରଖିଥିଲେ ।

୧୯୪୦ ମସିହା ଡିସେମ୍ବର ମାସରେ ସେ ରାମଗିରି ଫାଣ୍ଡି ଆଗରେ ତ୍ରିରଙ୍ଗା ପତାକା ଉଡ଼ାଇଥିଲେ । ୧୯୪୨ ଅଗଷ୍ଟ ୯ ତାରିଖରେ ସେ ଗାନ୍ଧିଜୀଙ୍କର 'କର ବା ମର' ଆହ୍ୱାନକୁ ଗାଁ ଗାଁରେ ସଭାକରି ଆହ୍ୱାନ ଦେଇଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୨ରେ ତାଙ୍କୁ ଇଂରେଜମାନେ ଏକ ମିଛ କେଶ୍‌ରେ ଗିରଫକରି ବ୍ରହ୍ମପୁର ଜେଲକୁ ପଠାଇଲେ । ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ସକାଳ ୫.୩୦ ରେ ତାଙ୍କୁ ଜେଲରେ ଫାଶୀ ଦିଆଗଲା । ମରିବା ପୂର୍ବରୁ ସେ କହିଥିଲେ– 'ଆକାଶରେ ସୂର୍ଯ୍ୟଚନ୍ଦ୍ର ଯଦି ସତ୍ୟ ତେବେ ମୋ ମାଆ ଭାରତ ନିଶ୍ଚୟ ସ୍ୱାଧୀନ ହେବ । ଏହା ମୁଁ ଦେଖିପାରିବି ନାହିଁ । କିନ୍ତୁ ଦେଶପାଇଁ ଅନେକ ଲୋକ ମୋ ଭଳି ପ୍ରାଣବଳି ଦେଇସାରିଲେଣି । ମୋର ଦୁଃଖ ନାହିଁ।'

**କ୍ରମଶଃ....**

**କୁହା, ଭୁବନେଶ୍ୱର-୨**

# ମହା ଶିବରାତ୍ରି : ଅଭିଶପ୍ତ ବ୍ରହ୍ମା ଓ କେତକୀ ପୁଷ୍ପ



**ଦିଲ୍ଲୀପ ଶତପଥୀ**

ଭକ୍ତି ଉପାସନା ଧାରାରେ ସମଗ୍ର ବିଶ୍ୱରେ ଭାରତବର୍ଷର ସ୍ଥାନ ଅନନ୍ୟ । ଏହି ପୁଣ୍ୟଭୂମିରେ ପ୍ରତ୍ୟେକ ପର୍ବପର୍ବାଣୀ ପଛରେ କିଛି ନା କିଛି ପୌରାଣିକ ପ୍ରସଙ୍ଗ ରହିଥାଏ । ଦେବାଧିଦେବ ମହାଦେବଙ୍କ ଅତି ପ୍ରିୟ ମହାନ ଶିବରାତ୍ରି ସମ୍ପର୍କିତ ପୁରାଣ ପ୍ରସଙ୍ଗ ଏଠି ଆଲୋଚନାର ବିଷୟ । ଏକଦା ବିଶ୍ୱ ନିର୍ମାତା ସୃଷ୍ଟି କର୍ତ୍ତା ବ୍ରହ୍ମା ଏବଂ ପାଳନ କର୍ତ୍ତା ଭଗବାନ ବିଷ୍ଣୁଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ କିଏ ଜାଣିବା ନିମନ୍ତେ ଆରମ୍ଭ ହୋଇଥିବା ପ୍ରୟାସ କ୍ରମଶଃ ସ୍ୱାର୍ଥକୈନ୍ଦ୍ରିକ ହୋଇ ଭୟଙ୍କର ରୂପ ଧାରଣ କରିଥିଲା । ସ୍ୱୟଂ ମହାଦେବ ଏହାର ସମାଧାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ ଏବଂ ତତ୍‌କ୍ଷଣାତ ଏକ ସର୍ବବୃହତ ଦିବ୍ୟ ଜ୍ୟୋର୍ତିଲିଙ୍ଗ ରୂପେ ପ୍ରତ୍ୟକ୍ଷ ହୋଇଥିଲେ । ଏହି ଜ୍ୟୋର୍ତିଲିଙ୍ଗର ଆଦି ଅନ୍ତ ଏବଂ ସ୍ୱରୂପ ନିରୂପଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଦୁଇ ଦେବଙ୍କୁ ଅନୁଗ୍ରହ କରିଥିଲେ ।

ପ୍ରଥମେ ବ୍ରହ୍ମା ଏକ ହଂସ ରୂପ ଧାରଣ କରି ମହାଲିଙ୍ଗର ଅଗ୍ର ଭାଗ ଦର୍ଶନ ନିମନ୍ତେ ମହାକାଶକୁ ଉଡି ଉଡି ଚାଲିଲେ । କିନ୍ତୁ ଅଗ୍ରଭାଗ ତ ଦୂରର କଥା ଆନୁମାନିକ ରାସ୍ତା ମଧ ଅତିକ୍ରମ କରି ପାରିଲେ ନାହିଁ । ଏହି ସମୟରେ ବ୍ରହ୍ମା ଦେଖିଲେ ଏକ ବାସହୀନ ଶୁଷ୍କ ଝରା କେତକୀ ପୁଷ୍ପ ଆକାଶରୁ ତଳକୁ ଖସୁଛି । ବ୍ରହ୍ମା ତାକୁ ନିଜ ପକ୍ଷରେ ସ୍ଥାନ ଦେଲେ ଏବଂ ନିଜର ପରିଚୟ ଦେଇ ପଚାରିଲେ 'ହେ ପୁଷ୍ପ ତୁମେ କେଉଁ ଠାରୁ ପତିତ ହେଲ, ନିକଟରେ କୌଣସି ବୃକ୍ଷର ସ୍ଥିତି ଅସମ୍ଭବ' । ଏହା ଶୁଣି କେତକୀ ମହାଲିଙ୍ଗଙ୍କ ମସ୍ତକରୁ ଖସି ଆସିଥିବା କଥା କହିଥିଲେ । ଲିଙ୍ଗର ଶୀର୍ଷ ସ୍ଥାନର ମାର୍ଗ ଏବଂ ଦୂରତ୍ୱ ଜିଜ୍ଞାସା କରନ୍ତେ, ପୁଷ୍ପ ଉତ୍ତର ଦେଲେ 'ମୁଁ କେବେ ଠାରୁ ଲିଙ୍ଗ ତ୍ୟାଗ କରି ଆକାଶ ମାର୍ଗରେ ଖସୁଛି କହି ପାରିବି ନାହିଁ' । ଦୂରତ୍ୱ ଆକଳନ କରିବା ମୋ ଜ୍ଞାନ ବାହାରେ । ସେଇଠୁ ବ୍ରହ୍ମା ଜ୍ୟୋର୍ତିଲିଙ୍ଗ ଶୀର୍ଷକୁ ବୃଥା ଯାତ୍ରା ତ୍ୟାଗ କରି ଫେରିବା ନିଷ୍ପତ୍ତି ନେଲେ ଏବଂ କେତକୀକୁ ବ୍ରହ୍ମା ଲିଙ୍ଗର ମସ୍ତକରୁ ଆଣିଥିବା କଥା, ସର୍ବ ସମ୍ମୁଖରେ ପ୍ରକାଶ କରିବା ପାଇଁ ବାଧ କରିଥିଲେ । କେତକୀ ମଧ୍ୟ ବ୍ରହ୍ମାଙ୍କ ପ୍ରତି ଭକ୍ତି ଅଥବା ଭୟର କାରଣରୁ ମିଛ କହିବାର ପ୍ରତିଶ୍ରୁତି ଦେଇଥିଲେ ।

ଅନ୍ୟ ପକ୍ଷରେ ବିଷ୍ଣୁ ବରାହ ରୂପ ଧାରଣ କରି, ଲିଙ୍ଗର ଉତ୍ପତ୍ତି ସ୍ଥାନ ନିରୂପଣ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ବିଷ୍ଣୁ ଅତଳ ସାଗରର ଯେତେ ଯେତେ ଗଭୀରକୁ ଗଲେ ଜ୍ୟୋର୍ତିଲିଙ୍ଗ ସେତିକି ସେତିକି ପୋତି ହୋଇ ଯାଉଥିଲା । ବିଷ୍ଣୁ ମହାଲିଙ୍ଗର ଉତ୍ପତ୍ତି ସ୍ଥାନ ଦର୍ଶନ କରି ନପାରିଥିବା ସ୍ୱୀକାର କରିଥିବାବେଳେ, ବ୍ରହ୍ମା ଗର୍ବରେ ସହିତ ମହାଲିଙ୍ଗ ଅଗ୍ରଭାଗ ଦର୍ଶନ କରି, ସାକ୍ଷୀ ରୂପେ ଏହି କେତକୀ ପୁଷ୍ପକୁ ଆଣିଥିବା ବର୍ଣ୍ଣନା କରିଥିଲେ । ବ୍ରହ୍ମାଙ୍କ ଅନୁରୋଧ ଏବଂ ଚାପରେ ପଡି କେତକୀ ଫୁଲ ଅସତ୍ୟ ପ୍ରକାଶ କରି ଥିଲା । ବ୍ରହ୍ମା ଏବଂ କେତକୀ ଫୁଲର ମିଥ୍ୟା ଆଶ୍ରୟ ପୂର୍ବକ ଶଠତା ସହ୍ୟ କରି ନପାରି ମହାଦେବ ମହାଲିଙ୍ଗରୁ ଉଗ୍ର ରୂପ ଧାରଣ କରି ବ୍ରହ୍ମା ମିଥ୍ୟାବାଦୀ ଏବଂ କେତକୀ ତାଙ୍କର ସହାୟତା କରି ଭୁଲ କରିଛି ବୋଲି ଚିତ୍କାର କରି, କେତକୀ ଆଜିଠାରୁ ମୋ ନିକଟରେ ରହିବାର ଯୋଗ୍ୟତା ହରାଇଛି । ଶିବଙ୍କ ପୂଜା ଅର୍ଚ୍ଚନାରେ କେତକୀ ଫୁଲକୁ ବର୍ଜନ କରିବା ପାଇଁ ଭକ୍ତଗଣଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ରହ୍ମାଙ୍କର ଯେଉଁ ମସ୍ତକ ମିଥ୍ୟାର ଆଶ୍ରୟ ନେଇ ମହାଦେବଙ୍କ ସମ୍ମୁଖରେ ମିଛ କହିଥିଲା, ସେହି ପଞ୍ଚମ ମସ୍ତକକୁ ମହାଦେବଙ୍କ ଆଦେଶରେ କାଳ ଭୈରବ ବ୍ରହ୍ମାଙ୍କ ବେକରୁ ଛେଦନ କରିଥିଲେ ଏବଂ ସମଗ୍ର ବ୍ରହ୍ମାଣ୍ଡରେ ବ୍ରହ୍ମାଙ୍କୁ ଅପୂଜ୍ୟ କରି ଦେଇଥିଲେ । ସତ୍ୟବାଦୀ ରୂପେ ବିଷ୍ଣୁଙ୍କ ପ୍ରତି ପ୍ରସନ୍ନ ହୋଇ ଭୂପୃଷ୍ଠରେ ଏବଂ ବୈକୁଣ୍ଠରେ ସମୁଚିତ ସ୍ଥାନ ପ୍ରଦାନ କରିବା ସହିତ ଅଭିନ୍ନ ପୂଜା ଉପଭୋଗ କରି ପାରିବେ ବୋଲି ଆର୍ଶୀବଚନ ଦେଇଥିଲେ । ମହାଦେବଙ୍କ ମହାକ୍ରୋଧରୁ ଉଦ୍ଧାର ନିମନ୍ତେ ବ୍ରହ୍ମା, ବିଷ୍ଣୁ ଅନେକ ଆରାଧନା କରି ଲିଙ୍ଗରାଜଙ୍କୁ ସନ୍ତୁଷ୍ଟି ପୂର୍ବକ ସର୍ବ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଥିଲେ ।

ଶିବ କ୍ରୋଧ ଏବଂ ଅଭିଶାପରେ ବ୍ୟଥିତ ହୋଇ କେତକୀ ଶିବଙ୍କୁ ଅନୁରୋଧ କଲା, ହେ ପ୍ରଭୁ ! ଯୁଗ ଯୁଗ ଧରି ମୋର ସୁଗନ୍ଧରେ କୌଣସି ଊଣା ନକରି ନିଃସ୍ୱାର୍ଥପର ଭାବେ ଆପଣଙ୍କ ମସ୍ତକ ମଣ୍ଡନ କରିଛି, ଯଦି କୌଣସି ପୁଣ୍ୟ ଥାଏ ମୋତେ ଏହି ଗୋଟିଏ ଭୁଲ ପାଇଁ କ୍ଷମା ପ୍ରଦାନ କରନ୍ତୁ । ମୋତେ ଆପଣଙ୍କ ସେବାରୁ ବଞ୍ଚିତ କରନ୍ତୁ ନାହିଁ । ଶଙ୍କର କେତକୀ ଫୁଲକୁ କହିଲେ,ମୋର ଅଭିଶାପ ନିଷ୍ଫଳ ଯିବ ନାହିଁ, କିନ୍ତୁ ତୋ'ର ପ୍ରାର୍ଥନା ଅନୁଯାୟୀ ସ୍ୱୀକାର କରୁଛି, ଶିବରାତ୍ରି ଗୋଟିଏ ଦିନ ତୁ ମୋର ଶିର ମଣ୍ଡନ କରିବୁ । ତୁ ସତୀ ପୁଷ୍ପ ରୂପେ ଖ୍ୟାତ ହେବୁ । ଭ୍ରମର ଅଥବା କୌଣସି କୀଟ ତୋତେ ସ୍ପର୍ଶ କରି ପାରିବେ ନାହିଁ । ସେଥିପାଇଁ ଶିବରାତ୍ରି ଦିନ ପ୍ରଭୁ ଶିବଙ୍କ ପୂଜାରେ କେତକୀ ଫୁଲର ବହୁ ଚାହିଦା ରହିଥାଏ । ଏଣେ ଅଭିଶାପରୁ ମୁକ୍ତ ହେବା ପାଇଁ ବେଦପତି ବ୍ରହ୍ମା ଶିବଙ୍କ ପାଖରେ ଆକୁଳ ପ୍ରାର୍ଥନା କରିବାରୁ ଶିବ ତାଙ୍କୁ କହିଲେ ପବିତ୍ର ବୈତରଣୀ ନଦୀ କୂଳରେ ଏକ ଯଜ୍ଞ କରି ଯଜ୍ଞପୁରୁଷ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରି ପାରିଲେ ତୁମେ ଏ ଅଭିଶାପରୁ ମୁକ୍ତି ପାଇବ । ବ୍ରହ୍ମା,ବିରଜା କ୍ଷେତ୍ରକୁ ଯଜ୍ଞ ସ୍ଥାନ ରୂପେ ନିରୂପଣ କରି ପୁଣ୍ୟତୋୟା ବୈତରଣୀ ନଦୀଙ୍କୁ ଏହି କ୍ଷେତ୍ରରେ ପ୍ରବାହିତ ହେବା ପାଇଁ ଅନୁରୋଧ କଲେ । ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟା ବୈତରଣୀ ସ୍ୱର୍ଗ ରାଜ୍ୟରୁ ଗୋନାସିକା ପର୍ବତରେ ଧରା ଅବତରଣ କରି ବ୍ରହ୍ମାଙ୍କ ପଛେ ପଛେ କୁଳୁକୁଳୁ ନାଦରେ ବହି ଆସିଲେ । ପୁଣ୍ୟତୋୟା ବୈତରଣୀଙ୍କ ପ୍ରବାହିତ ହେବାପରେ ବ୍ରହ୍ମା ତାଙ୍କ ତଟ ଦଶାଶ୍ୱମେଧ ଘାଟ ଠାରେ ଏକ ଭବ୍ୟ ଯଜ୍ଞ କରି ଶାପ ମୁକ୍ତ ହେଲେ । ଏହି ବ୍ରହ୍ମ ଯଜ୍ଞରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ, ବରାହ ରୂପରେ ଆର୍ବିଭୁତ ହେଲେ । ଯାଜପୁରର କ୍ଷେତ୍ରେଶ୍ୱରୀ ମାଆ ବିରଜା ମଧ ଏହି ବ୍ରହ୍ମା ଯଜ୍ଞ ସମ୍ଭୁତା । ଯାଜପୁରଠାରେ ଏବେ ବିରାଜିତ ସେହି ଯଜ୍ଞ ବରାହ, ବରାହନାଥ ଓ ମାଆ ବିରଜା ।

ପୂଣ୍ୟଭୂମି ଉତ୍କଳ, ଓଡ଼ିଆଙ୍କ ଆରାଧ ଦେବତା ମହାପ୍ରଭୁ ଜଗନ୍ନାଥ, ନୀଳାଦ୍ରି ବିହାରୀ, କୋଟି ଓଡ଼ିଆଙ୍କ ମଉଡମଣୀ । ତଥାପି ଏଠାରେ ଶୈବ ଭକ୍ତ ଏବଂ ଉପାସକ କିଛି କମ ନାହାନ୍ତି । ମହାପ୍ରଭୁ ଶ୍ରୀଲୋକନାଥ, ଦେବାଧିଦେବ ଲିଙ୍ଗରାଜ, ଆରଡ଼ିଧାମର ପ୍ରଭୁ ଆଖଣ୍ଡଳମଣି, କପିଳାସର ପ୍ରଭୁ ଚନ୍ଦ୍ରଶେଖର, ବେଲେଶ୍ୱର,ଦେବ ଧବଳେଶ୍ୱର, ହରିଶଙ୍କର ପରି ବହୁତ ଶୈବ ପୀଠରେ ଲକ୍ଷାଧିକ କାଉଡିଆ ଶ୍ରାବଣ ମାସ ସାରା ଅନାହାର ଭକ୍ତିପୂତ ଭାବେ ପାଣି ଚଢେଇବାକୁ ଅନେକ କଷ୍ଟ ସ୍ୱୀକାର କରି ଦୂରଦୂରାନ୍ତରୁ ଖାଲି ପାଦରେ ଚାଲି ଚାଲି ଆସନ୍ତି । ମହା ଶିବରାତ୍ରି ଦିନ ଏବଂ ରାତିରେ ଛୋଟ ବଡ଼ ସମସ୍ତ ଶିବ ମନ୍ଦିରରେ ଠିଆ ହେବାକୁ ଜାଗା ନଥାଏ । ସନ୍ଧ୍ୟାରୁ ମହାଦୀପ ଉଠିଲା ପର୍ଯ୍ୟନ୍ତ ପ୍ରତି ଶିବାଳୟର ପ୍ରାଙ୍ଗଣରେ ଜଳି ଉଠେ ଛୋଟ ବଡ଼ ଦୀପ । ଦୀପାବଳିର ଭ୍ରମ ସୃଷ୍ଟି ହୁଏ । ଅବର୍ଣ୍ଣନୀୟ ସେ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପରିବେଶ, ଭକ୍ତ ଗଣଙ୍କ କଣ୍ଠରୁ ଭାସି ଆସୁଥିବା ଶିବ ପଞ୍ଚାକ୍ଷରୀ ମନ୍ତ୍ର ଭୁଲାଇଦିଏ ସବୁ ଦୁଃଖ ଯାତନା । ଭିତରେ ଶୁଦ୍ଧପୁତ୍ତ ଭାବ ଏବଂ ମହା ମୃତ୍ୟୁଞ୍ଜୟ ମନ୍ତ୍ର କାନରେ ପଡିଲେ ଭକ୍ତ ଭୁଲିଯାଏ, ଉପବାସ ଜନିତ କ୍ଳାନ୍ତି, ନିଜକୁ ସମର୍ପଣ କରିଦିଏ ଦେବ ଦେବ ମହାଦେବଙ୍କ ଚରଣରେ ଝଏହାହିଁ ତ ହେଉଛି ମହାଦେବ ଙ୍କ ପ୍ରତି ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ଶ୍ରଦ୍ଧା, ପ୍ରେମ ଓ ନିଷ୍ପାପର ଭକ୍ତିର ସମର୍ପଣ ଭାବ । ଶିବ ପଞ୍ଚାକ୍ଷରୀ ଜପ କରି ପଞ୍ଚଭୁତରେ ଲୀନ ହେବାର ପ୍ରୟାସ... ।

**ଶିବ କ୍ରୋଧ ଏବଂ ଅଭିଶାପରେ ବ୍ୟଥିତ ହୋଇ କେତକୀ ଶିବଙ୍କୁ ଅନୁରୋଧ କଲା, ହେ ପ୍ରଭୁ ! ଯୁଗ ଯୁଗ ଧରି ମୋର ସୁଗନ୍ଧରେ କୌଣସି ଊଣା ନକରି ନିଃସ୍ୱାର୍ଥପର ଭାବେ ଆପଣଙ୍କ ମସ୍ତକ ମଣ୍ଡନ କରିଛି, ଯଦି କୌଣସି ପୁଣ୍ୟ ଥାଏ ମୋତେ ଏହି ଗୋଟିଏ ଭୁଲ ପାଇଁ କ୍ଷମା ପ୍ରଦାନ କରନ୍ତୁ । ମୋତେ ଆପଣଙ୍କ ସେବାରୁ ବଞ୍ଚିତ କରନ୍ତୁ ନାହିଁ । ଶଙ୍କର କେତକୀ ଫୁଲକୁ କହିଲେ,ମୋର ଅଭିଶାପ ନିଷ୍ଫଳ ଯିବ ନାହିଁ, କିନ୍ତୁ ତୋ'ର ପ୍ରାର୍ଥନା ଅନୁଯାୟୀ ସ୍ୱୀକାର କରୁଛି, ଶିବରାତ୍ରି ଗୋଟିଏ ଦିନ ତୁ ମୋର ଶିର ମଣ୍ଡନ କରିବୁ । ତୁ ସତୀ ପୁଷ୍ପ ରୂପେ ଖ୍ୟାତ ହେବୁ । ଭ୍ରମର ଅଥବା କୌଣସି କୀଟ ତୋତେ ସ୍ପର୍ଶ କରି ପାରିବେ ନାହିଁ । ସେଥିପାଇଁ ଶିବରାତ୍ରି ଦିନ ପ୍ରଭୁ ଶିବଙ୍କ ପୂଜାରେ କେତକୀ ଫୁଲର ବହୁ ଚାହିଦା ରହିଥାଏ ।**

**(ତଥ୍ୟ:ଶିବ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଏବଂ ମହା ବିଷ୍ଣୁ ପୁରାଣ )**

**ମାତୃ ପିତୃ କୃପା ୫୦୮, ନୂଆସାହି, ନୂଆପଲ୍ଲୀ, ଭୁବନେଶ୍ୱର -୭୫୧୦୧୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତାରିକ...

ତେବେ ଆମ୍ପୋଷିତ ଜେନ୍.ଜେଡ୍.ବୈପ୍ଳବିକ ଦଳକୁ ଆଶାନୁରୂପ ଆସନ ମିଳିନାହିଁ। ୩୦୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ସେମାନେ ମାତ୍ର ୫ଟି ଆସନ ଜିତିଛନ୍ତି। ନିର୍ବାଚନରେ ଆବାମୀ ଲିଗ୍‌ର ଅନୁପସ୍ଥିତ ଦେଖିବାକୁ ମିଳିଛି। ସିଧାସଳଖ ଭାବେ ବିଏନ୍‌ପି ବିଜୟଲାଭ କରିଛି। ସେଠାରେ ସରକାର ଗଠନ ପାଇଁ ୧୫୧ ଆସନର ଆବଶ୍ୟକତା ରହିଛି। ତେବେ ଏହାଠାରୁ ଯଥେଷ୍ଟ ଅଧିକ ଆସନରେ ବିଏନ୍‌ପି ମେଣ୍ଟ ଜିତିଛି। ୩୦୦ ଆସନ ମଧ୍ୟରୁ ୧୨ ଫେବୃଆରୀରେ ୨୯୯ ଆସନରେ ଭୋଟ୍ ହୋଇଥିଲା। ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ନିର୍ବାଚନ ସ୍ଥଗିତ ରହିଥିଲା। ବାଂଲାଦେଶ ନିର୍ବାଚନ କମିଶନର ତଥ୍ୟ ଅନୁଯାୟୀ ଦେଶରେ ୬୦.୬୯% ଭୋଟିଂ ହୋଇଥିଲା। ଅଧିକାଂଶ ସ୍ଥାନରେ ଭୋଟ୍ ଶାନ୍ତିପୂର୍ଣ୍ଣ ହୋଇଥିଲା।

ବିଏନ୍‌ପିକୁ ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରହମାନଙ୍କ ସହ କଥା ହୋଇଛନ୍ତି। ଟେଲିଫୋନ୍ ଯୋଗେ କଥା ହୋଇ ପ୍ରଧାନମନ୍ତ୍ରୀ ତାଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ ଉଭୟ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ବିଷୟ କଥା କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ବାଂଲାଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ସେ ଆଶାବାଦୀ ଅଛନ୍ତି। ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରହମାନଙ୍କ ସହ କଥା ହୋଇ ଖୁସି ଲାଗିଲା। ବାଂଲାଦେଶର ଲୋକଙ୍କ ଆଶା ପୂରଣ କରିବା ପାଇଁ ତାଙ୍କ ପ୍ରୟାସରେ ମୁଁ ତାଙ୍କୁ ମୋର ଶୁଭେଚ୍ଛା ଓ ସମର୍ଥନ ଜଣାଇଛି। ଦୁଇଟି ନିକଟତର ପଡୋଶୀ ଭାବରେ ଉଭୟ ଦେଶର ଲୋକଙ୍କ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଭାରତର ନିରନ୍ତର ପ୍ରତିବଦ୍ଧତାକୁ ପକ୍କା କରୁଛି।

## କଂଗ୍ରେସ...

ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୧୯୮୮-୯୪ ମସିହା ଯାଏଁ ରାଜ୍ୟସଭା ସାଂସଦ ଥିଲେ ଓ ପିଭି ନରସିଂହ ରାଓଙ୍କ ସରକାରରେ ରେଳ ଏବଂ କୃଷି ରାଷ୍ଟ୍ରମନ୍ତ୍ରୀ ଥିଲେ। ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାର ଓ ଗିରିଧର ଗମାଙ୍ଗଙ୍କ ସରକାରରେ ମଧ୍ୟ କାହ୍ନୁ ଚରଣ ଲେଙ୍କା ଥିଲେ କ୍ୟାବିନେଟ ମନ୍ତ୍ରୀ। ଓଡ଼ିଶାରେ କଂଗ୍ରେସ ସରକାରରେ, ରାଜସ୍ୱ, ପରିବହନ, ବିଦ୍ୟୁତ ବିଭାଗର ଦାୟିତ୍ୱ ବହନ କରିଥିଲେ। ରାଜନୀତିରେ ତାଙ୍କ ଅବଦାନ ଅତୁଳନୀୟ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରରେ ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳ ଓଡ଼ିଶାବାସୀଙ୍କ ପାଇଁ ସ୍ମରଣୀୟ ରହିବ।

ସ୍ୱର୍ଗତ ଲେଙ୍କାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଟ୍ୱିଟ କରି ଲେଖିଛନ୍ତି, ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଟ୍ୱିଟ କରି ଲେଖିଛନ୍ତି ଯେ ବିଶିଷ୍ଟ ରାଜନେତା, ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିସହିତ ସ୍ୱର୍ଗତ ଲେଙ୍କାଙ୍କ ବିୟୋଗରେ ସମ୍ବାଦର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଓ ବିଶିଷ୍ଟ ସମାଜସେବୀ ବିବେକାନନ୍ଦ ପାଣିଗ୍ରାହୀ ଶୋକ ପ୍ରକାଶ କରିଛନ୍ତି।

## ପୁଣି...

ଯେ ସରକାର ତାଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି। କିନ୍ତୁ ସେ ଚାଷୀଙ୍କ ପଛରେ ଦୃଢ଼ ପଛରେ ଠିଆ ହେବେ। ପ୍ରଧାନମନ୍ତ୍ରୀଙ୍କୁ କୃଷକ ବିରୋଧୀ ବୋଲି କହିବା ସହ ଭାରତ ଓ ଆମେରିକା ବାଣିଜ୍ୟିକ ଚୁକ୍ତିରେ ଦେଶକୁ ବିକ୍ରି କରାଯାଇଛି ବୋଲି ଅଭିଯୋଗ କରିଥିଲେ।

## ୪ ବର୍ଷରେ...

ଆଜି ରାଜ୍ୟର ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର, ଏବଂ ବ୍ରହ୍ମପୁରଠାରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ହୋଇଛି। ୫ଟି ଜିଲ୍ଲାରୁ ପ୍ରାୟ ୫୦୦ ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏସ୍କର୍ଟ ଅଫିସରଙ୍କ ସହିତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାର ଲକ୍ଷ୍ୟ ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବରିଷ୍ଠ ନାଗରିକ ଓ ୭୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବିଧବା ମା' ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି। ଯୋଜନାର ହିତାଧିକାରୀମାନଙ୍କୁ ଏସି ବସରେ ଯାତାୟତ ସହ ପୁରୀ ବୃନ୍ଦାବତୀ ନିବାସରେ ରହଣି ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

ଏଥି ସହିତ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଆକାଂକ୍ଷିତ ମେଡିକାଲ କଲେଜର ମଧ୍ୟ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ନବରଙ୍ଗପୁରର ପାତାଲଗୁଡାଠାରେ ୫୦ ଏକରରୁ ଊର୍ଦ୍ଧ୍ୱ ଜାଗା ଉପରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଏମ୍.ବି.ବି.ଏସ୍ ସିଟ ଓ ୪୨୦ଟି ଶଯ୍ୟା ରହିବ। ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପରେ ଜିଲ୍ଲାବାସୀ ଉନ୍ନତ ମାନର ଚିକିତ୍ସା ସୁବିଧା ପାଇଁ ଆଉ ଜିଲ୍ଲା ବାହରକୁ ଯିବେ ନାହିଁ, ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଜିଲ୍ଲା ଭିତରେ ହିଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି। ଏଥି ସହିତ ଆଉ ୪ଟି ମେଡିକାଲ କଲେଜ ଆମର ପ୍ରତିଶ୍ରୁତି ଥିଲା। ଆଜି ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଗଲା। ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ରାଜ୍ୟବାସୀଙ୍କୁ ଗୁଣାତ୍ମକମାନର ସ୍ୱାସ୍ଥ୍ୟସେବା ଓ ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ପାଇଁ ୪୪୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୬୮ କୋଟି ଟଙ୍କା ମୂଲ୍ୟର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୩୭୮ କୋଟି ଟଙ୍କା ମୂଲ୍ୟର ୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡକ, ସେତୁ, ହଷ୍ଟେଲ, ବନ ସୁରକ୍ଷା ସମିତି, ଅଙ୍ଗନବାଡି କେନ୍ଦ୍ର ଆଦି ଏହି ସବୁ ପ୍ରକଳ୍ପ ଗୁଡିକ ନବରଙ୍ଗପୁରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତା କ୍ଷେତ୍ରରେ ଜିଲ୍ଲା ଯେପରି ଶୀର୍ଷ ସ୍ଥାନରେ ପହଞ୍ଚିବ, ସେ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ ପଦକ୍ଷେପ ନେଉଛନ୍ତି। ନବରଙ୍ଗପୁର ରାଜ୍ୟ ରାଜଧାନୀ ଠାରୁ ବହୁ ଦୂରରେ ଥିଲେ ମଧ୍ୟ ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ଓ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଜୀବନରେ ସମସ୍ତଙ୍କ ଲକ୍ଷ୍ୟ ଥାଏ ଥରଟିଏ ଶ୍ରୀମନ୍ଦିର ଯାଇ ବାଇଶି ପାହାଚ ଚଢିବା ପାଇଁ। ସାଧାରଣ ଲୋକର ମନର ଭାବନାକୁ ରୂପାନ୍ତରିତ କରି ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥା କରିଛୁ। ଏହି ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଯୋଜନା। ଜିଲ୍ଲାବାସୀଙ୍କ ପାଇଁ ମେଡିକାଲ କଲେଜ ଲାଇଫ୍ ଲାଇନ୍ ହେବ ବୋଲି ସେ କହିଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ତିନି ଦଶନ୍ଧି ତଳେ ଓଡିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଆଜି ଡବଲ ଇଞ୍ଜିନ ସରକାରରେ ମାତ୍ର ୧୮ ମାସ ମଧ୍ୟରେ ସବୁ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ମେଡିକାଲ କଲେଜ ଖୋଲିବା ପାଇଁ ଆମେ ପଦକ୍ଷେପ ନେଇଛୁ। ୨୦୨୪-୨୫ ରେ ରାଜ୍ୟରେ ୯ଟି ସରକାରୀ ମେଡିକାଲ କଲେଜ ଖୋଲିବା ପାଇଁ ସ୍ଥିରୀକୃତ ହୋଇଛି। ଆମର ଲକ୍ଷ୍ୟ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇଦେବା ସହ ରାଜ୍ୟରୁ ଡାକ୍ତର ଅଭାବ ଦୂର କରିବା।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଖୁବ୍ ଅଳ୍ପଦିନ ମଧ୍ୟରେ ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଯେଉଁ କାମ ଦୀର୍ଘ ବର୍ଷ ଧରି ହୋଇପାରୁ ନଥିଲା, ମାତ୍ର ୧୮ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ତାହା କରି ଦେଖାଇଦେଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କେବଳ ସ୍ୱାସ୍ଥ୍ୟସେବା ନୁହେଁ, ଶିକ୍ଷା, ଗମନାଗମନ ଓ କୃଷି ଆଦି ସବୁ କ୍ଷେତ୍ରରେ ବିକାଶ ହେଉଛି।

ଏହି ଅବସରରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଜିଲ୍ଲାବାସୀଙ୍କୁ କଥା ଦେଇ କଥା ରଖିଥିବାରୁ ଏବଂ ଜିଲ୍ଲାବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, କୋଟପାଡ ବିଧାୟକ ରୁପୁ ଭତ୍ରା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ନବରଙ୍ଗପୁର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମ୍ବଲପୁରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ଛତ୍ରପୁରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୁକ୍ତ...

ମନୋମାଳିନ୍ୟ ଘଟିବାରୁ ୨୦୨୩ ଫେବୃଆରୀ ୨୦ ତାରିଖ ସନ୍ଧ୍ୟାରେ ଚନ୍ଦନ ବନିତା ଘରକୁ ଯାଇ ବନିତାକୁ ଏସିଡ ମାଡ଼ କରିଥିଲା। ଏସିଡ ଆକ୍ରମଣରେ ବନିତା ସମେତ ୪ ଜଣ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ବନିତା ଓ ଆହତ ପିଲାମାନଙ୍କୁ ଡ଼ାକ୍ତରଖାନା ନିଆଯାଇଥିଲା। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ବନିତାର ମୃତ୍ୟୁ ହୋଇଥିଲା। ଘଟଣା ଘଟାଇବା ପରେ ଅଭିଯୁକ୍ତ ଚନ୍ଦନ ରଣା କୋଲକାତା ଚାଲିଯାଇଥିଲା ଏହି ମାମଲା ବାଲେଶ୍ୱର ସ୍ୱତନ୍ତ୍ର ଏସ.ସି.ଏସ.ଟି .ସ୍ୱତନ୍ତ୍ର ଅଦାଲତରେ ବିଚାରଧୀନ ଥିଲା। ଏହି ମାମଲାରେ ସହଦେବଖୁଣ୍ଟା ପୋଲିସ ଚନ୍ଦନ ସହ ଅନ୍ୟ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୪ ଫେବୃଆରୀରେ ସ୍ପେଶାଲ ଜଜ୍ ଡ଼.ଅବଦୁଲ ସମିମ୍ ଅଖତର ମାମଲାର ଶୁଣାଣି କରି ଅଭିଯୁକ୍ତ ଚନ୍ଦନ ରଣାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅନ୍ୟ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଆଜି ଅପରାହ୍ନରେ ମାନ୍ୟବର ବିଚାରପତି ଡ଼. ଅବଦୁଲ ସମିମ ଅଖତର ଅଭିଯୁକ୍ତ ଚନ୍ଦନଙ୍କୁ ମୃତ୍ୟୁଦଣ୍ଡ ରାୟ ଶୁଣାଇଥିଲେ। ମାମଲାରେ ୩୪ ଜଣଙ୍କ ସାକ୍ଷ୍ୟ, ୧୧୦ ଦସ୍ତାବିଜକୁ ଆଧାର କରି ମାନନୀୟ ବିଚାରପତି ଧାରା ୩୦୨, ୩୨୬(କ), ୪୧୭ ରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା ରାୟ ପ୍ରକାଶ କରିଥିଲେ। ମାମଲାର ଶୁଣାଣି ସମୟରେ ଅଦାଲତ ବାହାରେ ପ୍ରବଳ ଗହଳି ରହିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ପୂର୍ବରୁ ଏହି ମାମଲାକୁ ପୂର୍ବତନ ସ୍ୱତନ୍ତ୍ର ପି. ପି ସୁଲଳିତ କର ସରକାରଙ୍କ ପକ୍ଷରୁ ମୋକଦ୍ଦମା ପରିଚାଳନା କରିଥିଲେ। ଅଭିଯୁକ୍ତ ଚନ୍ଦନର ଘର ନୀଳଗିରି ବ୍ଲକ୍ ଅଧିନ କାଣ୍ଡଗରଡି ଅଞ୍ଚଳରେ। ଗୁରୁତ୍ୱପୂର୍ଣ୍ଣ ମାମଲାରେ ପୋଲିସ ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଅଭିଯୁକ୍ତକୁ ଗିରଫ କରିବାରେ ପ୍ରମୁଖ ଭୂମିକା ରହିଥିଲା। ମୃତ୍ୟୁଦଣ୍ଡ ପରେ ମୃତା ବନିତାର ବାପା କାର୍ତ୍ତିକ ସିଂ, ବଡ ଭଉଣୀ ବର୍ଷା ସିଂ ଅଦାଲତର ରାୟକୁ ସ୍ୱାଗତ କରିଛନ୍ତି। ଆଜି ଅପରାହ୍ନ ଚାରିଟା ଦଶ ମିନିଟରେ ରାୟ ପ୍ରକାଶ ପୂର୍ବରୁ ଅଦାଲତ ବାହାରେ ପ୍ରବଳ ଜନ ସମାଗମ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା।

## ରାୟଗଡା...

ଜିଲ୍ଲାରୁ ଟପ କ୍ୟାଡର ଯାହାଙ୍କ ନାମରେ ୫୫ଲକ୍ଷ ଲେଖାଏଁ ପୁରସ୍କାର ରହିଥିଲା। ଆତ୍ମସମର୍ପଣ ପରେ ହିଂସାର ରାସ୍ତା ଛାଡିବାକୁ ଆହ୍ୱାନ ଦେଉଥିବା ବେଳେ ଏଭଳି ବ୍ୟାନର ପୁଣି କାହିଁକି ବୋଲି ଲୋକେ ଭୟଭୀତ ହୋଇ ରହିଛନ୍ତି। ଏନେଇ ଅତିରିକ୍ତ ଏସପି ଅମୂଲ୍ୟ କୁମାର ଧର କହିଛନ୍ତି ଏହା ମାଓବାଦୀଙ୍କ କାର୍ଯ୍ୟ ନଥିବା ସନ୍ଦେହ ସୃଷ୍ଟି ହେଉଛି। ଏହାର ଦୁଇଟି ଥାନାରେ ମାମଲା ରୁଜୁ କରାଯାଇଥିବା ବେଳେ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ଏଥିରେ ବିଚଳିତ ହେବା ଆବଶ୍ୟକ ନାହିଁ ବୋଲି କହିଛନ୍ତି।

## ମାର୍ଚ୍ଚ...

ହଟ୍ଟଗୋଳ ବୃଦ୍ଧି ପାଇବାରୁ ବାରମ୍ବାର ମୁଲତବୀ କରାଯାଇଥିଲା। ବିଶେଷକରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାକୁ ସୁଯୋଗ ନ ଦେବା ନେଇ ହଟ୍ଟଗୋଳ ହୋଇଥିଲା। ହଟ୍ଟଗୋଳ ଏଭଳି ସ୍ଥିତିରେ ପହଞ୍ଚିଥିଲା ଯେ ୭ କଂଗ୍ରେସ ସାଂସଦଙ୍କ ସମେତ ଜଣେ ସିପିଏମ୍ ସାଂସଦଙ୍କୁ ବଜେଟ୍ ଅଧିବେଶନ ଯାଏ ସେମାନଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ଗୃହରୁ ନିଲମ୍ବିତ କରାଯାଇଥିଲା। ଇତି ମଧ୍ୟରେ ଏକ ଭୟର ବାତାବରଣ ମଧ୍ୟ ସାମ୍ନାକୁ ଆସିଥିଲା। ବାଚସ୍ପତି ଓମ୍ ବିର୍ଲ୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକସଭା ଆସିବାକୁ ବାରଣ କରିଥିଲେ। ତାଙ୍କ ଉପରେ ଆକ୍ରମଣ ଆଶଙ୍କା ଥିବା ଦର୍ଶାଇ ସେ ବାରଣ କରିଥିବା ଉଲ୍ଲେଖ କରିଥିଲେ। ଫଳରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ଲୋକସଭାରେ ଉତ୍ତର ରଖିପାରିନଥିଲେ। ତେବେ ରାଜ୍ୟସଭାରେ ସମାନ ବିତର୍କ ଉପରେ ସେ ତାଙ୍କ ବକ୍ତବ୍ୟ ରଖିଥିଲେ। ବିରୋଧୀ ସଦସ୍ୟଙ୍କ ପକ୍ଷରୁ ବାଚସ୍ପତି ଓମ୍ ବିର୍ଲ୍ଲାଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ ଦିଆଯାଇଛି। ସେହିଭଳି ବିଜେପି ସାଂସଦ ନୀଶିକାନ୍ତ ଦୁବେ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ପାଇଁ ଏକ ପ୍ରସ୍ତାବ ଆଣିଛନ୍ତି। ଏପ୍ରିଲ ୨ରେ ଅଧିବେଶନ ଶେଷ ହେବ।

## ମଣିପୁର...

ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା କହିଛନ୍ତି। ମଣିପୁର ହାଇକୋର୍ଟ ଓ ଗୌହାଟି ହାଇକୋର୍ଟର ମୁଖ୍ୟ ବିଚାରପତିମାନେ ଏହାକୁ ତଦାରଖ କରିବେ। ଗୀତା ମିତଲ କମିଟିର ସୁପାରିଶ ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରିବା ଲାଗି ଯେଉଁ ପଦକ୍ଷେପ ନେବାକୁ କୁହାଯାଇଛି ତାହା କାର୍ଯ୍ୟକାରୀ କରିବାକୁ ଉଲ୍ଲେଖ କରିଛନ୍ତି। ଶୁଣାଣି ସମୟରେ ମହିଳା ପୀଡିତାଙ୍କ ପକ୍ଷରୁ ପକ୍ଷ ରଖି ବରିଷ୍ଠ ଆଇନ୍‌ଜୀବୀ ବ୍ରିନ୍ଦା ଗ୍ରୋବର କହିଥିଲେ ଯେ ଅଭିଯୁକ୍ତ ଓ ତାଙ୍କ ମା'ଙ୍କ ସମ୍ପର୍କରେ ସିବିଆଇ ତା' ଅଭିଯୋଗ ଫର୍ଦରେ କିଛି ଉଲ୍ଲେଖ କରିନାହିଁ। କୁକି ସମ୍ପ୍ରଦାୟର ମହିଳା ଜଣକ ଅସୁସ୍ଥତା ଯୋଗୁ ମୃତ୍ୟୁବରଣ କରିଥିଲେ। ଗଣଦୁଷ୍କର୍ମ ପରେ ସେ ଏହି ଅସୁସ୍ଥତାର ଶିକାର ହୋଇଥିଲେ। କେନ୍ଦ୍ର ପକ୍ଷରୁ ପକ୍ଷ ରଖି ସଲିସେଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ଏହାକୁ କେହି ବିରୋଧ କରୁନାହାନ୍ତି। ପୀଡିତା ତା'ର ଅଧିକାର ପାଇବ। ପ୍ରଧାନବିଚାରପତି କହିଥିଲେ ଯେ ସିବିଆଇ ଏ ସମ୍ପର୍କରେ ସ୍ଥିତାବସ୍ଥା ରିପୋର୍ଟ ଦାଖଲ କରୁ।


**AFFIDAVIT**

By virtue of an Affidavit no:6156 dated:20.12.2024 sworn before Executive Magistrate Talcher, I Suvendu Pradhan, S/o- Chaitanya Pradhan, At-Takua ,Po/Ps- Kaniha , Dist-Angul, declare that my actual name is Suvendu Pradhan which has been maintained in my HSC cerificate and adhar card. But in my all other documents my name has been wrongly maintained Tuna Pradhan instead of Suvendu Pradhan . Suvendu Pradhan and Tuna Pradhan is same and one person. Henceforth I shall be known as Suvendu Pradhan for all purposes.

Sd/- Suvendu Pradhan

**AFFIDAVIT**

By Virtue of an affidavit vide CF No.: 81/ 07.02.2026 before Executive Magistrate, Bhubaneswar. I, **Sudhakar Rout,** aged about 65 years, S/o- Late Makar Rout, resident of Village: Rapeya, PO: Antara, PS: Simulia, dist.: Balasore, PIN-756134, Odisha at Present Plot No.: 127, Sector-4, Niladrivihar, PS: Chandrasekharpur, Bhubaneswar-751021, Dist.: Khordha, Odisha have changed my name from **Sudhakar Raut,** aged about 65 years, son of Late Karunakar Raut to **Sudhakar Rout,** aged about 65 years, son of late Makar Rout which is reflected in Aadhaar Card bearing No.: 2217 1842, 6468 Voter I. Card bearing No.: WGE2082378, land ROR vide Khata No.: 424 of Mouza: Rapeya, Tahasil: Soro now Khaira, Dist.: Balasore, Odisha State and legal heir certificate No.: ELHC/2023/168037 dtd.17.11.2023 issued by Tahasildar Khaira, Odisha State. Sudhakar Raut and Sudhakar Rout is one and same person i.e. my self.

**AFFIDAVIT**

By virtue of an affidavit sworn before Executive Magistrate,Betnoti, dated 11/02/26, I, JAMUNA MARNDI, W/o ANIL KUMAR SING , Address : AT-Dantiamuhan, PO-Dantiamuhan,PS-Betnoti DIST- Mayurbhanj, PIN-757029, Odisha declare that I have changed my name from " JAMUNA SING to JAMUNA MARNDI " Henceforth, I shall be known as " JAMUNA MARNDI " for all purposes

Sd/- (JAMUNA MARNDI)

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଏଣ୍ଡାଇକ୍ସି ନଂ: ଏଡବି-ଆରଏକସି-ଏସ୧୨-ଇଆଇ-ଏନକେଏମ, ତାରିଖ ୧୨.୦୨.୨୦୨୬ । ଡିଭିଜନାଲ ସିଗ୍ନାଲ ଏବଂ ଟେଲିକମ୍ ଦ୍ୱାରା ଇଞ୍ଜିନିୟର, ଦ.ପୂ.ରେଳପଥ, ରାଞ୍ଚି ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । କାର୍ଯ୍ୟର ନାମ : ରାଞ୍ଚି ଡିଭିଜନର ନାମକୋମ (ଏନକେଏମ) ଷ୍ଟେସନରେ ପୁରୁଣା ପ୍ୟାନେଲ ଇଣ୍ଟରଲକିଂକୁ ଏକ ନୂତନ ବିତରିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ବଦଳାଇବା ସହିତ 'ଯାର୍ଡ ରିମଡେଲିଂ କାର୍ଯ୍ୟ' ସହିତ ଜଡିତ ସମସ୍ତ ଏସଟି କାର୍ଯ୍ୟର ସମ୍ପାଦନ, ନାମକୋମ-ଟାଟିସିଲୱାଇ ମଧ୍ୟରେ କିମି ୪୦୮/୨୦-୨୨ ରେ ମେଟ୍ରୋ କାମ ସହିତ ଜଡିତ ଏସଟି କାର୍ଯ୍ୟ ଏବଂ ବିଭିନ୍ନ ସ୍ଥାନରେ ଟିଆରଆର/ଟିଡବ୍ଲ୍ୟୁଏସ କାର୍ଯ୍ୟ। ବିଜ୍ଞାପିତ ମୂଲ୍ୟ : ଟ ୧୩,୨୮,୧୮,୨୩୦.୨୪ ।ଇଏମଡି: ୮,୧୪,୧୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଶୂନ୍ୟ । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୦୯.୦୩.୨୦୨୬ ଏବଂ ୧୧.୦୦ ଘଣ୍ଟା । ବିଡିଂ ଆରମ୍ଭ ତାରିଖ: ୨୩.୦୨.୨୦୨୬ । ୱେବସାଇଟ୍ ବିବରଣୀ ଏବଂ ସବିଶେଷ ତଥ୍ୟ: www.ireps. gov.in (କାର୍ଯ୍ୟ ଟେଣ୍ଡର) । (PR-1186)


# ମାନସିକ ଅନଗ୍ରସର ମହିଳା ୪ ମାସର ଗର୍ଭବତୀ, ୩ ଗିରଫ

ବରଗଡ଼,(ସବ୍ୟୁ): ଅମାନୁଷିକତାର ସୀମା ଟପିଛି। ଜଣେ ଅସହାୟ ଓ ଅନଗ୍ରସର ମହିଳା ପ୍ରତି ମାନବିକତା ଦେଖାଇବା ବଦଳରେ ତା' ପ୍ରତି ଘୋର ଅମାନୁଷିକତାର ବ୍ୟବହାର କରାଯାଇଛି। ସଂପୃକ୍ତ ମହିଳାଙ୍କୁ ଦୁଷ୍କର୍ମ ଏବଂ ୪ମାସର ଗର୍ଭବତୀ କରାଇବା ଅଭିଯୋଗରେ ପୁଲିସ ବାପ-ପୁଅ ଏବଂ ଜ୍ୱାଇଁଙ୍କୁ ଗିରଫ କରିଛି। ବରଗଡ଼ ଜିଲ୍ଲା ଭେଡେନ ଥାନା ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ପୁଲିସ କହିଛି ଯେ, ରେମଣ୍ଡା ଅଞ୍ଚଳର ଏକ ଗ୍ରାମରେ ସମ୍ବଲପୁର ଅଂଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ କରାଯାଇଛି। ମହିଳା ଜଣକ ୪ମାସର ଗର୍ଭବତୀ ହୋଇଛନ୍ତି। ଏହି ଅଭିଯୋଗରେ ପୁଲିସ ବିକ୍ରମ ସରାଫ (୫୦), ବିକ୍ରମର ପୁଅ ପପୁନ (୨୮) ଓ ବିକ୍ରମର ଜ୍ୱାଇଁ ପ୍ରତାପ ସରାଫ (୪୪)ଙ୍କୁ ଗିରଫ କରି ଏକ ମାମଲାରେ କୋର୍ଟ ଚାଲାଣ କରିଛି।

ଅଭିଯୁକ୍ତମାଙ୍କ ମଧ୍ୟରୁ ବିକ୍ରମ ମହିଳାଙ୍କଙ୍କ ମାମୁଁ ହୋଇଥିବା ପୋଲିସ କହିଛି। ପପୁନ ମହିଳାଙ୍କ ମାମୁ ପୁଅ ଭାଇ। ପ୍ରତାପ ମହିଳାଙ୍କ ମାମୁର ଜ୍ୱାଇଁ ଅଟନ୍ତି। ମହିଳା ଜଣକ ୧୨ ବର୍ଷ ହେବ ନିଜ ମାମୁ ଘରେ ରହି ଆସୁଥିଲେ। ହେଲେ ଗତ ଡିସେମ୍ବର ୧୦ରେ ମାମୁ ବିକ୍ରମ ଝିଅର ପରିବାର ଲୋକଙ୍କୁ ଫୋନ୍ କରି ଝିଅର ଅବସ୍ଥା ଠିକ ରହୁନାହିଁ, ତେଣୁ ନେଇଯିବାକୁ କହିଥିଲେ। ଝିଅର ପରିବାର ଲୋକେ ଆସି ନିଜ ଝିଅକୁ ନେଇ ଚିକିତ୍ସା କଲାପରେ ସେ ୪/୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ପରେ ପରିବାର ଲୋକେ ସମସ୍ତଙ୍କ ସମ୍ମୁଖରେ ସବୁକଥା ପଚାରିବାରୁ ସେହି ଝିଅକୁ ତାର ମାମୁ, ମାଡ଼ ମାରି ମାନସିକ ନିର୍ଯାତନା ଦେଉଥିବା ପ୍ରକାଶ କରିଥିଲା। ମହିଳା ଜଣକ ଏନେଇ ଥାନାରେ ଅଭିଯୋଗ କଲାପରେ ଭେଡେନ ପୁଲିସ ତଦନ୍ତ କରି ଅଭିଯୁକ୍ତ ଲୋକଙ୍କ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଛି। ଝିଅକୁ ଯେତେବେଳେ ୧୮ ବର୍ଷ ହେଉଥିଲା ସେ ମାମୁ ଘରକୁ ରହିବାପାଇଁ ଆସିଥିଲା। ତାର ମାନସିକ ଅବସ୍ଥା ମଧ୍ୟ ଠିକ ଥିଲା। ହେଲେ ତାଙ୍କୁ ପରବର୍ତ୍ତୀ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଫଳରେ ଏବେ ତାଙ୍କର ମାନସିକ ଅବସ୍ଥା ଠିକ୍ ରହୁ ନଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି।

# ଆମାଜନ ପ୍ରାଇମର ଦ୍ରୁତତମ ଡେଲିଭରି ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଆମାଜନ ପକ୍ଷରୁ ୨୦୨୫ରେ ପ୍ରାଇମ ସଦସ୍ୟଙ୍କ ପାଇଁ ଏହାର ଦ୍ରୁତତମ ଡେଲିଭରି ସ୍ପିଡକୁ ଚିହ୍ନଟ କରିଥିବାବେଳେ ସମାନ କିମ୍ବା ପରବର୍ତ୍ତୀ ଦିନରେ ୫୫ କୋଟିରୁ ଅଧିକ ଉତ୍ପାଦ ଡେଲିଭର କରାଯାଇଛି ଯାହାକି ବାର୍ଷିକ ଆଧାରରେ ୪୦% ବୃଦ୍ଧି ପାଇଛି। ଭାରତରେ ପ୍ରାଇମ ସଦସ୍ୟମାନେ ୨୦୨୫ରେ ଏକ ବାର୍ଷିକ ପ୍ରାଇମ ମେମ୍ବରସିପର ହାରାହାରି ମୂଲ୍ୟର ଦୁଇ ଗୁଣରୁ ଅଧିକ ସଂଚୟ କରିଛନ୍ତି। ଶୀର୍ଷ ୧୦% ପ୍ରାଇମ ସଦସ୍ୟ ସେମାନଙ୍କର ପ୍ରାଇମ ମେମ୍ବରସିପର ମୂଲ୍ୟର ୮ ଗୁଣରୁ ଅଧିକ ସଞ୍ଚୟ କରିଥିବା ବେଳେ ଭାରତରେ ପ୍ରାଇମ ଗ୍ରାହକଙ୍କୁ ଆମାଜନ ଡଟ୍ ଇନରେ ସପିଂ ସମୟରେ ଏକାଧିକ ରିୱାର୍ଡ, ଏକ୍ସକ୍ଲୁସିଭ ଡିଲ, ଅଫର ଓ କ୍ୟାଶବ୍ୟାକ ସହିତ ମାଗଣା ଓ ଫାଷ୍ଟ ଡେଲିଭରି ମାଧ୍ୟମରେ ଅଧିକ ସଂଚୟ କରିବାରେ ସାହାଯ୍ୟ କରିଛି। ଏସମ୍ପର୍କରେ ଆମାଜନ ଇଣ୍ଡିଆର ନିର୍ଦ୍ଦେଶକ ଓ ପ୍ରାଇମ ମୁଖ୍ୟ ଅଭିନବ ଅଗ୍ରୱାଲ କହିଛନ୍ତି, ଏହା ଏକ ଶେଷ ମିନିଟ ଜରୁରୀ ସାମଗ୍ରୀ ହେଉ କିମ୍ବା ଏକ ଯୋଜନାଗତ କ୍ରୟ କିମ୍ବା ସମଗ୍ର ପରିବାର ଉପଭୋଗ କରିପାରୁଥିବା ମନୋରଞ୍ଜନ, ପ୍ରାଇମକୁ ବେଗ, ଅତୁଳନୀୟ ମୂଲ୍ୟ ଓ ସୁବିଧା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଆମାଜନ ଭାରତର ଅଣ ମେଟ୍ରୋ ସହରଗୁଡିକରୁ ୭୦%ରୁ ଅଧିକ ନୂଆ ପ୍ରାଇମ ମେମ୍ବର ସାଇନଅପ୍ ପରିଲକ୍ଷିତ କରିବା ଜାରି ରଖିଛି।


**TPWODL**

**TP WESTERN ODISHA DISTRIBUTION LIMITED**
**(A Joint Venture of Tata Power and Government of Odisha)**
**Corporate Office : Burla, Dist.-Sambalpur (OdishaJ-768017**

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages:

1. **TPWODL/HS/O/SER/25000011133: Customer Care Centers Operations across TPWODL, Odisha.**
2. **TPWODL/HS/O/SER/25000011136: Hospitality Services at Various Guest Houses and Offices across TPWODL, Odisha.**
3. **TPWODL/HS/O/SER/25000011135: RC for Providing Security Services across TPWODL, Odisha.**

Interested bidders are to submit Tender Participation Fee and Authorization Letter through email on or before **21st Feb. 2026, 15:00Hrs** (for Sri No.-1 & 2) and **24th Feb. 2026, 15:00Hrs,** (for Sri No.-3) respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd /- Head-Contracts and Procurement**

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www. ireps.gov.in ରେ ଅପ୍‌ଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ DOOR ASSEMBLY/67, ତା.10.02.2026

ଟେଣ୍ଡର ସଂ. 92265047

ବିବରଣୀ : ICF ଡ୍ରଇଙ୍ଗ ନଂ. ICF/SK3-5-6-014 COL-I & COL-II ALT-H କିମ୍ବା ସଦ୍ୟତମ ଅନୁଯାୟୀ AC କୋଚ୍‌ଗୁଡ଼ିକ ନିମନ୍ତେ ଡବଲ ଆକ୍ସିଙ୍ଗ AC କମ୍ପାର୍ଟମେଣ୍ଟ ସ୍ଲିଙ୍ଗ ଡୋର ଆସେମ୍ବ୍ଲିର ଯୋଗାଣ ଓ ସଂସ୍ଥାପନ ଏବଂ ICF/SK3-5-6-019 ଅନୁଯାୟୀ ବର୍ତ୍ତମାନର କୋଚ୍‌ଗୁଡ଼ିକରେ ରେଟ୍ରୋଫିଟ୍‌ମେଣ୍ଟ (Retrofitment), ପରିମାଣ : 150 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 36 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.03.2026ରିଖ, 1500 ଘଣ୍ଟାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-1124/Q/25-26

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ**
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

19001/34/2526

OFFICE OF THE PROJECT ADMINISTRATOR, ITDA, PHULBANI
**ST & SC Development Department**
**GOVERNMENT OF ODISHA**
**Tel : (06842) 254149, E-Mail : itdaphulbani@gmail.com**
**No. 273 / Date. 12.02.2026**

**NOTICE**

The Tender Call Notice published by this office vide No. 182 Dated. 30.01.2026 & Tender ref. No. PA ITDA PLB_04 of 2025-26, for the work "Construction of Mission Shakti Bazar at Phulbani Kandhamal" (Tender Id : 2026_STSCD_125326-2), is hereby cancelled with immediate effect, due to wrong estimation of the material cost.

A fresh tender will be invited soon after rectification of the same, which shall be notified separately.

**Sd/- Project Administrator**
**ITDA, Phulbani**

OIPR : 19001/19069/1/25-26/0003

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVIssSION-II, SUNDARGARH**

25001/160/2526

**Lt.No. 927 // Dt. 12.2.2.2026**

**1st Corrigendum to Bid Identification No. Online - EERKL-29/2025-26**

Due to some unavoidable circumstances in respect of the tender for Roads Works invited in Tender Call Notice Bid Identification No. Online -EERKL-29/2025-26 by the Executive Engineer Rural Works Division -II. Sundargarh the date of Online for bidding and opening of the date which was scheduled to be uploaded from 07. 02.2026 to 12.02.2026 is hereby extended as follows.

| Availability of Tender on-line for bidding | | Last date & time of seeking tender clarification | Date & time of opening of tender (Technical Bid) |
|---|---|---|---|
| From | To | | Online-EERKL-29/2025-26 |
| 10.02.2026 at 11.00 A.M. | 16.02.2026 up to 4.00 P.M. | 15.02.2026 up to 5.00 P.M. | 17.02.2026 at 11.00 A.M. |

**Sd/- Executive Engineer**
**R.W. Division-II, Sundargarh**

OIPR : 25001/25193/1/25-26/0029

**GOVERNMENT OF ODISHA : DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, LOWER INDRA CANAL DIVISION, KHARIAR**
**Dist:-Nuapada, Odisha, PIN-766107**
**e-Procurement Notice No. SELICD-10/2025-26, Dt.12.02.2026 (online)**

32001/90/2526

**E-mail ID: eelied.kha@gmail.com**
**No.138 Date. 12.02.2026**

| | | | |
|---|---|---|---|
| 1. | Type/Nature of work | : | Civil Works |
| 2. | Total No. of works | : | 01 (One) No |
| 3. | Approx. value of works | : | Rs.34.60 Lakh (Excluding GST). |
| 4. | Period of completion | : | 02 Months |
| 5. | Classification of bidders | : | 'C & B' Class Contractors only. |

**Other details as follows :**

| Procurement Officer | Bid Identification No. | Name of the work | Bid Amount | Availability & Submission of bids in online |
|---|---|---|---|---|
| Superintending Engineer, Lower Indra Canal, Division, Khariar, Dist : Nuapada, Odisha | SELICD-10/2025-26, Dt. 12.02.2026 | I, Improvement to service bank from RD 180 Mtr. to RD 4500m of Left Main canal of Lower Indra Irrigation Project. | Rs. 34.60 Lakh | From 16.02.2026 At 10.00 AM to 25.02.2026 Up to 5.00 P.M. |

**N.B :** Date & time of opening of tender on 26.02.2026 at 11.00AM
Bidders to be participated in online bidding only. Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the tender can be seen in above website only.

**Sd/- (Er. Soumya Kishore Jaipuria)**
**Superintending Engineer, Lower Indra Canal Division, Khariar**

OIPR : 32001/32206/1/25-26/0001

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
**Email -eedklpwd@gmail.com**
**INVITATION FOR BIDS THROUGH e-Procurement**

34001/61/2526

**Bid Identification No. SE DKL (R&B).39/2025-26**

**Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division. Dhenkanal. on behalf of Governor of Odisha. invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | Electrical Works |
| 3. | No. of work | : | 02 Nos. |
| 4. | Bid Cost. | : | Rs. 6.000/- & Rs. 4,000/- |
| 5. | Class of Contractor | : | 'HT' License |
| 6. | Availability of Bid Documents in the website | : | From 10.00 AM of 17.02.2026 to 5.00 PM of 02.03.2026 |
| 7. | Date of Opening of Bid | : | Dt. 05.03.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :**https:// tendersodisha.gov.in.** Any addendum / corrigendum / cancellation of tender can also be seen in the said website only. | | |

**Sd/- Superintending Engineer**
**Dhenkanal (R&B) Division**

OIPR : 34001/34016/1/25-26/0001



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଢୀ-[illegible], ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-[illegible], ବୌଦ୍ଧ-ରଘୁନାଥ ସାହୁ-[illegible], ଭଦ୍ରକ-ପ୍ରିୟଦର୍ଶନ ରାଉତ-[illegible], ଢେଙ୍କାନାଳ-ସନ୍ତୋଷ ଶତପଥୀ-[illegible]।

## ମାର୍ଚ୍ଚ ୨୭ରେ ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ

# ଆସୁଛନ୍ତି ଭାରତ ସମେତ ୮ଟି ଦେଶର ଚିତ୍ରଶିଳ୍ପୀ

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ମାର୍ଚ୍ଚ ୨୭ ତାରିଖରୁ ଐତିହାସିକ ଧଉଳି ପାଦଦେଶରେ ଆୟୋଜିତ ହେବାକୁ ଯାଉଛି ୭ମ ଅନ୍ତର୍ଜାତୀୟ



ଧଉଳି କଳା ମହୋତ୍ସବ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଭାରତ ସମେତ ଲଣ୍ଡନ,ଆମେରିକା, ନେପାଳ ,ବାଂଲାଦେଶ,ଭିଏତନାମ,କୋରିଆ ଓ ଇରାକ ପରି ବିଭିନ୍ନ ଦେଶରୁ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରିବେ। ଏହି ମହୋତ୍ସବରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା,ଭାସ୍କର୍ଯ୍ୟ କଳା,ମୁଦ୍ରଣ କଳା,ପାରମ୍ପରିକ କଳା ଓ ଇନଷ୍ଟଲେସନ ଆର୍ଟର ଏକ ନିଆରା ପ୍ରଦର୍ଶନୀ ଆୟୋଜନ କରାଯିବ। ବିଶେଷ କରି ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ସହ ଆଧୁନିକ ଇନଷ୍ଟଲେସନ ଆର୍ଟ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ। ଏହି ଅବସରରେ ବରିଷ୍ଠ ଶିଳ୍ପୀଙ୍କୁ ସମ୍ମାନିତ କରାଯିବା ସହିତ କୃତି ଯୁବ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ ଓ ପ୍ରତିଦିନ ସନ୍ଧ୍ୟାରେ କଳାତ୍ମକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହେବ।ଏହା ସହିତ କୋମଳମତି ଶିଶୁ ମାନଙ୍କ ଚିତ୍ର ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ ଏକ ସ୍ୱତନ୍ତ୍ର ଶିଶୁ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ।ଏଥିରେ ପ୍ରାୟ ୧୫୦୦ ଶିଶୁ ଚିତ୍ରଶିଳ୍ପୀ ଭାଗନେବେ ବୋଲି ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି।ବିଶ୍ୱ ସ୍ତରୀୟ ଶିଳ୍ପୀଙ୍କ ସହ ଆମ ରାଜ୍ୟର ଶିଳ୍ପୀଙ୍କ କଳା ବିନିମୟ ପାଇଁ ଏହା ଏକ ପ୍ରକୃଷ୍ଟ ମଞ୍ଚ ହେବ।ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଶିଳ୍ପୀମାନେ ଚଳିତ ମାସ ୨୮ ତାରିଖ ସୁଦ୍ଧା ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଛବି ଦାଖଲ କରିବାପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ସାମଲ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ପୋଲିସ ଅଫିସରଙ୍କ ଆତ୍ମହତ୍ୟା : ପତ୍ନୀ ଆସିବା ପୂର୍ବରୁ ଶବଦାହ

କଟକ, (ସ୍ୱପ୍ର) : ଷଷ୍ଠ ବାଟାଲିୟନର ଜଣେ ପୋଲିସ ଏଏସ୍ଆଇଙ୍କ ଆତ୍ମହତ୍ୟା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ରାଉରକେଲାରୁ ତାଙ୍କ ପନୀ ଗୁରୁବାର ରାତିରେ ଏସସିବିରେ ପହଞ୍ଚିଲା ବେଳକୁ ସେଠାରେ ଶବ ନଥିବା ଦେଖି ହତବାକ୍ ହୋଇପଡିଥିଲେ । ପୋଲିସ ଏଏସ୍ଆଇଙ୍କ ଦ୍ୱିତୀୟ ପନୀ ବୋଲି ଦାବି କରୁଥିବା ଆଉ ଜଣେ ମହିଳା ଏହି ଶବକୁ ନେଇ ସଂସ୍କାର କରିଦେଇଥିଲେ । ଏହାକୁ ନେଇ ପ୍ରଥମ ପନୀ ଅସନ୍ତୋଷ ପ୍ରକାଶ କରିଥିଲେ । ସୂଚନା ଅନୁଯାୟୀ, ବଲାଙ୍ଗୀର ପାଟଣାଗଡ଼ର ବିଶ୍ୱଜିତ ସେଠୀ ଓଏମ୍ପି ଷଷ୍ଠ ବାଟାଲିୟନରେ ଏଏସ୍ଆଇ ଭାବେ ଚାକିରି କରିଥିଲେ । ୨୦୧୩ ଏପ୍ରିଲ ୨୮ ରେ ସୁନ୍ଦରଗଡ଼ଜିଲ୍ଲା କୁଆରମୁଣ୍ଡା ଥାନା ରିଡ଼ିଁ ଅଞ୍ଚଳର ଜ୍ୟୋସ୍ନା ସେଠୀଙ୍କୁ ବିବାହ କରିଥିଲେ । ଉଭୟଙ୍କର ଏକ ୧୫ ବର୍ଷର ଝିଅ ଅଛି । କୌଣସି କାରଣରୁ ଏହି ଦମ୍ପତି ଦ୍ୱୟ ଅଲଗା ରହୁଥିଲେ । ବିଶ୍ୱଜିତ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଅଞ୍ଚଳରେ ଭଡ଼ାରେ ରହୁଥିବା ବେଳେ ଜ୍ୟୋସ୍ନା ରାଉରକେଲାରେ ଭଡ଼ାଘରେ ରହୁଥିଲେ । ଗୁରୁବାର ଦିନ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କରେ ତାଙ୍କୁ ଫୋନ୍ ରେ ଜଣାଯାଇଥିଲା । ରାଉରକେଲାରୁ ସେ ପରିବାର ଲୋକଙ୍କ ସହିତ ଏସସିବି ମେଡିକାଲରେ ପହଞ୍ଚିଲା ବେଳକୁ ସ୍ୱାମୀଙ୍କ ଶବ ଅନ୍ୟ ଜଣେ ମହିଳାଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଥିଲା । କଟକରେ ରହୁଥିବା ସମ୍ପୃକ୍ତ ମହିଳା ଜଣକ ବିଶ୍ୱଜିତଙ୍କ ପନୀ ବୋଲି ପରିଚୟ ଦେଇ ଶବ ନେଇଯାଇଥିଲେ । ଶବକୁ ସଂସ୍କାର ବି କରି ସାରିଥିଲେ । ପ୍ରତାପନଗରୀରେ ଘର ଭଡ଼ା ନେଇ ରହୁଥିବା ବିଶ୍ୱଜିତ ବୁଧବାର ଦିନ ଘାସମରା ଔଷଧ ପିଇ ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ଡାକ୍ତରଖାନାର ମେଡିସିନ୍ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଗୁରୁବାର ତାଙ୍କର ମୃତ୍ୟୁ ହେବା ପରେ ଶବ ବ୍ୟବଚ୍ଛେଦ କରାଯାଇ ଦ୍ୱିତୀୟ ପନୀ ଦାବି କରୁଥିବା ମହିଳାଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ହେଲେ ପ୍ରଥମ ପନୀ ଜ୍ୟୋସ୍ନା ଦ୍ୱିତୀୟ ପନୀ ଥିବା ସମ୍ପର୍କରେ କିଛି ଜାଣି ନଥିବା ପ୍ରକାଶ କରିଥିଲେ । ଏମିତି ଏକ ସ୍ପର୍ଶକାତର ଘଟଣାକୁ ନେଇ ନାନା ଚର୍ଚ୍ଚା ଲାଗି ରହିଛି ।

## ବଞ୍ଚିତ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ

# ଏନ୍ଆଇଓଏସ୍ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ଭାରତର ବଞ୍ଚିତ ଯୁବପିଢ଼ି ଏବଂ ସ୍କୁଲ୍ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଦକ୍ଷତା ଭିତ୍ତିକ ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ (କେୟୁଟିଏମ୍) ମଧ୍ୟରେ ଏକ ରଣନୈତିକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସହଭାଗିତା ଘୋଷଣା କରାଯାଇଛି। ଏହି ସହଭାଗିତା ମାଧ୍ୟମରେ ଏନ୍ଆଇଓଏସ୍‌ର ସାର୍ବଜନୀନ ବିଦ୍ୟାଳୟ ଶିକ୍ଷା ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୦୦ରୁ ଅଧିକ ବଜାର-ଭିତ୍ତିକ ଦକ୍ଷତା ବିକାଶ ପାଠ୍ୟକ୍ରମକୁ ଏକତ୍ର କରାଯାଇଛି। ଏହାଦ୍ୱାରା ବୃତ୍ତିଗତ ତାଲିମ ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ସହଜରେ ଆନୁଷ୍ଠାନିକ ଶିକ୍ଷା ସହିତ ଯୋଡ଼ି ହୋଇପାରିବେ। ଏନ୍ଆଇଓଏସ୍ ସମ୍ପାଦକକର୍ଣ୍ଣେଲ ସାକିଲ ଅହମ୍ମଦଏହି ଅବସରରେ କହିଛନ୍ତି, "ଏହି ସହଭାଗିତା ବୃତ୍ତିଗତ ତାଲିମ ଏବଂ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ମଧ୍ୟରେ ଥିବା ପ୍ରତିବନ୍ଧକକୁ ଦୂର



କରିବ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ଏକ ନମନୀୟ ଶିକ୍ଷା ପଦ୍ଧତି ପାଇବା ସହ ସମଗ୍ର ଦେଶରେ ସ୍ୱିକୃତିପ୍ରାପ୍ତ ପ୍ରମାଣପତ୍ର ପାଇପାରିବେ।" ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କୁଳପତିପ୍ରଫେସର ସୁପ୍ରିୟା ପଟ୍ଟନାୟକକହିଛନ୍ତି, "ଶିକ୍ଷା ଜୀବିକା ସହିତ ଜଡ଼ିତ ହେବା ଆବଶ୍ୟକ। ସହିତ ମିଶି ଆମେ ବଞ୍ଚିତ ଯୁବପିଢ଼ିଙ୍କୁ ଏକ ଆନୁଷ୍ଠାନିକ ଶିକ୍ଷାଗତ ପରିଚୟ ଦେବା ସହ ଆଧୁନିକ କର୍ମସଂସ୍ଥାନ ପାଇଁ ବୈଷୟିକ ଜ୍ଞାନକୌଶଳରେ ଦକ୍ଷ କରିପାରିବୁ।" ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଘଓଡଙ୍ଘର ଭୋକେସନାଲ ଏଡୁକେସନ ଡାଇରେକ୍ଟରଡଃ ଟିଏନ୍ ଗିରି, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସଭାପତିପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରୋ-ଭାଇସ୍ ଚାନ୍ସେଲରଡଃ ଅଜୟ କୁମାର ନାୟକଏବଂପ୍ରଫେସର ବିଶ୍ୱଜିତ୍ ମିଶ୍ର, ଗ୍ରାମ୍ ତରଙ୍ଗର କୋ-ଫାଉଣ୍ଡରଅଭିନବ ମଦାନଏବଂ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକଡଃ ଜଗନ୍ନାଥ ପାଢ଼ୀପ୍ରମୁଖ ଉପସ୍ଥିତ ଥିଲେ।

## ବେତନଟୀ ପୁଲିସ ଦ୍ୱାରା ସୁନା ଗହଣା ବ୍ୟବସାୟୀ ମାନଙ୍କୁ ନେଇ ଜରୁରୀ ବୈଠକ

ବେତନଟୀ,(ସବ୍ୟୁ) - ବେତନଟୀ ବଜାରରେ ଥିବା ସମସ୍ତ ସୁନାରୂପା ଗହଣା ବ୍ୟବସାୟୀ ମାନଙ୍କୁ ନେଇ ଜରୁରୀ ବୈଠକ ଶୁକ୍ରବାର ବେତନଟୀ ପୁଲିସ ପକ୍ଷରୁ ଆୟୋଜିତ ହୋଇଯାଇଛି । ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବେତନଟୀ ବଜାର ଅଞ୍ଚଳ ତଥା ଆଖପାଖର ସୁନାରୂପା ଗହଣା ବ୍ୟବସାୟୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ବୈଠକରେ ମୁଖ୍ୟତଃ ସମସ୍ତ ବ୍ୟବସାୟୀ ଦୋକାନରେ ଲକର ବ୍ୟବସ୍ଥା ସାଙ୍ଗକୁ ଏକାଧିକ ସିସିଟିଭି ଲଗାଇବେ। ପ୍ରତ୍ୟେକ ଦିନ ନିଜ ସାଙ୍ଗରେ ସୁନାରୂପା ଗହଣା ନେବା ଆଣିବା କରିବେ ନାହିଁଆଉ ଯଦି କରିବେ ତାହେଲେ ପୁଲିସକୁ ଅବଗତ କରିବା ସହିତ ସାଙ୍ଗରେ ନିଜର ଏକାଧିକ ଲୋକଙ୍କୁ ନେଇ ନେବା ଆଣିବା କରିବେ । ରାସ୍ତାରେ ସୁନାରୂପା ଗହଣା ନେବା ଆଣିବା ସମୟରେ ଗାଡିରେ ସାଇରନ ଲଗାଇବେ ଏବଂ ରାସ୍ତାରେ କେହି ଅଟକାଇବାକୁ ଚେଷ୍ଟା କଲେ କୌଣସି ପରିସ୍ଥିତିରେ ମଧ୍ୟ ଅଟକିବେ ନାହିଁ ବୋଲି ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା ।

## ଲାୟନ୍ସ କ୍ଲବ ଭୁବନେଶ୍ୱରର ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର, (ସବ୍ୟୁ): ନିକଟରେ ଲାୟନ୍ସ କ୍ଲବ ଭୁବନେଶ୍ୱରର ସ୍ୱନକ୍ଷେତ୍ର ଦିବସ ଖୁବ ଧୁମଧାମରେ ପାଳିତ ହୋଇଯାଇଛି । ଲାୟନ୍ସ ଜିଲ୍ଲା ଗଭର୍ଣ୍ଣର ଲାୟନ ଡଃ ହେମନ୍ତ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଇଞ୍ଜିନିୟର ଲଳିତେନ୍ଦୁ ଶତପଥି ତାଙ୍କର ଅଭିଭାଷଣରେ କହିଥିଲେ ଯେ ସମାଜର ଦଳିତ ନିଷ୍ପେଷିତ, ବାସହରା ଏବଂ ଦିଗହରା ବ୍ୟକ୍ତିମାନଙ୍କୁ ପୁଣି କେମିତି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ତାହା ହିଁ ଆମଭଳି ଲାୟନ୍ସ ସଭ୍ୟମାନଙ୍କର ମୁଖ୍ୟ ବ୍ରତ ହେଉ । ଏହି ସମ୍ବାଦ ସମସ୍ତ ଲାୟନ୍ସ ସଭ୍ୟମାନଙ୍କର ହୃଦୟସ୍ପର୍ଶୀ ହୋଇଥିଲା । । ଏହି ସଭାରେ ଲାୟନ୍ସ ଜିଲ୍ଲା ୩୨୨ ସି ୪ର ପୂର୍ବତନ ଗଭର୍ଣ୍ଣର ଏବଂ କ୍ଲବର ପୂର୍ବତନ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାନ୍ତି ପାଇଁ ଚିତ୍ରକଳା ପ୍ରଦର୍ଶନ କରିଥିବା ମାଉଣ୍ଟ ଲିଟେରାର ଛାତ୍ର ଅଭିନାଶ ମହାରଣାଙ୍କୁ ଏବଂ ଲନ୍ ଟେନିସର ସଫଳ କ୍ରୀଡାବିତ୍ ମିସ ଆହାନଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । କ୍ଲବର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡା, ସଂପାଦକ ଲାୟନ କାହ୍ନୁ ରଞ୍ଜନ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଞ୍ଜନ ଚାନ୍ଦ, ଆଞ୍ଚଳିକ ଅଧ୍ୟକ୍ଷ ଲାୟନ ତପନ ହରିଚନ୍ଦନ, ମଣ୍ଡଳ ଅଧ୍ୟକ୍ଷ ଲାୟନ ବିପିନ ବିହାରୀ ମିଶ୍ର, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# କଳାରାହାଙ୍ଗ ଅଞ୍ଚଳରୁ ହଟିଲା ଜବରଦଖଲ

ଭୁବନେଶ୍ୱର(ସବ୍ୟୁ): କଳାରାହାଙ୍ଗ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ - ୧୭୧୧ ଓ ୧୭୧୨ ଉପରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ସମୟ ଅଭାବରୁ ଆଂଶିକ ଭାବେ ଉଚ୍ଛେଦ କରାଯାଇଥିଲା । ଶୁକ୍ରବାର ବିଡିଏ ଏନଫୋର୍ସମେଣ୍ଟ ଅଫିସର(ଓଏସଡି) ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିବା ବେଳେ ଜିଏର ଆରଆଇ, ଏନଫୋର୍ସମେଣ୍ଟ ସ୍କ୍ୱାଡ୍-୩, ୫ ଏବଂ ୬ ଉଚ୍ଛେଦରେ ନିୟୋଜିତ ହୋଇଥିଲେ । ବିନା ପୋଲିସରେ ଏହି ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ସମୟରେ ପ୍ଲଟ୍ ନଂ-୧୭୧୨ରୁ ୪ଟି ଟିଣ ଛପର ଘର, ୩ ଟିଣ ସେଡ୍, ୧୫୦ ଫୁଟ ଲମ୍ବର ଟିଣ ନିର୍ମିତ ପାଚେରୀ ଏବଂ ୧୦୦ ଫୁଟ ଲମ୍ବ ପଥର ପାଚେରୀ ଭାଙ୍ଗି ଦିଆଯାଇଥିଲା । ପ୍ରାୟ ୩୦୦ ଡିସିମିଲ୍ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା । ଉକ୍ତ ପ୍ଲଟ୍ ଉପରେ ବିଡିଏ ପକ୍ଷରୁ ଗୋଟିଏ ସାଇନ୍ ବୋର୍ଡ ଲଗାଯାଇଥିଲା ।

## ଜିନ୍ଦଲ ଷ୍ଟେନଲେସ୍ ଭାରତୀୟ ରେଳ ବିଭାଗର ସହଯୋଗରେ

# ଦେଶର ପ୍ରଥମ କ୍ଷୟ-ପ୍ରତିରୋଧୀ ଷ୍ଟେନଲେସ୍ ଷ୍ଟିଲ୍ ଲୁଣ କଣ୍ଟେନର ପ୍ରସ୍ତୁତ କରିଛି

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍, ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକାରୀ କମ୍ପାନୀ ଟ୍ରାନ୍ସପୋର୍ଟ ଲଜିଷ୍ଟିକ୍ସକୁ ଆଧୁନିକୀକରଣ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରି ଭାରତୀୟ ରେଳବାଇ ପାଇଁ ଲବଣ ପରିବହନ କ୍ଷେତ୍ରରେ ଦେଶର ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ କଂଟେନର ବିକଶିତ କରିଛି । ଲବଣ ପରିବହନ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଏବଂ ନିରନ୍ତରତାକୁ ପ୍ରାଧାନ୍ୟ ଦେଇ ଷ୍ଟେନଲେସ୍ ଷ୍ଟିଲ୍ ର ସମନ୍ୱୟ କରିବା ଏକ ବିଶେଷ ପଦକ୍ଷେପକୁ ଦର୍ଶାଇଥାଏ । ଏହି ପ୍ରାଥମିକ ମଡେଲର ସଫଳତାର ସହ ଲୋଡିଂ ଓ ଅନଲୋଡିଂ ପରୀକ୍ଷଣ ୧୦ ଫେବୃଆରୀ, ୨୦୨୬ରେ ଗୁଜରାଟର ଗାନ୍ଧୀଧାମସ୍ଥିତ ଭୀମାସରଠାରେ କରାଯାଇଛି । ସରକାରଙ୍କ ଅଭିନବ ତଥା ଭବିଷ୍ୟତ ପ୍ରସ୍ତୁତ ଲଜିଷ୍ଟିକ୍ସ ସମାଧାନ ପାଇଁ ସରକାରଙ୍କ ସକ୍ରିୟ ଯୋଗଦାନକୁ ଏହା ପ୍ରତିଫଳିତ କରୁଛି । ଯାହା ବାଣିଜ୍ୟ ଓ ପରିବହନ ଦିଗରେ ଏକ ବିଶେଷ ଭୂମିକା ଗ୍ରହଣ କରିବାରେ ସମର୍ଥ ହେବ । ଏହି ୨୦ଫୁଟ ଉଚ୍ଚ ଲବଣ ପାତ୍ର ସମ୍ପୂର୍ଣ୍ଣ ଭାବରେ ଷ୍ଟେନଲେସ୍ ଷ୍ଟିଲ୍ ରେ ଆଚ୍ଛାଦିତ । ଏପରିକି ତାର ସମସ୍ତ ଗଠନମୂଳକ




ଏବଂ ଭାର ବହନ କରୁଥିବା ଉପାଦାନ ସହିତ ଏହା ସଂଶ୍ଲିଷ୍ଟ । ଏହି ପାତ୍ରରେ ଜିନ୍ଦଲ ଷ୍ଟେନଲେସ୍ ୩୦୪ଗ୍ରେଡର ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବହାର କରିଛି । ଯାହା ସମ୍ପୂର୍ଣ୍ଣ ରୂପେ କ୍ଷୟ-ପ୍ରତିରୋଧୀ ଅଟେ । ଯାହା କ୍ଲୋରାଇଡ୍ ଯୁକ୍ତ ପରିବେଶରେ ଉନ୍ନତ ହୋଇଛି । ସେହିପରି ଜେଟି ଗ୍ରେଡ୍(ବିଆଇଏସ୍ ୬୯୧୧ଅନୁଯାୟୀଏନ୍୭), ଏହାର ଉଚ୍ଚଶକ୍ତି ଏବଂ ଓଜନ ଅପ୍ଟିମାଇଜେସନ ପାଇଁ ସ୍ୱୀକୃତି ପ୍ରାପ୍ତ,ବାହାର ଷ୍ଟିଫେନର ଏବଂ ଅଣ୍ଡର ଫ୍ରେମ୍ ଉପାଦାନ ପାଇଁ ନିୟୋଜିତ ହୋଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍ ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଲବଣ ପରିବହନ କ୍ଷେତ୍ରରେ କ୍ଷୟ ରୋଧକୁ ରୋକିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଯାହା ଯୋଗୁଁ ବାରମ୍ବାର ମରାମତି, ବିଭିନ୍ନ ପାର୍ଟ୍ସ ଅକାମୀ ହୋଇଯିବା ଏବଂ ଗୁରୁତ୍ୱପୂର୍ଣ୍ଣ ସମ୍ବଳର ଅପଚୟ ହୋଇଥାଏ । ଏଭଳି ଆହ୍ୱାନକୁ ଷ୍ଟେନଲେସ୍ ଷ୍ଟିଲ୍ ର ସଂଯୋଗ ଫଳରେ ସମାଧାନ କରାଯାଇ ପାରିବ । ଭିତିଭୂମି ସମ୍ପ୍ରସାରଣ, ବନ୍ଦର ବୋଜୋ କବିକାଶ ଏବଂ ବଲ୍କ କମୋଡିଟି ଗତିବିଧି ଦ୍ୱାରା ପରିଚାଳିତ ଭାରତର କଂଟେନର ବଜାରକ୍ରମାଗତ ଭାବରେ ବୃଦ୍ଧି ପାଉଥିବାରୁଏହି କ୍ଷେତ୍ର ପାଇଁ ଏପରି ସାମଗ୍ରୀର ଆବଶ୍ୟକତା ରହିଛି ଯାହା ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ସହିତ କଠିନ ପରିସ୍ଥିତିକୁ ସହ୍ୟ କରିପାରିବ। ଭାରତୀୟ ରେଳବାଇ ପାଇଁ ଏହି ଷ୍ଟେନଲେସ୍ ଷ୍ଟିଲ ଲୁଣକଂଟେନର ବିକଶିତ କରି ଆମେ ଗର୍ବିତ।

## ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ସୋମବାର ଅର୍ଥାତ ଫେବୃଆରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସୋମବାର "ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଏସ୍. ସି. ଏସ୍. ଓଡ଼ିଆ ବିଭାଗରେ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗଦ୍ୱାରା ଦ୍ୱି-ଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । "ଏକବିଂଶ ଶତାବ୍ଦୀ: ପରିବେଶ, ସଭ୍ୟତା ଓ ସାହିତ୍ୟ" ବିଷୟ ଉପରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକ ଓ ଅଧ୍ୟାପକ-ଅଧ୍ୟାପିକା, ଚାଳିଶିରୁ ବେଶୀ ପ୍ରବନ୍ଧ ପାଠ କରିବା ସହିତ ଆଲୋଚନାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି । ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ଏକବିଂଶ ଶତାବ୍ଦୀର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାହିତ୍ୟ ସର୍ଜନାରେ ଏସବୁକୁ ଚିତ୍ରଣ କରିବାକୁ ବକ୍ତବ୍ୟରେ କହିଥିଲେ । ଅନ୍ତର୍ଜାତୀୟ ଅତିଥି ଭାବରେ ଜପାନରୁ ନାଟୋସ ମିୟାହର ଓ



ଏରିକୋ ତୋସିମା ଯୋଗଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନର ପରିବେଶ, ବିକାଶ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ଓ ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ଶ୍ରୀମନ୍ତ କୁମାର ଦାସ ଯୋଗ ଦେଇ ଭାରତ ଓ ଜାପାନର ସଭ୍ୟତା ଓ ପରିବେଶ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ଦିଲୀପ କୁମାର ସ୍ୱାଇଁ ଭିତ୍ତିପ୍ରବନ୍ଧ ପାଠ କରି ଜଗତୀକରଣ ଓ ଡିଜିଟାଲ ଧ୍ରୁବିକରଣ କିପରି ଆମର ସଭ୍ୟତା ଓ ସାହିତ୍ୟକୁ ପ୍ରଭାବିତ କରିଛି ଆଲୋଚନା କରିଥିଲେ । ଡକ୍ଟର ଶଙ୍କର୍ଷଣ ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଡକ୍ଟର ହେନେରିଟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗିରିଜା ଶଙ୍କର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଆଇସିଏଆଇର ନୂତନ କର୍ମକର୍ତ୍ତା ନିର୍ବାଚିତ




ଭୁବନେଶ୍ୱର (ସବ୍ୟୁ): ଦେଶର ବୃହତ୍ତମ ଆକାଉଣ୍ଟିଂ ସଂସ୍ଥା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାଟାର୍ଡ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏଆଇ) ଏହାର ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଓ ଉପ-ସଭାପତି ନିର୍ବାଚିତ କରିଛି। ଏଥିରେ ସିଏ ପ୍ରସନ କୁମାର ଡି ସଭାପତି ରୂପେ ଓ ସିଏ ମଙ୍ଗେସ ପାଣ୍ଡୁରଙ୍ଗ କିନାରେ ଉପ-ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଏହି ନୂତନ ଫଳାଫଳ ଚଳିତ ମାସ ଫେବୃୟାରୀ ୧୨ ତାରିଖରୁ କାର୍ଯ୍ୟକାରୀ ହୋଇଛି।

## ଭାଲେଣ୍ଟାଇନ ଡେ ରେ ସ୍ୱାସ୍ଥ୍ୟକର ଉପହାର

ଭୁବନେଶ୍ୱର, (ସବ୍ୟୁ): ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଭାଲେଣ୍ଟାଇନ ଡେ' କେବଳ ପ୍ରେମୀଯୁଗଳଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ । ଏହା ଏବେ ନିଜର ପ୍ରିୟଜନଙ୍କୁ ସମ୍ମାନ ଓ ଭଲପାଇବା ଜଣାଇବାର ଏକ ମାଧ୍ୟମ ପାଲଟିଛି । ଏହି ବଦଳୁଥିବା ସମୟରେ ଲୋକମାନେ ଚକୋଲେଟ୍ ଏବଂ ଫୁଲ ଭଳି ପାରମ୍ପରିକ ଉପହାରରୁ ଆଗକୁ ବି କିଛି ନୂଆ ଓ ଭଲ ବିକଳ୍ପ ଖୋଜୁଛନ୍ତି । ଏହି କ୍ରମରେ କାଲିଫର୍ନିଆ ଆଲମଣ୍ଡ ଏକ ସୁନ୍ଦର ଉପହାର ଭାବେ ଉଭା ହୋଇଛି । ନୂଆ ଦିଲ୍ଲୀ ମ୍ୟାକ୍ସ ହେଲଥକେୟାରର ଡାଇଟେଟିକ୍ସ ବିଭାଗର ଆଞ୍ଚଳିକ ମୁଖ୍ୟ ରତିକା ସମଦ୍ଦାର କହିଛନ୍ତି, କାଲିଫର୍ନିଆ ଆଲମଣ୍ଡ ରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଏବଂ ଫାଇବର୍ ଥାଏ । ସକାଳେ ନିୟମିତ ଆଲମଣ୍ଡ ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର ନିୟନ୍ତ୍ରଣରେ ରହେ ଏବଂ ଇନସୁଲିନ ସ୍ତର ସନ୍ତୁଳିତ ରହିଥାଏ । ଲୋକପ୍ରିୟ ସ୍ୱାସ୍ଥ୍ୟ ପରାମର୍ଶଦାତା ଶିଲା କୃଷ୍ଣାସ୍ୱାମୀ ଓ ବଲିଉଡ୍ ଅଭିନେତ୍ରୀ ସୋହା ଅଲୀ ଭାଲେଣ୍ଟାଇନ ଡେ'ପାଇଁ କାଲିଫର୍ନିଆ ଆଲମଣ୍ଡ ଏକ ଶ୍ରେଷ୍ଠ ଉପହାର ହୋଇପାରେ ବୋଲି ମତ ଦେଇଛନ୍ତି ।

## ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ରାଧାଗୋବିନ୍ଦ ଶେଫାଳି ସଂଗ୍ରହ ଶାଳା ପରିଦର୍ଶନ

ଖୋର୍ଦ୍ଧା, (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଖୋର୍ଦ୍ଧା ପୌରାଂଚଳ ରାଧାବଲ୍ଲଭ ସାହିରେ ଥିବା ବିଶିଷ୍ଟ କ୍ରୀଡାବିତ୍ , ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱ ଦମ୍ପତି ରାଧା ଗୋବିନ୍ଦ ଦାସ ଏବଂ ତାଙ୍କର ଧର୍ମପତ୍ନୀ ଶେଫାଳିଙ୍କ ଦ୍ୱାରା ୧୯୮୫ ମସିହା ଜାନୁଆରୀ ୧୫ ତାରିଖ ରେ ସ୍ଥାପିତ କରାଯାଇଥିବା ରାଧା ଗୋବିନ୍ଦ ଶେଫାଳି ସଂଗ୍ରହ ଶାଳାକୁ ପରିଦର୍ଶନ କରି ଏହାର ସଂଗ୍ରହଣ କିମ୍ବଦନ୍ତୀ କୁ ପ୍ରଂଶସା କରିଛନ୍ତି। ରାଧା ଗୋବିନ୍ଦ ଙ୍କ ସୁପୁତ୍ର ପ୍ରାଣନାଥ ସ୍ୱୟଂଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଗୋପାଳ କୃଷ୍ଣ ଦାସ ବର୍ତମାନ ଏହି ସଂଗ୍ରହ ଶାଳା ର ତଦାରଖ କରୁଛନ୍ତି। ଏହି ସଂଗ୍ରହ ଶାଳରେ ରାଜ୍ୟ ସଂଗ୍ରହାଳୟ ପରି ୫୦ ରୁ ଉଦ୍ଧ୍ୱର୍ ଦେଶର ବିରଳ ପ୍ରତ୍ନତତ୍ୱ ଦ୍ରବ୍ୟ ସାଇତା ହୋଇ ରଖାଯାଇଛି। ସେହିପରି ରାଧା ଗୋବିନ୍ଦ ଦାସ ଙ୍କ ପିତା ଚକ୍ରଧର ଦାସ ୧୯୧୦ ମସିହାରେ ସ୍ଥାନୀୟ କଚେରୀରେ ଚାକିରି କରିଥିବାବେଳେ ସେ ମଧ୍ୟ ବିରଳ ନଥିପତ୍ର ଓ ତାଳପତ୍ର ପୋଥି ସଂଗ୍ରହ କରି ରଖିଥିବା ଗୋପାଳ କୃଷ୍ଣ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ବେଦାନ୍ତ ଝାରସୁଗୁଡାର ବିଦ୍ୟାଗ୍ରହ କାର୍ଯ୍ୟକ୍ରମ ମାଧ୍ୟମରେ

# ବୋର୍ଡ ପରୀକ୍ଷା ପୂର୍ବରୁ ୨୦୦ ଛାତ୍ରଛାତ୍ରୀଙ୍କୁ ସହାୟତା

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବ୍ୟାପକ ଶିକ୍ଷା ଶିବିର ମାଧ୍ୟମରେ ଝାରସୁଗୁଡାର ସରକାରୀ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ସହାୟତା କରିଛି। ଏହାର ବିଦ୍ୟାଗ୍ରହ ପଦକ୍ଷେପ ଅଧୀନରେ ଆୟୋଜିତ, ଜିଲ୍ଲାର ସରକାରୀ ହାଇସ୍କୁଲରେ ଏହିପରି ଚାରୋଟି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଛାତ୍ରଛାତ୍ରୀମାନଙ୍କୁ ସଂରଚିତ ବିଷୟ ମୂଲ୍ୟାଙ୍କନ ଏବଂ ବିଶେଷଜ୍ଞ ପରାମର୍ଶ ମାଧ୍ୟମରେ ସେମାନଙ୍କର ପରୀକ୍ଷା ପ୍ରସ୍ତୁତି ଏବଂ କ୍ୟାରିଅର ସମ୍ଭାବନାକୁ ଉନ୍ନତ କରିବାରେ ସାହାଯ୍ୟ କରିବା ଲକ୍ଷ୍ୟ ରଖିଛି। ୟୁଜି ହାଇସ୍କୁଲ (ସିରିଆପାଲି), ଭିଏସଏସ ହାଇସ୍କୁଲ (ବେହେରାମାଲ), ପଂଚାୟତ ହାଇସ୍କୁଲ (ବଡମାଲ) ଏବଂ ସରକାରୀ ହାଇସ୍କୁଲ (ସରବାହାଲ)ରେ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ଝାରସୁଗୁଡାର ପ୍ରାୟ ୨୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି। ଏହି ଶିବିରଗୁଡ଼ିକ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ମୌଳିକ ଧାରଣାର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି, ବୋର୍ଡ ପରୀକ୍ଷା



ପ୍ରୋଟୋକଲ ସହିତ ନିବିଡ଼ ଭାବରେ ମୂଲ୍ୟାୟନ କରାଯାଉଛି। ଏହି ପଦ୍ଧତି ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ପଦ୍ଧତି, ମୂଲ୍ୟାଙ୍କନ ପାରାମିଟର ଏବଂ ସାମଗ୍ରିକ ମୂଲ୍ୟାଙ୍କନ ପ୍ରକ୍ରିୟା ସହିତ ପରିଚିତ କରାଇବାରେ ମଧ୍ୟ ସକ୍ଷମ କରିଛି, ଯାହା ଗୁରୁତ୍ୱପୂର୍ଣ୍ଣ ବୋର୍ଡ ପରୀକ୍ଷା ପୂର୍ବରୁ ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଦକ୍ଷତା ଉଭୟକୁ ଗଠନ କରିବାରେ ସାହାଯ୍ୟ କରିଛି।

ଇ ଡି ପି ( କ ର୍ମ ଚା ରୀ ସ୍ୱେଚ୍ଛାସେବକ କାର୍ଯ୍ୟକ୍ରମ) ଅଧୀନରେ, କାର୍ଯ୍ୟକ୍ରମ ଅଧୀନରେ, ବେଦାନ୍ତ ଝାରସୁଗୁଡ଼ାର ୩୦ ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକ ଶିବିରଗୁଡ଼ିକରେ କ୍ୟାରିଅର ମାର୍ଗଦର୍ଶନ ଏବଂ ଶୈକ୍ଷିକ ପରାମର୍ଶ ଅଧିବେଶନରେ ସାମିଲ ହୋଇଥିଲେ। କମ୍ପାନୀର ଦକ୍ଷ ବୈଷୟିକ ବୃତିଗତଙ୍କ ନେତୃତ୍ୱରେ, ଏହି ଅଧିବେଶନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ବିଷୟ ଚୟନ, ଶୈକ୍ଷିକ ପଥ ଏବଂ କ୍ୟାରିଅର ସୁଯୋଗ ଉପରେ ସଂରଚିତ ଇନପୁଟ୍ ପ୍ରଦାନ କରିଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ବିକାଶ ବିଷୟରେ ସୂଚନାପ୍ରଦ ନିଷ୍ପତି ନେବାରେ ସାହାଯ୍ୟ କରିଥିଲା। ଏହି ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ଶ୍ରୀ ସି ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତ ଝାରସୁଗୁଡାରେ, ଆମେ ବିଶ୍ୱାସ କରୁ ଯେ ଶିକ୍ଷା ହେଉଛି ଦୀର୍ଘକାଳୀନ ସମ୍ପ୍ରଦାୟ ବିକାଶର ମୂଳଦୁଆ। ଆମର ବିଦ୍ୟାଗ୍ରହ ପ୍ରୟାସ ମାଧ୍ୟମରେ, ଆମେ ଶିକ୍ଷାଗତ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅର୍ଥପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛୁ। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଆମେ ନୂତନ ଏବଂ ଅଭିନବ ମାର୍ଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ।"

ସିରିଆପାଲି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଯୋସେଫ ରଣା ନିଜ ମତ ଦେଇ କହିଥିଲେ, "ମୂଲ୍ୟାୟନ ଶିବିରଗୁଡ଼ିକ ମୋତେ ବୁଝିବାରେ ସାହାଯ୍ୟ କରିଥିଲା ଯେ ବୋର୍ଡ ପରୀକ୍ଷା କିପରି ଅନୁଷ୍ଠିତ ହେବ ଏବଂ ମୋର କେଉଁଠାରେ ଉନ୍ନତି କରିବା ଆବଶ୍ୟକ। କ୍ୟାରିଅର ମାର୍ଗଦର୍ଶନ ଅଧିବେଶନଗୁଡ଼ିକ ମୋତେ ଦଶମ ଶ୍ରେଣୀ ପରେ ମୁଁ କେଉଁ ବିଷୟଗୁଡ଼ିକ ବାଛିବା ଉଚିତ ସେ ବିଷୟରେ ସ୍ପଷ୍ଟତା ମଧ୍ୟ ଦେଇଥିଲା। ଏହା ମୋତେ ମୋର ପରୀକ୍ଷା ଏବଂ ମୋର ଭବିଷ୍ୟତ ବିଷୟରେ ଅଧିକ ଆତ୍ମବିଶ୍ୱାସୀ ଅନୁଭବ କରାଇଛି।" ପ୍ରୋଜେକ୍ଟ ବିଦ୍ୟାଗ୍ରହ ଏକ ଅଗ୍ରଣୀ ଶିକ୍ଷା ପଦକ୍ଷେପ ଯାହା ସଂରଚିତ ହସ୍ତକ୍ଷେପ, ଭିତିଭୂମି ସହାୟତା, ଶିକ୍ଷକ ତାଲିମ ଏବଂ ଛାତ୍ର-କୈନ୍ଦ୍ରିକ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ଶିକ୍ଷାଗତ ପ୍ରବେଶକୁ ଉନ୍ନତ କରିବା ପାଇଁ ଇ-ଲର୍ଣ୍ଣିଂ ଦ୍ୱାରା ପ୍ରଦାନ କରାଯାଇଥିବା ସମ୍ଭାବନାଗୁଡ଼ିକୁ ବ୍ୟବହାର କରିବା ଉପରେ କେନ୍ଦ୍ରିତ। ୨୦୨୨ ମସିହାରେ ଏହାର ଶୁଭାରମ୍ଭ ହେବା ପରଠାରୁ, ଏହି ପଦକ୍ଷେପ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ୩୦୦ ରୁ ଅଧିକ ପୂର୍ବ-ରେକର୍ଡ ପାଠ ପ୍ରଦାନ କରିଛି, ଯାହା ୧୦୬ ଟି ସରକାରୀ ସ୍କୁଲରେ ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ ରଖିଛି।

## ‘ସେବା ତୀର୍ଥ’ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ

# କର୍ତ୍ତବ୍ୟ, କରୁଣା, ପ୍ରତିବଦ୍ଧତାର ପ୍ରତୀକ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ସେବା ତୀର୍ଥକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏଥିସହିତ ଦେଶବାସୀଙ୍କ ସେବା କରିବା ପାଇଁ ନିଜର ଅତୁଟ ସଂକଳ୍ପକୁ ଦୋହରାଇଛନ୍ତି । ଏହି ଅବସରରେ ସେ ‘ନାଗରିକ ଦେବୋ ଭବଃ’ର ପବିତ୍ର ଭାବନାକୁ ଏହାର ମାର୍ଗଦର୍ଶକ ଶକ୍ତି ଭାବରେ ଆଲୋକପାତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ସେବା ତୀର୍ଥର ଲୋକାର୍ପଣ ଜନସେବା ଏବଂ ନାଗରିକଙ୍କ କଲ୍ୟାଣ ପ୍ରତି ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ‘ସେବା ତୀର୍ଥ’ କର୍ତ୍ତବ୍ୟ, କରୁଣା ଏବଂ ପ୍ରଥମେ ଭାରତ ନୀତି ଲାଗି ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଏବଂ ଶକ୍ତିଶାଳୀ ପ୍ରତୀକ ଭାବରେ ଠିଆ ହୋଇଛି । ଏହା ଆଗାମୀ ପିଢ଼ିକୁ ସମସ୍ତଙ୍କ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ସେବା ଏବଂ ଅକ୍ଳାନ୍ତ ସମର୍ପଣର ପଥରେ ଚାଲିବାକୁ ପ୍ରେରଣା ଦେବ । ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଭାବରେ ଆଗକୁ ବଢ଼ିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।



ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଦେଶବାସୀଙ୍କୁ ସେବା କରିବାର ଅତୁଟ ସଂକଳ୍ପ ସହିତ ଏବଂ ନାଗରିକ ଦେବୋ ଭବଃର ପବିତ୍ର ଭାବନା ନେଇ ଆଜି ସେବା ତୀର୍ଥକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବାର ସୌଭାଗ୍ୟ ମିଳିଲା । ‘ସେବା ତୀର୍ଥ’ କର୍ତ୍ତବ୍ୟ, କରୁଣା ଏବଂ ଭାରତ ପ୍ରଥମ ନୀତି ଲାଗି ଆମ ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ଉଦାହରଣ ।ଏହା ଆଗାମୀ ପିଢ଼ିକୁ ସମସ୍ତଙ୍କ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ସେବା ଏବଂ ଅକ୍ଳାନ୍ତ ସମର୍ପଣର ପଥରେ ଚାଲିବାକୁ ପ୍ରେରଣା ଦେବ ତଥା ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଭାବରେ ଆଗକୁ ବଢ଼ିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ମୁଁ ଆଶା କରୁଛି ।

# ପ୍ରଥମ ଦିନରେ ଅନେକ ନିଷ୍ପତ୍ତି

ନୂଆଦିଲ୍ଲୀ:ସେବା ତୀର୍ଥରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସେ ଅତି ଜରୁରୀ ଫାଇଲରେ ସ୍ୱାକ୍ଷର କରିଛନ୍ତି ଯାହା ତାଙ୍କର ସେବା ଭାବନାକୁ ପ୍ରତିଫଳିତ କରୁଛି । ସେ ଆଜି ନେଇଥିବା ନିଷ୍ପତ୍ତି ଦେଶର ଚାଷୀ, ମହିଳା, ଯୁବବର୍ଗ ଏବଂ ବଞ୍ଚିତ ନାଗରିକଙ୍କ ସମେତ ସମାଜର ପ୍ରତ୍ୟେକ ବର୍ଗକୁ ଲାଭାନ୍ୱିତ୍ତ କରିବ । ପିଏମ ରାହତ ଯୋଜନାରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଜୀବନ ରକ୍ଷାକାରୀ ସୁରକ୍ଷା ମିଳିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ ରାହତ ଯୋଜନା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି । ଏହି ପଦକ୍ଷେପ ଅଧୀନରେ, ଦୁର୍ଘଟଣା ପୀଡିତମାନେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦମୁକ୍ତ



ବା କ୍ୟାସଲେସ୍ ଚିକିତ୍ସା ପାଇବେ, ଯାହାଦ୍ୱାରା ତୁରନ୍ତ ଚିକିତ୍ସା ସହାୟତା ଅଭାବରୁ କେହି ଜୀବନ ହରାଇବେ ନାହିଁ । ସେହିପରି ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣିତ କରି ୬ କୋଟି କରାଗଲା । ସରକାର ମାର୍ଚ୍ଚ ୨୦୨୭ର ଧାର୍ଯ୍ୟ ସମୟସୀମାଠାରୁ ଗୋଟିଏ ବର୍ଷରୁ ଅଧିକ ସମୟ ପୂର୍ବରୁ ୩ କୋଟି ଲକ୍ଷପତି ଦିଦିଙ୍କ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ପ୍ରଧାନମନ୍ତ୍ରୀ ଏବେ ମାର୍ଚ୍ଚ ୨୦୨୯ ସୁଦ୍ଧା ୬ କୋଟି ଲକ୍ଷପତି ଦିଦିଙ୍କ ଏକ ନୂତନ ଏବଂ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି, ଯାହା ଏହି ପଦକ୍ଷେପର ବ୍ୟାପକତା ଏବଂ ମହତ୍ୱାକାଂକ୍ଷା ଉଭୟକୁ ଦ୍ୱିଗୁଣିତ କରିଛି । କୃଷି ଭିତ୍ତିଭୂମି ପାଣ୍ଠିର ଋଣ ଲକ୍ଷ୍ୟକୁ ଦୁଇ ଗୁଣ ବୃଦ୍ଧି କରି ୨ ଲକ୍ଷ କୋଟି ଟଙ୍କା କରି ଦିଆଯାଇଛି । ଭାରତର ସମଗ୍ର କୃଷି ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଲକ୍ଷ୍ୟରେ, ପ୍ରଧାନମନ୍ତ୍ରୀ କୃଷି ଭିତ୍ତିଭୂମି ପାଣ୍ଠିର ଋଣ ଲକ୍ଷ୍ୟକୁ ୧ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ୧୦,୦୦୦ କୋଟି ଟଙ୍କାର କର୍ପସ ସହିତ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦: ନବସୃଜନର ପରବର୍ତ୍ତୀ ଧାରା ସଂପର୍କରେ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଭାରତର ନବସୃଜନ ଇକୋସିଷ୍ଟମକୁ ସଶକ୍ତ କରିବା ପାଇଁ, ବିଶେଷକରି ଡିପ୍ ଟେକ୍, ପ୍ରାରମ୍ଭିକ ପର୍ଯ୍ୟାୟ ଉପାୟ, ଉନ୍ନତ ଉତ୍ପାଦନ ଏବଂ ବ୍ରେକ୍ ଥ୍ରୁ ଟେକ୍ନୋଲୋଜି କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ୧୦,୦୦୦ କୋଟି ଟଙ୍କାର କର୍ପସ ସହିତ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫଓଏଫ) ୨.୦ କୁ ଅନୁମୋଦନ କରିଛନ୍ତି ।

## ଆଜି ଆସାମ ଗସ୍ତ କରିବେ ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମ ଗସ୍ତ କରିବେ। ପ୍ରାୟ ପୂର୍ବାହ୍ନ ୧୦:୩୦ ସମୟରେ, ଡିବ୍ରୁଗଡ଼ର ମୋରାନ ବାଇପାସରେ ଥିବା ଜରୁରୀକାଳୀନ ଅବତରଣ ସୁବିଧା (ଇଏଲଏଫ୍)ରେ ପ୍ରଧାନମନ୍ତ୍ରୀଙ୍କ ବିମାନ ଅବତରଣ କରିବ । ସେଠାରେ ସେ ଯୁଦ୍ଧ ବିମାନ, ପରିବହନ ବିମାନ ଏବଂ ହେଲିକପଟର ଗୁଡିକର ଆକାଶ ମାର୍ଗରେ ପ୍ରଦର୍ଶନ କୌଶଳ ଦେଖିବେ । ପ୍ରାୟ ଗୋଟାଏ ସମୟରେ, ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁ ପରିଦର୍ଶନ କରିବେ । ଏହା ପରେ, ପ୍ରାୟ ୧:୩୦ ସମୟରେ, ସେ ଗୌହାଟୀର ଲଚିତ ଘାଟରେ ୫,୪୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଶୁଭାରମ୍ଭ କରିବେ । ଜରୁରୀକାଳୀନ ଅବତରଣ ସୁବିଧା (ଇଏଲଏଫ୍) ଉତ୍ତର-ପୂର୍ବ ଭାରତରେ ପ୍ରଥମ । ଜରୁରୀକାଳୀନ ପରିସ୍ଥିତିରେ ସାମରିକ ଏବଂ ବେସାମରିକ ବିମାନର ଅବତରଣ ଏବଂ ଉଡ଼ାଣକୁ ସମର୍ଥନ କରିବା ପାଇଁ ଏହାକୁ ଭାରତୀୟ ବାୟୁସେନା ସହିତ ସମନ୍ୱୟରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ଏବଂ ନିର୍ମାଣ କରାଯାଇଛି ।

## ମାଦାଗାସ୍କରରେ ଗେଜାନିର ତାଣ୍ଡବ : ୩୧ ମୃତ

**ଆଣ୍ଟାନାରିଭୋ:** ମାଦାଗାସ୍କରର ମୁଖ୍ୟ ବନ୍ଦର ସହର ଟୋଆମାସିନାରେ ବାତ୍ୟା ଗେଜାନି ତାଣ୍ଡବ ରଚିଛି। ଗେଜାନି ସ୍ଥଳଭାଗ ଛୁଇଁବା ସମୟରେ ଭୟଙ୍କର ଘୂର୍ଣ୍ଣିଝଡ଼ରେ ପରିଣତ ହୋଇଥିଲା। ଏହାର ପ୍ରଭାବରେ ୩୧ ଜଣ ନାଗରିକଙ୍କର ମୃତ୍ୟୁ ହୋଇଛି। ୪ ଜଣ ନିଖୋଜ ଥିବାବେଳେ ୩୬ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଓ ପବନ ଲାଗି ରହିଥିବାରୁ ୬,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି।ଘୂର୍ଣ୍ଣିଝଡ଼ ଗେଜାନି ମଙ୍ଗଳବାର ଲ୍ୟାଣ୍ଡଫଲ୍ କରିଥିବାବେଳେ ଭୟଙ୍କର ପବନ ହୋଇଥିଲା। ଘଣ୍ଟା ପ୍ରତି ପ୍ରାୟ ୧୮୫ କିଲୋମିଟର (୧୧୫ ମାଇଲ) ବେଗରେ ପବନ ବହିଥିଲା। ସ୍ଥଳ ବିଶେଷରେ ୨୭୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଝଟ୍କା ପବନ ବହିବା ଯୋଗୁ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ପବନ ଯୋଗୁ ଅନେକ ଦୁର୍ବଳ କୋଠା ଭୁଶୁଡ଼ି ପଡ଼ିଥିଲା। କୋଠା ଭୁଶୁଡ଼ି ପଡ଼ିବା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଜାତୀୟ ବିପଦ ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଟୋମାସିନାର ପ୍ରାୟ ୭୫ ପ୍ରତିଶତ ଭିତ୍ତିଭୂମି କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଯାଇଛି, ଯେଉଁଥିରେ ଘର, ଦୋକାନ, ବିଦ୍ୟୁତ୍ ଭିତ୍ତିଭୂମି ଏବଂ ରାସ୍ତା ରହିଛି। ଅକ୍ଟୋବରରେ ଏକ ସାମରିକ ବିଦ୍ରୋହ ପରେ କ୍ଷମତାକୁ ଆସିଥିବା ରାଷ୍ଟ୍ରପତି ମାଇକେଲ ରାଣ୍ଡ୍ରିଆନିରିନା କ୍ଷୟକ୍ଷତି ଆକଳନ କରିବା ପାଇଁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ।ଜାତିସଂଘ ଆକଳନ କରିଛି ଯେ ଘୂର୍ଣ୍ଣିଝଡ଼ ମାଦାଗାସ୍କରରେ ବାର୍ଷିକ ପ୍ରାୟ ୮୫ ନିୟୁତ ଡଲାରର ଭିତ୍ତିଭୂମି କ୍ଷତି କରିଥାଏ। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ଗେଜାନି ଭାରତ ପହଞ୍ଚିବାର ସମ୍ଭାବନା ନାହିଁ। ଏହି ପ୍ରଣାଳୀ ଦକ୍ଷିଣ-ପଶ୍ଚିମ ଭାରତ ମହାସାଗର ଅଞ୍ଚଳରେ ସୀମିତ ରହିବ, ଯଦି ଏହା ପୁଣି ଶକ୍ତିଶାଳୀ ହୁଏ ତେବେ ମାଦାଗାସ୍କର ଏବଂ ସମ୍ଭବତଃ ମୋଜାମ୍ବିକର ଉପକୂଳର କିଛି ଅଂଶକୁ ପ୍ରଭାବିତ କରିବ।




## ବିହାରରେ ସାମ୍ବାଦିକଙ୍କୁ ଗୁଳି

**ପାଟନା:** ଉତ୍ତର ବିହାରର ସିୱାନରେ ଗୁରୁବାର ରାତିରେ ଏକ ପ୍ରମୁଖ ହିନ୍ଦୀ ଖବରକାଗଜର ସାମ୍ବାଦିକଙ୍କ ଉପରେ ଅପରାଧୀ ଗୁଳିମାଡ଼ କରିଛନ୍ତି। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଦିକଙ୍କୁ ଟନା ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ମୋଟର ସାଇକେଲରେ ଦୁଇ ଜଣ ଦୁର୍ବୃତ୍ତ ଆସି ଭବାନୀ ମୋର୍ଚାରେ ସାମ୍ବାଦିକ ରମେଶ ସିଂହଙ୍କ ଉପରକୁ ଅନ୍ଧାଧୂନ ଗୁଳିମାଡ଼ କରିଥିଲେ। ସାମ୍ବାଦିକ ରମେଶଙ୍କ ପେଟରେ ଗୋଟିଏ ଗୁଳି ବାଜିଥିବାବେଳେ ସେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ।ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ସିୱାନର ସଦର ହସ୍ପିଟାଲକୁ ନେଇ ଯାଇଥିଲେ। ପରେ ତାଙ୍କୁ ପାଟନା ରେଫର କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରୁଛି। ଘଟଣାସ୍ଥଳରେ ଫୋରେନସିକ ଯାଞ୍ଚ ଦଳ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ,ସିଂହ ଯଶୌଲିର ବାସିନ୍ଦା ହୋଇଥିବାବେଳେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପାକଡି ବଙ୍ଗାଳି ଯାଇଥିଲେ।ଏହି ଗୁଳିକାଣ୍ଡର କାରଣ ଖୋଜାଯାଉଥିବା ସ୍ଥାନୀୟ ଏସ୍ପି ସୂଚନା ଦେଇ କହିଛନ୍ତି। ଏହି ଘଟଣା ୨୦୧୬ ମସିହାରେ ସାମ୍ବାଦିକ ରାଜ ଦେଓ ରଞ୍ଜନଙ୍କ ହତ୍ୟାକାଣ୍ଡ କଥା ମନେ ପକାଇ ଦେଇଛି।

## ଷ୍ଟକ୍ ବଜାର କାରବାର ମାନ୍ଦା

**ମୁମ୍ବାଇ:** ବିଶ୍ୱର ବିଭିନ୍ନ ଦେଶରେ ଷ୍ଟକ୍ ବଜାର କାରବାର ମାନ୍ଦା ରହିବାରୁ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର କାରବାର ପ୍ରଭାବିତ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ଆଜି ୧୦୪୮ ପଏଣ୍ଟ୍ ହ୍ରାସ ପାଇ ୮୨,୬୨୬.୭୬ ପଏଣ୍ଟରେ ବନ୍ଦ ହୋଇଛି। ଏକ ସମୟରେ ତାହା ୧୧୪୦ ପଏଣ୍ଟ୍ ତଳକୁ ଖସିଯାଇଥିଲା। କାରବାର ଶେଷ ବେଳକୁ କିନ୍ତୁ ସେଥିରେ କିଛିଟା ସୁଧାର ଘଟିଥିଲା। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ମଧ୍ୟ ୩୩୬ ପଏଣ୍ଟ୍ ହ୍ରାସ ପାଇ ୨୫,୪୭୧ ପଏଣ୍ଟରେ ବନ୍ଦ ହୋଇଛି।ସେନ୍ସେକ୍ସ ଓ ନିଫ୍ଟିରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ବିପୁଳ କ୍ଷତି ସହିଛନ୍ତି। ସେମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।ସେନ୍ସେକ୍ସରେ ହିନ୍ଦୁସ୍ତାନ ୟୁନିଲିଭର, ଇଟର୍ନାଲ୍, ଟାଇଟାନ, ଟାଟା ଷ୍ଟିଲ୍, ଆଦାନୀ ପୋର୍ଟସ୍, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ପାୱାରଗ୍ରିଡ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ଏସିଆନ୍ ପେଣ୍ଟ୍ସ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଏଚ୍ଡିଏଫ୍ସି ବ୍ୟାଙ୍କ ଓ ଏଚ୍ସିଏଲ୍ ଟେକ୍ନୋଲୋଜିସ୍ର ସେୟାର ମୂଲ୍ୟରେ ହ୍ରାସ ଘଟିଛି। କିନ୍ତୁ ବଜାଜ ଫାଇନାନ୍ସ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସେୟାର ମୂଲ୍ୟ ବଢ଼ିଛି।ବିଶେଷଜ୍ଞମାନଙ୍କ ମତରେ ଭାରତ-ଆମେରିକା ବାଣିଜ୍ୟ ରାଜିନାମା ଦ୍ୱନ୍ଦ୍ୱ ଦୂର ହେବା ପରେ ଏବେ ସୂଚନା ପ୍ରଯୁକ୍ତି ଦୁନିଆରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରଭାବକୁ ନେଇ ବିପଦ ଦେଖାଦେଇଛି। ତାହା ଭାରତୀୟ ଆଇଟି କମ୍ପାନିଗୁଡ଼ିକର ପ୍ରତିଯୋଗିତା ଭାବକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ସେଥିପାଇଁ ନିବେଶକମାନେ ଆଇଟି କମ୍ପାନିଗୁଡ଼ିକର ସେୟାର ବିକ୍ରି କରୁଛନ୍ତି। ଟିସିଏସ୍ ସେୟାର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ସେହି ସମୟରେ ଡଲାର ଦୃଢ଼ ହୋଇଥିବାରୁ ଧାତବ କମ୍ପାନିର ସେୟାରକୁ ବିକ୍ରି ଲାଭ ଉଠାଇବାକୁ ନିବେଶକମାନେ ଉଦ୍ୟମ କରିଥିଲେ। ତାହାର ପ୍ରଭାବରେ ମଧ୍ୟ ସେନ୍ସେକ୍ସ ଓ ନିଫ୍ଟି ଦୁର୍ବଳ ହୋଇଥିଲା।

# ବିଜୟଙ୍କ ରାଲିରେ ଅଘଟଣ, ଜଣଙ୍କ ମୃତ୍ୟୁ

**ସାଲେମ (ତାମିଲନାଡୁ):** ଅଭିନେତାରୁ ନେତା ବନିଥିବା ଟିଭିକେ ମୁଖ୍ୟ ବିଜୟଙ୍କ ରାଲିରେ ପୁଣି ଅଘଟଣ। ତାମିଲନାଡୁର ସାଲେମରେ ଆଜି ବିଜୟଙ୍କ ରାଜନୀତିକ ସଭାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ୩୭ ବର୍ଷୀୟ ସୂରଜ। ସେ ଆଜି ବିଜୟଙ୍କ ବିଶାଳ ରାଜନୀତିକ ରାଲିରେ ଯୋଗ ଦେଇଥିଲେ। କିନ୍ତୁ କାର୍ଯ୍ୟକ୍ରମ ସମୟରେ ସେ ଅଚେତ ହୋଇ ଯାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂରଜଙ୍କ ଘର ମହାରାଷ୍ଟ୍ରରେ ଓ ସେ ବିଜୟଙ୍କର ଜଣେ ବଡ଼ ପ୍ରଶଂସକ। ପୋଲିସ୍ କହିଛି ଯେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସୂରଜ ପଡ଼ି ଯାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲେ। ସେ ସମ୍ଭବତଃ ହୃଦଘାତରେ ପ୍ରାଣ ହରାଇଛନ୍ତି। ତଥାପି ଘଟଣାର ତଦନ୍ତ ଚାଲିଛି। ବିଜୟଙ୍କ ରାଲିରେ ହୋଇଥିବା ଅସମ୍ଭାଳ ଭିଡ଼ର କିଛି ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ବିଜୟଙ୍କ କନଭୟ ଆଗରେ ଯାଉଥିବା ବେଳେ ଅନେକ ବାଇକ ତାଙ୍କ ପିଛା କରୁଛନ୍ତି। ବିଜୟ ସେମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଉଥିଲେ ହେଁ ସତର୍କତା ଅବଲମ୍ବନ କରିବାକୁ ସଙ୍କେତ ଦେଉଥିବା ଦେଖାଯାଉଛି। ବିଜୟ ରାଲି ସ୍ଥଳକୁ ଆସିବା ସମୟରେ ଶତାଧିକ ସମର୍ଥକ ତାଙ୍କର ଝଲକ ପାଇବାକୁ କାର ଆଗରେ ଭିଡ଼ ଜମାଇଥିଲେ। ଏଥିଯୋଗୁ ବିଜୟଙ୍କ ଡ୍ରାଇଭର ବାଧ୍ୟ ହୋଇ କାର ଅଟକାଇଥିଲେ। ପୁଲିସ୍ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ନାକେଦମ ହେଉଥିବା ଭିଡିଓରେ ଦେଖା ଯାଉଛି। ସେହିପରି ଫ୍ୟାନ୍ସ ବିଜୟଙ୍କ ଗାଡ଼ି ଘେରି ଯିବାରୁ ବେଶ କିଛି ସମୟ ସେଠାରେ ଟ୍ରାଫିକ ଚଳାଚଳ ବନ୍ଦ ହୋଇଯାଇଥିଲା। ବିଜୟଙ୍କ ରାଲିରେ ଅଘଟଣ ନୂଆ ନୁହେଁ। ଏହାପୂର୍ବରୁ ଗତବର୍ଷ ବିଜୟଙ୍କ କରୁର ରାଲିରେ ଭୟଙ୍କର ଦଳାଚକଟା ହୋଇଥିଲା। ଏଥିରେ ୪୦ ଜଣ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଥିଲେ।ବିଜୟଙ୍କୁ ଦେଖିବାକୁ ହଜାର ହଜାର ଲୋକ ଏକାଠି ହୋଇଥିବାରୁ ଏପରି ଅଘଟଣ ଘଟିଥିଲେ। ଏହି ଘଟଣାକୁ ନେଇ ରାଜନୀତିକ ବୟାନବାଜୀ ଦେଖିବାକୁ ମିଳିଥିବା ବେଳେ ଏବେ ସିବିଆଇ ଏହାର ତଦନ୍ତ କରୁଛି। ସିବିଆଇ ପକ୍ଷରୁ ମଧ୍ୟ ଏକାଧିକ ଥର ବିଜୟଙ୍କୁ ଜେରା କରାଯାଇଛି।



## ବାଂଲାରେ ହିନ୍ଦୁ ଯୁବକଙ୍କୁ ହତ୍ୟା

**ଢ଼ାକା:** ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କ ମୃତଦେହ ମିଳିଛି। ମୌଲବୀ ବଜାର ଜିଲ୍ଲାରୁ ମିଳିଥିବା ୨୮ ବର୍ଷୀୟ ହିନ୍ଦୁ ଯୁବକଙ୍କ ଦେହରେ ରହିଛି ଏକାଧିକ କ୍ଷତଚିହ୍ନ। ମୃତକ ଜଣଙ୍କ ହେଲେ ରତନ ଶୁଭ କର। ସେ ଇସଲାମପୁର ୟୁନିୟନ ଅଧୀନରେ ଚାମ୍ପାରା ଚା’ ବଗିଚାରେ କାମ କରୁଥିଲେ। ରତନଙ୍କ ମୃତଦେହକୁ ପୁଲିସ୍ ଜବତ କରିଥିବା ବେଳେ ତାଙ୍କ ହାତ ଗୋଡ଼ ବନ୍ଧା ଯାଇଥିବା ଦେଖିବାକୁ ମିଳିଛି। ଦିନ ପ୍ରାୟ ୧୦ଟା ବେଳେ ରତନଙ୍କ କ୍ଷତାକ୍ତ ମୃତଦେହକୁ ସ୍ଥାନୀୟ ଲୋକମାନେ ସେ କାମ କରୁଥିବା ଚା’ ବଗିଚାରେ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ପୁଲିସ୍କୁ ଖବର ଦେଇଥିଲେ। ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ରତନଙ୍କ ମୃତଦେହରେ ଥିବା କ୍ଷତଚିହ୍ନ ସ୍ପଷ୍ଟ ଭାବେ ଦେଖା ଯାଉଛି। ସେ ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ବେଳେ ସ୍ଥାନୀୟ ଲୋକମାନେ ଏହାକୁ ଦେଖିଥିଲେ। ତାଙ୍କର ଜଣେ ସାଥୀ ଶ୍ରମିକଙ୍କ କହିବା କଥା ଯେ ସମ୍ଭବତଃ ରତନଙ୍କୁ ଅନ୍ୟ ସ୍ଥାନରେ ହତ୍ୟା କରି ଏଠାରେ ଫିଙ୍ଗା ଯାଇଛି। ସେହିପରି ରତନଙ୍କ ହତ୍ୟା ଘଟଣା ନିର୍ବାଚନ ସହ ଲିଙ୍କ ଥିବା ଅଭିଯୋଗ ହୋଇଛି। କିନ୍ତୁ ଏସମ୍ପର୍କରେ କୌଣସି ପ୍ରମାଣ ମିଳିନି। ରତନଙ୍କ ବଡ଼ ଭାଇ ଲକ୍ଷ୍ମଣ କରଙ୍କ କହିବା କଥା ଯେ ମଙ୍ଗଳବାର ରାତିରୁ ସେମାନେ ତାଙ୍କୁ ଖୋଜୁ ଥିଲେ। ଆଜି ସକାଳେ ରତନଙ୍କ ମୃତଦେହ ଚା’ ବଗିଚାରେ ପଡ଼ିଥିବା ସେମାନେ ଖବର ପାଇଥିଲେ। ଖବର ପାଇ ସେମାନେ ସେଠାରେ ପହଞ୍ଚିବା ସହ ମୃତଦେହକୁ ଚିହ୍ନଟ କରିଥିଲେ। ରତନକୁ କିଏ ଓ କାହିଁକି ମାରିଛି ବୋଲି ଲକ୍ଷ୍ମଣ ମଧ୍ୟ ପୁଲିସ୍କୁ ପ୍ରଶ୍ନ କରିଛନ୍ତି। ପୁଲିସ୍ କହିଛି ଯେ ମୃତଦେହକୁ ଜବତ କରାଯିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସେହିପରି ଏପରି ହତ୍ୟାକାଣ୍ଡର ଲିଙ୍କ ନିର୍ବାଚନ ସହ ରହିଛି କି ନାହିଁ, ତା’ର ମଧ୍ୟ ତଦନ୍ତ ଚାଲିଛି। ଏଯାଏ କେଉଁ ପରିସ୍ଥିତିରେ ରତନଙ୍କ ମୃତ୍ୟୁ ହେଲା, ତା’ର ସୂଚନା ମିଳିନାହିଁ।

## ଓଡ଼ିଶାରେ ଜିଓ ଏୟାରଫାଇବର ଯୋଡିଛି ଦୁଇ ଲକ୍ଷରୁ ଅଧିକ ନୂତନ ଗ୍ରାହକ

**ମୁମ୍ବାଇ:** ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ୨୦୨୫ ବର୍ଷରେ ଦୁଇ ଲକ୍ଷରୁ ଅଧିକ ନୂତନ ଜିଓଏୟାରଫାଇବର ଗ୍ରାହକ ଯୋଡିବା ସହିତ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼କରିଛି ଚ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓର ଫିକ୍ସଡ଼ ଓ୍ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ସେବା ଜିଓଏୟାରଫାଇବରର ଓଡିଶାରେ ମୋଟ ଗ୍ରାହକ ସଂଖ୍ୟା ୩.୩୪ ଲକ୍ଷ ଅତିକ୍ରମ କରିଛି ଚ ଏଥିରେ ୨.୮୭ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ଏବଂ ୪୬୦୦୦ରୁ ଅଧିକୟୁବିଆର ଏଫଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି । ଜିଓଏୟାରଫାଇବର ୨୦୨୫ ବର୍ଷରେ ଓଡ଼ିଶାରେ ଏହାର ନିକଟତମ ପ୍ରତିଦ୍ୱନ୍ଦୀ ଏୟାରଟେଲ ତୁଳନାରେ ଚାରି ଗୁଣ ଅଧିକ ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ଗ୍ରାହକ ଯୋଡ଼ିଛି । ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ଏଫଡବ୍ଲୁଏ ଗ୍ରାହକ ସଂଖ୍ୟା ଜାନୁଆରୀ ୨୦୨୫ରେ ପ୍ରାୟ ୧.୫ ଲକ୍ଷ ଥିଲା, ଯାହା ଡିସେମ୍ବର ୨୦୨୫ରେ ୪ ଲକ୍ଷ ଅତିକ୍ରମ କରିଛି । ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ସର୍ବପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗେଇ ନେଇ ଚାଲିଛି । ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହ ଶେଷ ମାଇଲ୍ ଫାଇବର କନେକ୍ଟିଭିଟି ଚ୍ୟାଲେଞ୍ଜକୁ




ଦୂର କରିବା ଏବଂ ସହର, ଉପକଣ୍ଠ ତଥା ଗ୍ରାମାଞ୍ଚଳରେ ଘର ଏବଂ ଛୋଟ ବ୍ୟବସାୟଗୁଡିକୁ ନିର୍ଭରଯୋଗ୍ୟ ବ୍ରଡ଼ବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ପ୍ରଦାନ କରିବାରେ ସଫଳ ହୋଇଛି । ଡିସେମ୍ବର ୨୦୨୫ ରେ ୨୬୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କୁ ଯୋଡିବା ସହିତ, ଜିଓ ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରିଛ । ଡିସେମ୍ବର ୩୧, ୨୦୨୫ ସୁଦ୍ଧା ରାଜ୍ୟରେ ଜିଓ ନେଟଓ୍ୱାର୍କରେ ମୋଟ ହୋମ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୬.୯୨ ଲକ୍ଷ ଅତିକ୍ରମ କରିଛି ।

# ବ୍ଲାକମେଲ କରି ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ନୂଆଦିଲ୍ଲୀ: ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଖବର। ୨ ଜଣ ଯୁବକ ଜଣେ ଏକାଦଶ ଶ୍ରେଣୀର ଛାତ୍ରୀଙ୍କୁ ବ୍ଲାକମେଲ କରି ବାରମ୍ବାର ଗଣଦୁଷ୍କର୍ମ କରିଛନ୍ତି। ତାଙ୍କ ଠାରୁ ଟଙ୍କା ହଡ଼ପ କରିବା ସହ ତାଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ କରୁଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ୨ ଜଣ ଯୁବକଙ୍କୁ ପୁଲିସ୍ ଗିରଫ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ମଧ୍ୟ ଦେଖିବାକୁ ମିଳିଛି। ପୁଲିସର କହିବା କଥା ଯେ ଛାତ୍ରୀ ଜଣଙ୍କ ଶାହପୁରା ଅଞ୍ଚଳର ଗୋଟିଏ ପ୍ରସିଦ୍ଧ ସ୍କୁଲରେ ପାଠପଢ଼ନ୍ତି। ସ୍କୁଲ ଯିବା ସମୟରେ ତାଙ୍କର ବନ୍ଧୁତା ଔସାଫ ଅଲୀ ଖାନଙ୍କ ସହ ଜଣେ ବନ୍ଧୁଙ୍କ ଜରିଆରେ ହୋଇଥିଲା। ବନ୍ଧୁତା ବଢ଼ିବା ପରେ ଅଲୀ ଖାନ ତାଙ୍କୁ ଗୋଟିଏ ଦିନ ଗାଡ଼ିରେ ବୁଲିବା ପାଇଁ ନିମନ୍ତ୍ରଣ କରିଥିଲେ। ଛାତ୍ରୀ ଜଣଙ୍କ ଏଥିରେ ରାଜି ହୋଇ ଯିବାରୁ ଅଲୀ ଖାନ ତାଙ୍କୁ ଖାନଗାଓଁରେ ଥିବା ଗୋଟିଏ ପରିତ୍ୟକ୍ତ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ସେ ଛାତ୍ରୀଙ୍କୁ ଗାଡ଼ି ଭିତରେ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ ସଂପୂର୍ଣ୍ଣ ଯୋଜନାବଦ୍ଧ ଥିଲା। କାରଣ ଅଲୀ ଖାନଙ୍କ ଜଣେ ବନ୍ଧୁ ମାଜ ଖାନ ଘଟଣା ବେଳେ ଉକ୍ତ ପରିତ୍ୟକ୍ତ ସ୍ଥାନରେ ରହିଥିଲେ। ସେ ଅନ୍ଧାର ଭିତରେ ରହି କାରର ଝରକା ବାଟେ ଦୁଷ୍କର୍ମ ବେଳର ଦୃଶ୍ୟକୁ ମୋବାଇଲରେ କଏଦ କରିଥିଲେ। ମାଜ ଖାନ ଜଣେ ଜିମ ମାଲିକ। ପରବର୍ତ୍ତୀ ଅବସ୍ଥାରେ ଅଲୀ ଖାନ ଓ ମାଜ ଖାନ ଉକ୍ତ ଭିଡିଓକୁ ଭାଇରାଲ କରି ଦେବାର ଧମକ ଦେଇ ଛାତ୍ରୀଙ୍କୁ ୧ ଲକ୍ଷ ଟଙ୍କା ମାଗିଥିଲେ। ଛାତ୍ରୀ ଜଣଙ୍କ ବହୁତ କଷ୍ଟରେ ୪୦ ହଜାର ଯୋଗାଡ଼ କରି ସେମାନଙ୍କୁ ଦେଇଥିଲେ। ତଥାପି ଉଭୟ ତାଙ୍କୁ ବ୍ଲାକମେଲ କରିବା ବନ୍ଦ କରି ନଥିଲେ। ବିଭିନ୍ନ ସମୟରେ ସେମାନେ ଛାତ୍ରୀଙ୍କୁ ଡାକିବା ସହ ୪ଟି ଗାଡ଼ି ମଧ୍ୟରେ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲେ। ବାରମ୍ବାର ଏପରି ଘଟଣା ଘଟିବାରୁ ଛାତ୍ରୀ ଜଣଙ୍କ ଅଲୀ ଖାନ ଓ ମାଜ ଖାନଙ୍କ ସହ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ। ଏଥିରେ ଅଲୀ ଖାନ ରାଗି ଯାଇ ଆପତ୍ତିଜନକ ଭିଡିଓ ଛାତ୍ରୀଙ୍କ କିଛି ସାଙ୍ଗମାନଙ୍କୁ ପଠାଇ ଦେଇଥିଲେ। ସେହିପରି ଛାତ୍ରୀଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଥିଲେ। ସ୍ଥିତି ଅସମ୍ଭାଳ ହେବାରୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ସବୁ କଥା ତାଙ୍କ ଘର ଲୋକଙ୍କୁ କହିଥିଲେ। ଏହାପରେ ହିନ୍ଦୁ ସଂଗଠନ ସହାୟତାରେ ସେମାନେ ପୁଲିସ୍ରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇବା ପରେ ଅଲୀ ଖାନ ଓ ମାଜ ଖାନଙ୍କୁ ଗିରଫ କରିଛି। ସେହିପରି ୨ ସେଡାନ ଓ ଗୋଟିଏ ଥାରକୁ ଜବତ କରିଛି।



## ଆଜିର ମ୍ୟାଚ

- ଆୟର୍ଲାଣ୍ଡ - ଓମାନ
- ସ୍ଥାନ- କଲମ୍ବୋ
- ସମୟ- ସକାଳ ୧୧.୧୫
- ପ୍ରସାରଣ - ଷ୍ଟାର ନେଟୱାର୍କ

- ଇଂଲଣ୍ଡ-ସ୍କଟଲାଣ୍ଡ
- ସ୍ଥାନ- ଇଡେନଗାର୍ଡେନ
- ସମୟ - ଅପରାହ୍ନ ୩.୧୫

- ନ୍ୟୁଜିଲାଣ୍ଡ-ଦ.ଆଫ୍ରିକା
- ସ୍ଥାନ - ଅହମ୍ମଦାବାଦ
- ସମୟ - ରାତି ୭.୧୫

# ଅଷ୍ଟ୍ରେଲିଆକୁ ଧରାଶାୟୀ କଲା ଜିମ୍ବାୱେ

କଲମ୍ବୋ,୧୩।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପରେ ଜିମ୍ବାୱେ ବଡ ବିପର୍ଯ୍ୟୟ ଘଟାଇଛି। ଶୁକ୍ରବାର ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଧରାଶାୟୀ କରିଛି ଜିମ୍ବାୱେ। ଶ୍ରୀଲଙ୍କାର ଆର ପ୍ରେମଦାସା ଷ୍ଟାଡିୟମରେ ନୂଆକୀର୍ତ୍ତିମାନ ସ୍ଥାପନ କରି ଜିମ୍ବାୱେ ୨୩ ରନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି।୨୦୦୭ ଟି-୨୦ ବିଶ୍ୱକପ ପରେ ଜିମ୍ବାୱେ ପୁଣିଥରେ ଅଷ୍ଟ୍ରେଲିଆକୁ ପରାଜିତ କରିଛି।ପ୍ରଥମେ ବ୍ୟାଟିଂ ଓ ପରେ ବୋଲିଂରେ ଜିମ୍ବାୱେ କମାଲ କରିଥିବା ଅଷ୍ଟ୍ରେଲିଆ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲା।୨୦୦୭ ବିଶ୍ୱକପରେ ଜିମ୍ବାୱେ ୫ ୱିକେଟରେ ଜିତି ଥିଲା। ୧୯ ବର୍ଷ ପରେ ପୁଣି ଜିମ୍ବାୱେ ଅଷ୍ଟ୍ରେଲିଆକୁ ୨୩ ରନରେ ହରାଇଛି। ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂ ମୁଜରବାନୀଙ୍କ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ସେ ୪ ଓଭରରେ ୧୭ ରନ୍ ଦେଇ ୪ ୱିକେଟ୍ ନେଇଥିଲେ। ଶୁକ୍ରବାର ୪ ୱିକେଟ୍ ସଫଳତା ପରେ ସେ ଜିମ୍ବାୱେର ତୃତୀୟ ବୋଲର ଭାବେ ଟି-୨୦ରେ ୧୦୦ ୱିକେଟ୍ ପୂରଣ କରିଛନ୍ତି। ପୂର୍ବରୁ ସିକନ୍ଦର ରାଜା ଓ ରିଚାର୍ଡ ନାଗରଭା ୧୦୦ ୱିକେଟ୍ ସଫଳତା ହାସଲ କରିଥିଲେ।

ଜିମ୍ବାୱେ ତୃତୀୟଥର ପାଇଁ ବିଶ୍ୱକପରେ ଅଷ୍ଟ୍ରେଲିଆକୁ ହରାଇବାରେ ସଫଳତା ପାଇଛି। ୧୯୮୩ ଦିନିକିଆ ବିଶ୍ୱକପରେ ଡନକାନ ଫ୍ଲେଚରଙ୍କ ଜିମ୍ବାୱେ ୧୩ ରନରେ ଅଷ୍ଟ୍ରେଲିଆକୁ ହରାଇଥିଲା। ସେହିପରି ୨୦୦୭ ଟି-୨୦ ବିଶ୍ୱକପ ପରେ ପ୍ରସପର ଉତସେୟାଙ୍କ ଜିମ୍ବାୱେ ୫ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏବେ ସିକନ୍ଦର ରାଜାଙ୍କ ଜିମ୍ବାୱେ ଦଳ ଏହି ତାଲିକାରେ ଯୋଡି ହୋଇଛି।

ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୧୬୯ ରନ କରିଥିଲା। ଦଳ ପକ୍ଷରୁ ବ୍ରାଏନ ବେନେଟ୍ ୫୬ ବଲରେ ଅପରାଜିତ ୬୪ ରନ୍ କରିଥିଲେ। ମାରୁମନି ୩୫, ରାୟନ ବଲ ୩୫ ରନ୍ ଏବଂ ଶେଷ ଭାଗରେ ସିକନ୍ଦର ରାଜା ୧୩ ବଲରେ ୨୫ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମାର୍କସ ଷ୍ଟୋଇନିସ୍ ଓ କାମେରନ ଗ୍ରୀନ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।




୧୭୦ ରନର ପିଛା କରିଥିବା ଅଷ୍ଟ୍ରେଲିଆକୁ ଘାଇଲା କରିଥିଲା ଜିମ୍ବାୱେ। ଦ୍ୱିତୀୟ ଓଭରରେ ପ୍ରଥମ ବଲରେ ବ୍ଲେସିଂ ମୁଜରବାନୀ ୮ ରନ୍ କରିଥିବା ଯୋଶ ଇଙ୍ଗଲିସଙ୍କୁ ଆଉଟ୍ କରି ଦଳକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ଏହାପରେ ଅଷ୍ଟ୍ରେଲିଆ ଅଧିନାୟକ ଟ୍ରେଭିସ ହେଡ ୧୭, ଗ୍ରୀନ ଓ ଡେଭିଡଙ୍କୁ ଖାତା ଖୋଲିବାକୁ ଦେଇନଥିଲା ଜିମ୍ବାୱେ। ହେଡ ଓ ଗ୍ରୀନଙ୍କୁ ବ୍ରାଡ଼ ଇଭାନ୍ସ ଆଉଟ୍ କରିଥିବା ବେଳେ ଡେଭିଡଙ୍କ ୱିକେଟ୍ ନେଇଥିଲେ ମୁଜରବାନୀ। ଅଷ୍ଟ୍ରେଲିଆ ୪ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ଗ୍ଲେନ ମ୍ୟାକ୍ସୱେଲ ଓ ମାଥ୍ୟୁ ରେନସା ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଉଭୟ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ ହେଁ ଆଗକୁ ରନରେଟ୍ ଧୀରେ ଧୀରେ ବଢ଼ିବାକୁ ଲାଗିଥିଲା। ଶେଷରେ ବଡ଼ ସଟ୍ ଖେଳିବାକୁ ଯାଇ ମ୍ୟାକ୍ସୱେଲ ୩୧ ରନ୍ କରି ବର୍ଲଙ୍କ ବଲରେ ଆଉଟ୍ ହୋଇଯାଇଥିଲେ। ରେନସା ଗୋଟିଏ ପଟେ ରହି ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କୁ ଅନ୍ୟମାନେ ସହାୟତା ଦେଇନଥିଲେ। ରେନସା ୬୫ ରନର ଇନିଂସ ଖେଳି ଅଷ୍ଟମ ବ୍ୟାଟର ଭାବେ ପାଭିଲିୟନ୍ ଫେରିଥିଲେ। ଶେଷରେ ଅଷ୍ଟ୍ରେଲିଆ ଇନିଂସକୁ ୧୪୬ ରନରେ ଅଟକାଇ ଜିମ୍ବାୱେ ଐତିହାସିକ ୨୩ ରନରେ ବିଜୟ ହାସଲ କରିଛି।

## ୟୁଏଇର ସ୍ମରଣୀୟ ବିଜୟ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ଟି-୨୦ ବିଶ୍ୱକପ ଗ୍ରୁପ୍ ଡି'ରେ ୟୁଏଇ ବଡ଼ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୟୁଏଇ ୫ ୱିକେଟରେ କାନାଡାକୁ ପରାଜିତ କରିଛି। ୧୫୧ ରନର ପିଛା କରିଥିବା ୟୁଏଇକୁ ଆର୍ଯ୍ୟାନ୍ସ ଶର୍ମା ୫୩ ବଲରେ ଅପରାଜିତ ୭୪ ଓ ସୋଏବ ଖାନ୍ ୨୯ ବଲରେ ୫୧ ରନ୍ କରି ଦଳକୁ ଦମଦାର ବିଜୟ ଭେଟି ଦେଇଛନ୍ତି। ଚଳିତ ବିଶ୍ୱକପରେ ଏହା ୟୁଏଇର ପ୍ରଥମ ଓ ବିଶ୍ୱକପ ଇତିହାସରେ ଦ୍ୱିତୀୟ ବିଜୟ। ଏହି ମ୍ୟାଚରେ କାନାଡା ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା। ଜବାବରେ ୟୁଏଇ ୧୯.୪ ଓଭରରେ ୧୫୧/୫ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଜୁନେଦ ସିଦିକ ୫ ୱିକେଟ୍ ଅକ୍ତିଆର କରି ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ।

୧୫୧ ରନର ଟାର୍ଗେଟକୁ ପିଛା କରୁଥିବା ମହମ୍ମଦ ୱାଶିମଙ୍କ ୟୁଏଇ ଆରମ୍ଭରୁ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିଲା। ଅଧିନାୟକ ୱାଶିମ ମାତ୍ର ୮ ବଲରେ ୪ ରନ୍ କରି ଆଉଟ୍ ହୋଇଥିଲେ। ୟୁଏଇର ପ୍ରଥମ ୫ ଓଭରରେ ମାତ୍ର ୨୨ ରନ୍ ସଂଗ୍ରହ ହୋଇଥିଲା। ଶର୍ମା ପ୍ଲାୱାର ପ୍ଲେ ଶେଷ ଓଭରରେ ଯଶକରଣ ସିଂଙ୍କ ଶେଷ ଓଭରରୁ ୧୭ ରନ୍ ସଂଗ୍ରହ କରିଥିଲେ। ୧୫୧ର ଟାର୍ଗେଟକୁ ପିଛା କରିଥିବା ୟୁଏଇ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ୱାଶିମ ମାତ୍ର ୮ ବଲରେ ୪ ରନ୍ କରି ଆଉଟ୍ ହୋଇଥିଲେ। ୟୁଏଇ ୫ ଓଭରରେ ମାତ୍ର ୨୨ ରନ୍ କରିପାରିଥିଲା। ଶର୍ମା ପାୱାର ପ୍ଲେ ଶେଷ ଓଭରରେ ଜଶକରଣ ସିଂଙ୍କ ଓଭରରୁ ୧୭ ରନ ସଂଗ୍ରହ କରି ୟୁଏଇ ଶିବିରରେ ଉତ୍ସାହ ଭରି ଦେଇଥିଲେ। ଆର୍ଯ୍ୟାନ୍ସ ବ୍ୟାଟିଂ ଜାରି ରଖିଥିଲେ ହେଁ ଅନ୍ୟ ପଟେ ୱିକେଟ୍ ଝଡିଥିଲା। ଅନ୍ୟ ପଟେ ମୟଙ୍କ କୁମାର ଓ ହର୍ସିତ କୌଶିକ ପାଭିଲିୟନ୍ ଫେରିଥିଲେ। ପରଦିନ ଜାଫର ୩ ୱିକେଟ୍ ନେଇ କାନାଡାକୁ ବିଜୟ ସମ୍ଭାବନା ଦେଇଥିଲେ।

ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା କାନାଡା ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା। ଦଳ ପାଇଁ ହର୍ସ ଠାକରେ ୪୧ ବଲରେ ୫୦ ରନ୍ କରିଥିଲେ। ୟୁଏଇ ପକ୍ଷରୁ ଜୁନେଦ ସିକନ୍ଦର ୪ ଓଭରରେ ୩୫ ରନ୍ ଦେଇ ୫ ୱିକେଟ୍ ସଫଳତା ହାସଲ କରିଥିଲେ।

## ସର୍ବ ଭାରତୀୟ ଫକୀର ଚରଣ ଜେନା ସ୍ମାରକୀ କ୍ରିକେଟ: କେନ୍ଦ୍ରାପଡା ଚାମ୍ପିଅନ

ଚଣ୍ଡିଖୋଲ/ଚଡେଇଧରା,୧୩।୨(ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକର ରେଖିଦେଇପୁର ଖେଳପଡିଆରେ ଚାଲିଥିବା ୨ୟ ବାର୍ଷିକ ସର୍ବ ଭାରତୀୟ ଫକୀର ଚରଣ ଜେନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ପଶ୍ଚିମବଙ୍ଗ କଲକତାର ସୁହାନୀ ଇଲେଭେନ ସହିତ କେନ୍ଦ୍ରାପଡା ସନ୍ଥପୁରା ଡିସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଡ଼ିସିସି ସନ୍ଥପୁରା ବ୍ୟାଟିଙ୍ଗର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୮ ଓଭର ଖେଳରେ ୮ ୱିକେଟ୍ ହରେଇ।ଏହିଦଳ ୨୧୭ ରନ୍ ସଂଗ୍ରହ କରିଥିଲା। ଅପର ପକ୍ଷେ ଏହାର ଯବାବରେ ସୁହାନୀ ଇଲେଭେନ ୧୮ ଓଭରରେ ୯ ୱିକେଟ୍ ହରାଇ ୨୦୪ ରନ କରିଥିଲା। ଡ଼ିସିସି ସନ୍ଥପୁରା ୧୩ ରନରେ ବିଜୟି ହୋଇ ଚଳିତ ବର୍ଷର ଚାମ୍ପିୟାନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ୮ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା ବେଳେ ଫାଇନାଲ୍ ମ୍ୟାଚ୍ ଟି ୧୮ ଓଭର ବିଶିଷ୍ଟ ହୋଇଥିଲା। ବିଜୟୀ ଦଳର ସୌଭାଗ୍ୟ ସାହୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଚିନ୍ତାମ୍ଭକ ପରିଡ଼ା ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ସୌଭାଗ୍ୟ ସାହୁ ୨୦ ବଲରୁ ୫୯ ରନ ଏବଂ ପରେସ ସାମଲ ୪ ଓଭର ବୋଲିଂ କରି ୩୩ ରନ ଦେଇ ୨ ଉଇକେଟ ନେଇଥିଲେ। ସୁହାନୀ ଇଲେଭେନର ସାଗର ପ୍ରଧାନ ୨୩ ବଲରୁ ୪୬ ରନ ଏବଂ ବୁବୁନା ରାଜ ୪ ଓଭର ବୋଲିଂ କରି ୨୦ ରନ ଦେଇ ୩ ଉଇକେଟ ନେଇଥିଲେ। ଫାଇନାଲ ମ୍ୟାଚରେ ସମାଜସେବୀ ମିନତୀ ସାହୁ, ଉତ୍କଳ ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଅରୁଣକୁମାର ପରିଡ଼ା, ସାମ୍ବାଦିକ ବସନ୍ତ ମଲ୍ଲିକ,ସଚେତନ ନାଗରିକ ମଞ୍ଚ ଉପଦେଷ୍ଟା ପଙ୍କଜଚରଣ ମଲ୍ଲ,ଅଧ୍ୟାପକ ବିଜୟ କୁମାର ଦାଶ, ସାମ୍ବାଦିକ ଅସିତକୁମାର ନାୟକ, ସନାତନ ମଲ୍ଲିକ ପ୍ରମୁଖ ଯୋଗଦେଇ ରନର୍ସଅପ ଟ୍ରଫି ସହିତ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ମାନସ ବାରିକ ଏବଂ ବଳରାମ ମଲ୍ଲ ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜ ଟ୍ରଫି ପ୍ରଦାନ କରିଥିଲେ।



## ପୂର୍ବାଞ୍ଚଳ ଆନ୍ତବିଶ୍ୱବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା ଉଦଯାପିତ

ବାଲେଶ୍ୱର,୧୩।୨(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୦ ରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା୨୦୨୬ ଉତ୍ସାହ ଓ କ୍ରୀଡ଼ାମନୋଭାବ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଯାଇଛି । ପୂର୍ବ ଭାରତର ସାତଟି ରାଜ୍ୟରୁ ଆସିଥିବା ୨୭ଟି ବିଶ୍ୱବିଦ୍ୟାଳୟ ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ । ଚାରିଦିନିଆ ଏହି କ୍ରୀଡ଼ା ଉତ୍ସବରେ ପ୍ରାୟ ୫୦୦ ଛାତ୍ରୀ ନିଜ କ୍ରୀଡ଼ା ଯୋଗ୍ୟତା ଓ ଅନ୍ତିମ ପର୍ଯ୍ୟାୟରେ ଉତ୍କୃଷ୍ଟ ପ୍ରତିଭା, ଶୃଙ୍ଖଳା ଓ କ୍ରୀଡ଼ାସ୍ଫୂର୍ତ୍ତିର ପ୍ରଦର୍ଶନ କରିଥିଲେ । ସମାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା । ଧ୍ୱଜାବତରଣୀ ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କଫର ନରେଶ କୁମାର ଉପସ୍ଥିତ ରହିଥିଲେ । ସେ ପ୍ରତିଯୋଗିତାର ସୁଚିନ୍ତିତ ପରିକଳ୍ପନା ଓ ସୁଚାରୁ ପରିଚାଳନା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଉପସ୍ଥିତ ରହି କ୍ରୀଡ଼ାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହି ଗୌରବମୟ ଆୟୋଜନରେ ସହଯୋଗ ଓ ସଫଳ କରିଥିବା ହେତୁ ଦଳର କୋଚ୍, ମ୍ୟାନେଜର, ରେଫେରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆସନ୍ତା ସମଗ୍ର ଭାରତ ଅନ୍ତ-ବିଭାଗୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା, ଯାହା ମୁମ୍ବାଇସ୍ଥିତ ଏସ୍ଏନ୍ଡିଟି ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ, ସେଥିରେ ଅଂଶଗ୍ରହଣ ପାଇଁ ନିମ୍ନଲିଖିତ ଦଳମାନେ ଯୋଗ୍ୟତା ଅର୍ଜନ କରିଛନ୍ତି । ପ୍ରଥମ ସ୍ଥାନ : ଉକିଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା,ଦ୍ୱିତୀୟ ସ୍ଥାନ: କିଟ୍ସ ବିଶ୍ୱବିଦ୍ୟାଳୟ, ଓଡ଼ିଶା ,ତୃତୀୟ ସ୍ଥାନ : ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ, ଛତିଶଗଡ଼,ଚତୁର୍ଥ ସ୍ଥାନ: ସହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟ, ବସ୍ତର, ଛତିଶଗଡ଼ ଏହି ସମଗ୍ର ପ୍ରତିଯୋଗିତା କ୍ରୀଡ଼ା ପରିଷଦର ଉପନିର୍ଦ୍ଦେଶକ ଡ଼କଫର ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ତତ୍ତ୍ୱାବଧାନ ଓ ସୁଚାରୁ ସମନ୍ୱୟରେ ସଫଳତାର ସହ ସମ୍ପନ୍ନ ହୋଇଥିଲା ।

### ପ୍ରଶାନ୍ତ ମେମୋରିଆଲ କ୍ରିକେଟ୍

## ପ୍ରଦର୍ଶନୀ ମ୍ୟାଚରେ କମିଶନରେଟ୍ ପୋଲିସ, ଓଡ଼ିଶା ସିନେ ଆର୍ଟିଷ୍ଟ ବିଜେତା

ଭୁବନେଶ୍ୱର,୧୩।୨(ସବ୍ୟୁ): ଭୁବନେଶ୍ୱର ବାରା ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୧ତମ ପ୍ରଶାନ୍ତ ରାଉତ ସ୍ମାରକୀ ଅଲଓଡ଼ିଶା ଆଇନଜୀବୀ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଦୁଇଟି ପ୍ରଦର୍ଶନୀ ମ୍ୟାଚରେ କମିଶନରେଟ୍ ପୋଲିସ୍ ଏବଂ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏସନ ବିଜୟୀ ହୋଇଛନ୍ତି। ପ୍ରଥମ ପ୍ରଦର୍ଶନୀ ମ୍ୟାଚରେ କମିଶନରେଟ୍ ପୋଲିସ ଏକାଦଶ ୪୪ ରନ ବ୍ୟବଧାନରେ ପ୍ରଶାସନିକ ଏକାଦଶକୁ ପରାଜିତ କରି ବିଜେତା ହୋଇଥିଲା। ଏହି ମ୍ୟାଚରେ କମିଶନରେଟ୍ ପୋଲିସ ୧୫ ଓଭରରେ ୬ ୱିକେଟ୍ ହରାଇ ୧୧୭ ରନ କରିଥିଲା। ଜବାବରେ ପ୍ରଶାସନିକ ଏକାଦଶ ୧୪.୨ ଓଭରରେ ୭୩ ରନ କରି ଅଲଆଉଟ୍ ହୋଇଥିଲା। କମିଶନରେଟ୍ ପୋଲିସ ଏକାଦଶର ବିଶ୍ୱଜିତ ସ୍ୱାଇଁ ୧୨ ବଲରୁ ୨୩ ରନ୍ ଓ ୨ ୱିକେଟ୍ ଅକ୍ତିଆର କରି ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଜିତ ହୋଇଥିଲେ। ସେହିଭଳି ଦ୍ୱିତୀୟ ପ୍ରଦର୍ଶନୀ ମ୍ୟାଚରେ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏସନ୍ ୯୦ ରନ୍ ବ୍ୟବଧାନରେ ଓଜସା ଏକାଦଶକୁ ପରାଜିତ କରିଛି। ଏହି ମ୍ୟାଚରେ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏସନ୍ ଏକାଦଶ ବିସ୍ଫୋରକ ବ୍ୟାଟିଂ କରି ୧୫ ଓଭରରେ ୪ ୱିକେଟ୍ ହରାଇ ୨୨୮ ରନ୍ କରିଥିଲା। ଜବାବରେ ତୁଷାର ସେନାପତିଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁଁ ଓସଜା ଏକାଦଶ ୧୫ ଓଭରରେ ୪ ୱିକେଟ୍ ହରାଇ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ସିନେ ଆର୍ଟିଷ୍ଟ ଏକାଦଶର ସନ୍ଦୀପ ମିଶ୍ରଙ୍କୁ ୩୦ ବଲରୁ ୮୩ ରନର ଇନିଂସ ପାଇଁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅତିଥି ଭାବେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ୍ସ ସଂଘ ସଭାପତି ସମୀର ମହାନ୍ତି, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଏବଂ ଭୁବନେଶ୍ୱର ବାର ସଂଘର ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




ରନର୍ସ ଅପ୍ ଓସଜା

## ଡିୟୁ ଫ୍ରେଣ୍ଡସ କପ୍ କ୍ରିକେଟ
## ଭେଟେରାନ ମ୍ୟାଚରେ ଚଣ୍ଡିଖୋଲ ବିଜୟୀ

ଚଣ୍ଡିଖୋଲ,୧୩।୨(ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଖେଳ ପଡିଆରେ ଚଣ୍ଡିଖୋଲ ଫ୍ରେଣ୍ଡସ ସ୍ପୋର୍ଟ୍ସ ଆଣ୍ଡ କଲ୍ଚରାଲ ଆସୋସିଏସନ୍ ପକ୍ଷରୁ ଚାଲିଥିବା ୧୧ତମ ରାଜ୍ୟ ସ୍ତରୀୟ ଡିୟୁ ଫ୍ରେଣ୍ଡସ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ଭେଟେରାନ ମ୍ୟାଚ ଆଜି ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ବିଜୟ କୁମାର ମାହାଲାଙ୍କ ସ୍ମୃତିରେ ଆୟୋତିତ ବନ୍ଧୁତ୍ୱପୂର୍ଣ୍ଣ ଭେଟେରାନ ମ୍ୟାଚରେ ଯାଜପୁର ଭେଟରାନ ଓ ଚଣ୍ଡିଖୋଲ ଭେଟରାନ ପରସ୍ପରକୁ ଭେଟିଥିଲେ। ଚଣ୍ଡିଖୋଲ ପ୍ରଥମେ ଟସ ଜିତି ବ୍ୟାଟିଙ୍ଗ କରି ୧୫୧ ରନ ସଂଗ୍ରହ କରିଥିଲେ। ଜବାବରେ ଯାଜପୁର ଭେଟରାନ ୧୩୮ ରନ କରି ପରାଜୟ ବରଣ କରିଥିଲେ।ଏହି ମ୍ୟାଚକୁ ଦର୍ପଣ ଅତିରିକ୍ତ ତହସିଲଦାର ପବିତ୍ରକୁମାର ମଲ୍ଲିକ ଉଦଘାଟନ କରିଥିଲା ବେଳେ ବଡ଼ଚଣା ଥାନାର ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଚଣ୍ଡିଖୋଲ ବାର ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ଦାଶ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।ସଭାପତି ଦେବାରଞ୍ଜନ ସ୍ୱାଇଁ,ସମ୍ପାଦକ ଦେବେନ୍ଦ୍ର ବଳ,ସମରେନ୍ଦ୍ର ମାହାଲା,ଛବିନ୍ଦ୍ର ବାରିକ,ସମସ୍ତ ସହଯୋଗୀ ଉତ୍ସବ ପରିଚାଳନା କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ପେମେଣ୍ଟ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍ :classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ଭାରତ-ପାକିସ୍ତାନ ମ୍ୟାଚରେ ବର୍ଷା ସମ୍ଭାବନା

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ଆଗାମୀ ୧୫ ତାରିଖରେ ଚଳିତ ଟି-୨୦ ବିଶ୍ୱକପର ହାଇଭୋଲଟେଜ୍ ମ୍ୟାଚ ଭାରତ-ପାକିସ୍ତାନ ମଧ୍ୟରେ ମ୍ୟାଚ ଖେଳାଯିବ। ଶ୍ରୀଲଙ୍କାର କଲମ୍ବୋ ସ୍ଥିତ ଆର୍ ପ୍ରେମଦାସା ଷ୍ଟାଡିୟମରେ ଦୁଇ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଟି-୨୦ ବିଶ୍ୱକପରେ ନବମ ଥର ପାଇଁ ଦୁଇ ଦେଶ ଭେଟାଭେଟି ହେବାକୁଯାଉଛନ୍ତି। ଭାରତ ଏବେ ୭ଟି ମ୍ୟାଚ ଜିତିଥିବା ବେଳେ ପାକିସ୍ତାନ ୨୦୨୨ରେ ଶେଷଥର ପାଇଁ ଭାରତକୁ ପରାଜିତ କରିଥିଲା। ବହୁ ପ୍ରତିକ୍ଷୀତ ମ୍ୟାଚ ପାଇଁ ସମସ୍ତେ ଅପେକ୍ଷା କରିଥିବା ବେଳେ ରବିବାର କଲମ୍ବୋରେ ପାଗ କେମିତି ରହିବ ସେ ସମ୍ପର୍କରେ ଜାଣିବା ପାଇଁ ଆଗ୍ରହୀ ଅଛନ୍ତି। ବର୍ଷା ଯୋଗୁଁ ଭାରତ-ପାକିସ୍ତାନ ମ୍ୟାଚ ପ୍ରଭାବିତ ହେବ କି ବୋଲି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ୧୫ ତାରିଖରେ କଲମ୍ବୋରେ ପାଗ ଭଲ ରହିବ ନାହିଁ। ମ୍ୟାଚରେ ବର୍ଷାର ପ୍ରଭାବ ପଡିବାର ଆଶଙ୍କା ରହିଛି। ଶ୍ରୀଲଙ୍କାରେ ପ୍ରାୟ ମାସେ ହେବ ପ୍ରାୟ ଅଧିକାଂଶ ସମୟରେ ଅପରାହ୍ଣରେ ବର୍ଷା ହେଉଛି। ରବିବାର ମଧ ବର୍ଷା ହେବାର ଆଶଙ୍କା ରହିଛି। ବର୍ଷା ଯୋଗୁଁ ପୁରା ମ୍ୟାଚ ବାତିଲ ହେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା। ପ୍ରାୟ ୬୫% ବର୍ଷା ସମ୍ଭାବନା ରହିଛି। ସନ୍ଧ୍ୟା ୬ଟାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାମାନ କରିଛି। ରବିବାର କଲମ୍ବୋ ଆକାଶ ମେଘାଛନ୍ନ ରହିବା ସହ ପ୍ରବଳ ଗୁଳିଗୁଳି ଅନୁଭବ ରହିପାରେ। ସେହିଭଳି ବର୍ଷା ଯୋଗୁଁ ମ୍ୟାଚ ବାଧାପ୍ରାପ୍ତ ହୋଇପାରେ। ଦିନ ୧୨ଟାରୁ ୨ଟା ଯାଏଁ ଆଖପାଖ ଅଞ୍ଚଳରେ ବର୍ଷା ହେବ। ଦିନ ୩ଟା ବେଳକୁ କଲମ୍ବୋରେ ହାଲୁକା ବର୍ଷା ଆରମ୍ଭ ହେବ। ୪ଟା ବେଳକୁ ବର୍ଷାର ପରିମାଣ ବଢ଼ିବ। ୫ଟାରେ ଅତି ପ୍ରବଳ ବର୍ଷା ହୋଇପାରେ। ୬ଟା ବେଳକୁ ବର୍ଷା କମିବ। ସେହିପରି ମ୍ୟାଚ ୭ଟାରେ ଆରମ୍ଭ ହେବାର ଅଛି। ମଝିରେ ମଝିରେ ମଧ୍ୟହ୍ନ ଧରଣର ବର୍ଷା ହୋଇପାରେ।

### ତମାଣ୍ଡୋ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ୬ଷ୍ଠ ଲିଗରେ ଏମସିସି କାକଟପୁର ବିଜୟୀ

ଭୁବନେଶ୍ୱର,୧୩।୨(ସବ୍ୟୁ): ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଆଦିତ୍ୟ ଏକାଦଶ ଓ ଏମସିସି କାକଟପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୬ଷ୍ଠ ଲିଗ ମ୍ୟାଚରେ ଏମସିସି କାକଟପୁର ୪ ୱିକେଟରେ ଆଦିତ୍ୟ ଏକାଦଶକୁ ପରାସ୍ତ କରିଥିଲା। କାକଟପୁର ଦଳ ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।ତେଣୁ ଆଦିତ୍ୟ ଏକାଦଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। କାକଟପୁର ଦଳ ପକ୍ଷରୁ ଶୁଭମ ଶତ୍ରୁଜିମ ୫୩ ବଲରେ ୧୦୪ ରନ କରିଥିଲେ ଆଭାବିନ ସିଂ ୯ ବଲରେ ୩୪ ରନ କରିଥିଲେ। କାକଟପୁର ଦଳ ପକ୍ଷରୁ ବିଭୁତି ଗୋଛାୟତ ୪ ଓଭର ବୋଲିଂ କରି ୨୩ ରନ ଦେଇ ୩ ଟି ୱିକେଟ ଦଖଲକୁ ନେଇଥିଲେ।ଖେଳର ଦ୍ୱିତୀୟ ଇନିଙ୍ଗସରେ ଏମସିସି କାକଟପୁର ଦଳ ୨୩୫ ରନର ବିଜୟ ଲକ୍ଷ ନେଇ ୧୯.୨ ଓଭରରେ ୬ ୱିକେଟ ହରାଇ ୨୩୫ ରନ କରି ବିଜୟୀ ହୋଇଥିଲେ। କାକଟପୁର ଦଳର ପ୍ରବିଣ କୁମାର ୩୫ ବଲରେ ୭୧ ରନ, ଦୁର୍ଗା ପ୍ରସାଦ ବେହେରା ୨୫ ବଲରେ ୪୪ ରନ, ଆକାଶ ତ୍ରିପାଠୀ ୧୩ ବଲରେ ୩୦ ରନ କରି ଦଳକୁ ବିଜୟ ଆଡକୁ ଟାଣି ନେଇଥିଲେ। ସେହିଭଳି ଆଦିତ୍ୟ ଏକାଦଶ ପକ୍ଷରୁ ଜାମଲା ମହାପାତ୍ର ୪ ଓଭର ବୋଲିଂ କରି ୩୨ ରନ ଦେଇ ୪ଟି ୱିକେଟ ଦଖଲକୁ ନେଇଥିଲେ।ଆଜିର ମ୍ୟାଚରେ ମା ଆଦିଶକ୍ତି ଭଣ୍ଡାର ର ପ୍ରୋପାଇଟର ସୁକାନ୍ତ କୁମାର ବେହେରା ଅତିଥି ଭାବେ ଯୋଗ ଦେଇ ପ୍ରବିଣ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।ଆଜିର ମ୍ୟାଚ ପରିଚାଳନା କରିଥିଲେ ବିଭୁ ପ୍ରସାଦ ଚୌଧୁରୀ ଓ ସମରେନ୍ଦ୍ର ପାତ୍ର। ଆଶନ୍ତା କାଲି ବିଜେତା ୱାରିଅସ ଓ ଟିସିସି ଭୁବନେଶ୍ୱର ପରସ୍ପରକୁ ଭେଟିବେ।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି